

ଆସିବ
ମୁନ୍ନା ଭାଇ ୩
▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-123 ◆THURSDAY ◆30 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୩ ◆ଗୁରୁବାର ◆୩୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ୨୦ ଦିନ ତଳେ ହୋଇଥିଲା ଯୁଦ୍ଧବିରତି ଚୁକ୍ତି

## ଗାଜାରେ ପୁଣି ଇସ୍ରାଏଲର ଆକ୍ରମଣ; ୧୦୪ ମୃତ

■ **ତେଲ ଅଭିଭ୍, ୨୯ ।୧୦(ଏଜେନ୍ସି):** ଗାଜାରେ ଅସ୍ତ୍ରବିରତି ଲାଗୁ ହେବା ପରେ ଇସ୍ରାଏଲ ପୁଣିଥରେ ଏକ ବଡ଼ଧରଣର ଆକ୍ରମଣ କରିଛି। ମଙ୍ଗଳବାର ଇସ୍ରାଏଲ ବାୟୁସେନାର ଆକ୍ରମଣରେ ଅତିକମ୍‌ରେ ୧୦୪ ଜଣ ପାଲେଷ୍ଟାଇନ୍ ନାଗରିକ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୪୬ ଜଣ ପିଲା ସାମିଲ ଅଛନ୍ତି ବୋଲି ପାଲେଷ୍ଟାଇନ୍ ସିଭିଲ ଡିଫେନ୍ସ ତରଫରୁ କୁହାଯାଇଛି। ତେବେ ହମାସ ପ୍ରଥମେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା ଓ ଗାଜାରେ ନିୟୋଜିତ ଇସ୍ରାଏଲ ସୈନିକଙ୍କ ଉପରେ ପ୍ରଥମେ ଆକ୍ରମଣ କରିଥିଲା ବୋଲି ଇସ୍ରାଏଲ ତରଫରୁ ଅଭିଯୋଗ କରାଯାଇଛି। ତେବେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଆମେ ଅସ୍ତ୍ରବିରତି ପାଳନ କରୁଛୁ ବୋଲି ହମାସ ତରଫରୁ କୁହାଯାଇଛି।

ଗାଜା ସିଟି, ଖାନ୍ ୟୁନୁସ, ବେଇତ ଲାହିଆ ଓ ଅଲ ବୁରେଜି ସ୍ଥିତ ଘନ ଜନବସତି ଅଞ୍ଚଳ ଉପରେ ଇସ୍ରାଏଲ ଆକ୍ରମଣ କରିଥିଲା। ▶ପୃଷ୍ଠା-୭



### ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ଉପରେ ହେଲିକପ୍ଟରରୁ ଆକ୍ରମଣ

## ୪ ପୁଲିସ କର୍ମଚାରୀ ସମେତ ୬୪ ମୃତ, ୮୦ ଗିରଫ

■ **ରିଓ ହି ଜେନେରିଓ, ୨୯ ।୧୦ (ଏଜେନ୍ସି):** ବ୍ରାଜିଲରେ ଡ୍ରଗ୍ସ ମାଫିଆଙ୍କ ବିରୋଧରେ ଆରମ୍ଭ ହୋଇଛି ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ। ଡ୍ରଗ୍ସ ମାଫିଆ ଏବଂ ଅସ୍ତ୍ର ଚାଲାଣ ରାକେଟ ଚଳାଉଥିବା ଗୋଷ୍ଠୀକୁ ମୂଳପୋଛ କରିବା ଲକ୍ଷ୍ୟରେ ପୁଲିସ ହେଲିକପଟର ଓ ଡ୍ରୋନ ସହାୟତାରେ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଚଳାଇଛି। ଏହି କାର୍ଯ୍ୟାନୁଷ୍ଠାନରେ ୬୪ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣଙ୍କୁ ଗିରଫ କରାଯାଇଛି। କୁଖ୍ୟାତ ଡ୍ରଗ୍ସ ସଂଗଠନ 'ରେଡ କମାଣ୍ଡ' ବିରୋଧର ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ବୋଲି ସରକାରୀ ଭାବେ କୁହାଯାଇଛି।

ଗତକାଲି ସକାଳେ ରାଜଧାନୀ ରିଓ ଡି ଜାନେଇରୋରେ ୨୫୦୦ ପୁଲିସ୍ କର୍ମଚାରୀ ହେଲିକପ୍ଟର ସହାୟତାରେ ଡ୍ରଗ୍ସ ମାଫିଆ ଓ ଅପରାଧୀଙ୍କ ଅଞ୍ଚଳରେ ଚଢ଼ାଉ କରିଥିଲା। ପୁଲିସ ଟିମ୍ ଆଗକୁ ବଢୁଥିବା ବେଳେ ଆକାଶମାର୍ଗରୁ ସେମାନଙ୍କୁ ସୁରକ୍ଷାର ଦେଉଥିଲା ▶ପୃଷ୍ଠା-୭



### ଇ-କେୱାଇସି କରି ନ ଥିବାରୁ ମିଳିଲାନି ଚାଉଳ

## ଅନାହାରରେ ଆଖି ବୁଜିଲେ ବୃଦ୍ଧ !

■ **ଭୁବନେଶ୍ୱର, ୨୯।୧୦ (ସମିସ):** ନବୀନ ପଟ୍ଟନାୟକ ସରକାର ସମୟରେ ଓଡ଼ିଶା ରାଜ୍ୟର ଚାଉଳ ଆବଶ୍ୟକତା ପୂରଣ କରି ଅନ୍ୟ ରାଜ୍ୟକୁ ଚାଉଳ ଯୋଗାଇବାକୁ ସକ୍ଷମ ହୋଇଥିଲା। ଗରିବଙ୍କ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବା ନିମନ୍ତେ ପ୍ରଣୟନ ହୋଇଥିବା ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ଓଡ଼ିଶା ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ଏଥିପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଆନ୍ତର୍ଜାତୀୟସ୍ତରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେତେବେଳେ ଚାଉଳ ଉତ୍ପାଦନରେ ଆରମ୍ଭ ହୋଇଥିବା ଧାରା ଏବେ ବି ଅବ୍ୟାହତ ରହିଛି। ରାଜ୍ୟରେ ବିପୁଳ ପରିମାଣର ଧାନ ଉତ୍ପାଦିତ ହେଉଛି, ସରକାରଙ୍କ ଗୋଦାମରେ ଲକ୍ଷଲକ୍ଷ ଟନ୍ ଚାଉଳ ଗଚ୍ଛିତ ରହିଛି। ମାତ୍ର ଇ-କେୱାଇସି ଅପଡେଟ୍ କରି ନ ଥିବା ଯୋଗୁଁ ରାଜ୍ୟର ଲକ୍ଷଲକ୍ଷ ଗରିବ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଛନ୍ତି। ଏହି କ୍ରମରେ ଇ-କେୱାଇସି ନ କରିବା ଯୋଗୁଁ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ରାସୋଳ ପଞ୍ଚାୟତର ରିସା ମାଙ୍କଡ଼ିଆ ନାମକ ଜଣେ ବୃଦ୍ଧ ଅନାହାରରେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। କୁହାଯାଉଛି ଯେ ବୟସାଧିକ୍ୟ ଯୋଗୁଁ ସରକାରଙ୍କ ନିୟମ ଅନୁସାରେ ବୃଦ୍ଧ ଜଣକ ଜନସେବା କେନ୍ଦ୍ର ଯାଇ ଇ-କେୱାଇସି କରି ପାରିଲେ ନାହିଁ। ବ୍ୟବସ୍ଥା ଅନୁସାରେ ପ୍ରଶାସନ ପକ୍ଷରୁ କେହି ଯାଇ ତାଙ୍କର ଇ-କେୱାଇସି କଲେ ନାହିଁ । ଫଳରେ ସରକାରଙ୍କ ପକ୍ଷରୁ ତାଙ୍କୁ ମିଳୁଥିବା ଚାଉଳ ବନ୍ଦ ହୋଇଗଲା। ଯାହା ଫଳରେ ସେ ଖାଦ୍ୟାଭାବରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି ।



ଫାଇଲ୍ ଫଟୋ

ଅନ୍ତ୍ୟୋଦୟ କାର୍ଡ (୧୩୧୦୨୧୧୫୯୯)ରେ ରିସା ପୂର୍ବରୁ ଚାଉଳ ପାଉଥିଲେ; କିନ୍ତୁ ଗତ ଜୁନ ମାସ ପରଠାରୁ ତାଙ୍କୁ କୌଣସି ଚାଉଳ ମିଳିନଥିଲା। ସେ ବାରମ୍ବାର ଡିଲରଙ୍କ ପାଖକୁ ଯାଉଥିଲେ ମଧ୍ୟ ତାଙ୍କର ଇ-କେୱାଇସି ହୋଇନଥିବାରୁ ତାଙ୍କ ପାଇଁ ଚାଉଳ ଆସୁ ନ ଥିବା ଉତ୍ତର ମିଳିଥିଲା। ନିଜର ବୟସାଧିକ ଯୋଗୁଁ ସେ କୌଣସି କାମ କରିପାରୁନଥିଲେ। ନିଜ ଘରେ ଭୋକ ଉପାସରେ ପଡ଼ି ରହିଥିଲେ। ପଡ଼ୋଶୀମାନେ ବେଳେ ବେଳେ କିଛି ଖାଇବାକୁ ଦେଉଥିଲେ। ଏଭଳି ଅବସ୍ଥାରେ ତାଙ୍କର ଗତ ୨୨ ତାରିଖ ଦିନ ▶ପୃଷ୍ଠା-୭



## ଦୁଷ୍କର୍ମ ପରେ ଜାଳିଦେଲେ

### ଚାଷ ଜମିରୁ ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

■ **ବଲାଙ୍ଗିର/ଦେଓଗାଁ, ୨୯ ।୧୦ (ସମିସ):** ରାଜ୍ୟରେ ଶାସନ ବ୍ୟବସ୍ଥାରେ ଅରାଜକତା ସୃଷ୍ଟି ହୋଇଥିବାବେଳେ ଆଇନଶୃଙ୍ଖଳା ଭୁଷୁଡି ପଡ଼ିଛି। ମହିଳାମାନେ ସବୁଠାରୁ ଆତଙ୍କିତ ଅବସ୍ଥାରେ ଗତି କରୁଛନ୍ତି। ଶାସକ ବିଜେପି ରାଜ୍ୟରେ ମହିଳାଙ୍କୁ 'ସୁଭଦ୍ରା' ସମ୍ବୋଧନ କରି ମାନ ସମ୍ମାନ ଦେବା କଥା କହୁଥିବାବେଳେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ଓ ହତ୍ୟା ଘଟଣା ସାମ୍ନାକୁ ଆସୁଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ପୁଣି ଜଣେ ମହିଳାଙ୍କୁ ଦୁଷ୍କର୍ମ ପରେ ନିଆଁରେ ପୋଡ଼ି ହତ୍ୟା କରାଯିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା ଘଟଣାର ୨୪ ଘଣ୍ଟା ନ ପୂରୁଣୁ ସେହି ଅଞ୍ଚଳର ଗଏଲପିଟା ନିକଟସ୍ଥ କପା ଓ ଧାନ କିଆରୀ ମଝିରେ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ମିଳିବା ଦେଓଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଚାଲିଛି। ଖବର ପାଇ ପୁଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।

ବୁଧବାର ସକାଳେ ସ୍ଥାନୀୟ କିଛି ଯୁବକ ଛେଳି ଚରାଇବାକୁ ଯାଇଥିବା ବେଳେ ଜମିରେ ମହିଳାଙ୍କ ଶବ ପଡିଥିବା ଦେଖିଥିଲେ। ଗାଁଲୋକଙ୍କୁ କହିବା ପରେ ଜମି ମାଲିକ ସ୍ଥାନୀୟ ଫାଣ୍ଡିରେ ଖବର ଦେଇଥିଲେ। ଖବର ପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍‌କୁ ଖବର ଦେବାପରେ ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରାଯାଇଛି। ମହିଳାଙ୍କୁ ପ୍ରଥମେ ଦୁଷ୍କର୍ମ ଓ ପରେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ▶ପୃଷ୍ଠା-୭

### ସଫେଇ କର୍ମଚାରୀଙ୍କୁ ଚାକିରି ମାମଲା

## ୧୩ ଲକ୍ଷ ଟଙ୍କା ଜବତ, ୧୮ ଏଜେଣ୍ଟ ଅଟକ



■ **ସମ୍ବଲପୁର, ୨୯।୧୦ (ସମିସ):** ସଫେଇ କର୍ମଚାରୀ ଚାକିରି ବିକ୍ରି ମାମଲାରେ ଗତ ୨୩ ତାରିଖ ପର୍ଦ୍ଦାଫାସ ହେବା ପରଠାରୁ ପ୍ରତିଦିନ ନୂତନ ତଥ୍ୟ ଲୋକଲୋଚନକୁ ଆସିବା ସହ ବହୁସଂଖ୍ୟାରେ ଲୋକ ଆସି ଅଭିଯୋଗ କରୁଛନ୍ତି। ଏହି ମାମଲାରେ ବିଭିନ୍ନ ଜିଲ୍ଲାର ଶହ ଶହ ଗରିବ ପରିବାର ଠକେଇର ଶିକାର ହୋଇଛନ୍ତି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାହୁଲ ଓରଫ୍ ସମ୍ରାଟ ସାହୁ ଓ ସହଯୋଗୀ ପଦ୍ମାବତୀ ତାଣ୍ଡି ଗିରଫ ହୋଇଛନ୍ତି। ରାହୁଲକୁ ରିମାଣ୍ଡରେ ଆଣି ପଚରାଉଚୁରା ▶ପୃଷ୍ଠା-୭

## ବାତ୍ୟା ଗଲା; ୨ରୁ ପହିଲି ଶୀତ

### ୬ ଡିଗ୍ରୀ କମିବ ତାପମାତ୍ରା

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଗଭୀର ଅବପାତରେ ପରିଣତ ହୋଇ କ୍ରମଶଃ ଦୁର୍ବଳ ହେଉଛି ବାତ୍ୟା 'ମୋନ୍ଥା'। ସମୁଦ୍ର ଉପକୂଳରେ ଏହା ଦୂରେଇ ଯାଉଥିବାରୁ ଗୁରୁବାର ସକାଳ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଫଳରେ ଗୁରୁବାରଠାରୁ ରାଜ୍ୟରେ ପାଗ ଫିଟିବା ସହ କାଁ ଭାଁ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ଥାନରେ ଖରାଟିଆ ପାଗ ରହିବାର ଅନୁମାନ କରାଯାଉଛି। ଅନ୍ୟପଟେ ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତିରେ ତା'ର ନିର୍ଦ୍ଧାରିତ ପଥ ପରିବର୍ତ୍ତନ କରିଥିବାରୁ ଓଡ଼ିଶା ଉପରୁ ଅପେକ୍ଷାକୃତ ବିପଦ ଟଳିଯାଇଛି। କେବଳ ଦକ୍ଷିଣ ଓଡ଼ିଶାର କିଛି ଅଂଶକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ଭାଗରେ ବାତ୍ୟା ନିଷ୍ପ୍ରଭ ରହିଛି। ବାତ୍ୟା ଯୋଗୁଁ ରାଜ୍ୟର ମାତ୍ର ୫ଟି ଷ୍ଟେସନ୍‌ରେ ୧୦୦ ମିମି.ରୁ ଅଧିକ ବର୍ଷା ▶ପୃଷ୍ଠା-୭

### 'ମୋନ୍ଥା'ରେ ୩୩ ବ୍ଲକ୍, ୧୧ ସହରାଞ୍ଚଳ ପ୍ରଭାବିତ

#### ୭୨ ଘଣ୍ଟା ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ରାଜ୍ୟବାସୀ ବାତ୍ୟା 'ମୋନ୍ଥା'କୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ। ଶେଷ ମୁହୂର୍ତ୍ତରେ ବାତ୍ୟା ଦିଗ ବଦଳାଇବାରୁ ଓଡ଼ିଶା ଉପରେ ପ୍ରଭାବ କମ୍ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବୁଧବାର ମନ୍ତ୍ରୀ ଶ୍ରୀ ପୂଜାରୀ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏସ୍ଆରସି ଡିକେ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବା ପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ କହିଛନ୍ତି ଯେ ଗୁରୁବାରଠାରୁ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ୭୨ ଘଣ୍ଟା ଭିତରେ ରିପୋର୍ଟ ଦେବାକୁ କୁହାଯାଇଛି। ଅଧିକ ସରକାରୀ କର୍ମଚାରୀ ଆବଶ୍ୟକ ହେଲେ ଅନ୍ୟ ଜିଲ୍ଲାରୁ କର୍ମଚାରୀଙ୍କୁ ଅଣାଯିବ। ବହୁଜାଗାରେ ଘର କାନ୍ଥ ପଡିଛି। ସେମାନଙ୍କୁ ପଲିଥିନ ଦିଆଯାଇଛି। ଘର କ୍ଷତି ହୋଇଥିଲେ ଆକଳନ ପରେ କ୍ଷତିପୂରଣ ଦିଆଯିବ। ଆକଳନ ବେଳେ ବ୍ୟାଙ୍କ ଖାତା, ଆକାଉଣ୍ଟ ନମ୍ବର ▶ପୃଷ୍ଠା-୭

### ନୂଆପଡ଼ା ଉପନିର୍ବାଚନ

## ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ



**୩ରେ କୋମନାରେ ସାଧାରଣ ସଭା**

**୭ରେ ଖରିଆର ରୋଡ଼ରୁ ନୂଆପଡ଼ା ଯାଏ ରୋଡ୍ ଶୋ'**

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଉପନିର୍ବାଚନ ପାଇଁ ନୂଆପଡ଼ାରେ ପ୍ରଚାର ସରଗରମ ହୋଇଛି । ତିନି ଦଳ ନିର୍ବାଚନ ପାଇଁ ଘମାଘୋଟ ପ୍ରଚାର ଚଳାଇଥିବାବେଳେ ବିଜେଡି ନିଜର ସ୍ଥିତି ଦିନକୁ ଦିନ ସୁଦୃଢ଼ କରିବାରେ ଲାଗିଛି। ଏହି କ୍ରମରେ ଆସନ୍ତା ୩ ତାରିଖରେ ପ୍ରଚାର ମଇଦାନକୁ ଓହ୍ଲାଇବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନବୀନ ୩ ତାରିଖରେ କୋମନାରେ ପ୍ରଚାର କରିବେ ବୋଲି ସୂଚନା ମିଳିଛି ।

ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନବୀନ ଆସନ୍ତା ୩ ତାରିଖରେ ନୂଆପଡା ଯିବେ। ସେହିପରି ୭ ତାରିଖରେ ▶ପୃଷ୍ଠା-୭

### ଏଲ୍ଆଇସିରୁ ପ୍ରତ୍ୟାହାର ହେବ ସରକାରୀ ଅଂଶଧନ

## ବିକ୍ରି ହେବ ୬.୫% ସେୟାର

■ **ନୂଆଦିଲ୍ଲୀ,୨୯।୧୦(ଏଜେନ୍ସି):** କେନ୍ଦ୍ର ସରକାର ପୁଣି ଥରେ ଦେଶର ବୃହତ୍ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଯାଉଛନ୍ତି। ଏହି କ୍ରମରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ରୁ ଅଂଶଧନ ପ୍ରତ୍ୟାହାର ହେବ। ଏବେ ସରକାର ଦେଶର ଏହି ବୃହତ୍ ରାଷ୍ଟ୍ରାୟତ୍ତ ଜୀବନ ବୀମା କମ୍ପାନୀରେ ଥିବା ୬.୫% ଅଂଶଧନ ବିକ୍ରି କରିବାକୁ ଯାଉଛନ୍ତି, ଯାହାର ମୂଲ୍ୟ ୧ ରୁ ୧.୫ ବିଲିୟନ ଡଲାର (ପ୍ରାୟ ୮୮୦୦ ରୁ ୧୩,୨୦୦ କୋଟି ଟଙ୍କା) ହେବ।

ସୂଚନାଯୋଗ୍ୟ ଯେ, ୨୦୨୨ ମେ' ମାସରେ ସରକାର ଏକ ଆଇପିଓ ମାଧ୍ୟମରେ ଏଲ୍ଆଇସିର ୩.୫% ଅଂଶଧନ ବିକ୍ରି କରିଥିଲେ। ସେବି ନିୟମ ଅନୁଯାୟୀ, ୨୦୨୭ ମେ' ୧୬ ସୁଦ୍ଧା ସରକାର ଦେଶର ଏହି ସର୍ବବୃହତ ବୀମା କମ୍ପାନୀରୁ ପର୍ଯ୍ୟାୟକ୍ରମେ ୬.୫% ଅଂଶଧନ ବିକ୍ରି କରିବେ। ଏହାର ମୂଲ୍ୟ ୪.୨ ବିଲିୟନ ଡଲାର କିମ୍ବା ପ୍ରାୟ ୩୭,୦୦୦୦ କୋଟି ଟଙ୍କା ହୋଇପାରେ। ବର୍ତ୍ତମାନ, ସରକାରଙ୍କର ଏଲ୍ଆଇସିରେ ୯୬.୫% ଅଂଶଧନ ରହିଛି। ପ୍ରଥମ ପର୍ଯ୍ୟାୟ ପୁଞ୍ଜି ପ୍ରତ୍ୟାହାର ଚଳିତ ତ୍ରୈମାସିକ ଶେଷ ହେବା ପୂର୍ବରୁ ହୋଇଯିବ। କେନ୍ଦ୍ର ସରକାରଙ୍କ ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ପରବର୍ତ୍ତୀ ଅଂଶଧନ ବିକ୍ରିର ସଠିକ ସମୟସୀମା ଏବଂ ପରିମାଣ ଚୂଡ଼ାନ୍ତ କରିବ। ▶ପୃଷ୍ଠା-୭




**୨୦୨୨ରେ ବିକିଥିଲେ ୩.୫% ଅଂଶଧନ**

## ଗାଣ୍ଠିଆରେ ଧନ; ଖର୍ଚ୍ଚରେ ନାହିଁ ମନ

### ପୂର୍ଣ୍ଣାଙ୍ଗ ବଜେଟ ଖର୍ଚ୍ଚ ନିରୁତ୍ସାହଜନକ ■ ବିଭାଗକୁ ଚିନ୍ତା ଅର୍ଥ ବିଭାଗ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୨୯।୧୦ (ସମିସ):** ଆସନ୍ତା ଶୀତ ଅଧିବେଶନରେ ଅତିରିକ୍ତ ବଜେଟ୍ ପାଇଁ ସରକାରୀସ୍ତରରେ ଆରମ୍ଭ ହୋଇଛି ପ୍ରସ୍ତୁତି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ସବୁ ବିଭାଗକୁ ଚିଠି ଲେଖି ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ଆହ୍ୱାନ କରିଛି । ମାତ୍ର ବଜେଟ ବ୍ୟୟରେ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ବିଭାଗଗୁଡ଼ିକ ପାଇଁ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଚିନ୍ତା ବଢ଼ାଇଛି। ସେପ୍ଟେମ୍ବର ମାସ ସୁଦ୍ଧା ଅନ୍ୟୂନ ବଜେଟ୍ ବରାଦର ୪୦% ଅର୍ଥ ଖର୍ଚ୍ଚ କରି ନ ଥିଲେ ଅତିରିକ୍ତ ବଜେଟ୍ ପାଇଁ ପ୍ରସ୍ତାବ ବିଚାରକୁ ନିଆଯିବ ନାହିଁ ବୋଲି ଅର୍ଥ ବିଭାଗ ରୋକଠୋକ୍ ଶୁଣାଇଦେଇଛି। ଏପରିସ୍ଥଳେ ଅତିରିକ୍ତ ବଜେଟରେ କିପରି ପ୍ରସ୍ତାବ ଦିଆଯିବ ସେନେଇ କିଛି ବିଭାଗ ଚିନ୍ତାରେ ଥିବାବେଳେ ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ମଧ୍ୟ ସରକାର ବାଟ ଖୋଜୁଛନ୍ତି।

ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିଥିଲେ। ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଅର୍ଥାତ୍ ରାଜ୍ୟ ସରକାରଙ୍କର ୪୪ଟି ବିଭାଗ ଗତ ଅଗଷ୍ଟ ଶେଷ ସୁଦ୍ଧା ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ସେହିପରି ଏକାଧିକ ବିଭାଗ ଆଜିସୁଦ୍ଧା ୨୫ ପ୍ରତିଶତ ଆବଣ୍ଟିତ ଖର୍ଚ୍ଚ କରିପାରିନଥିବା ବେଳେ ଏହା ପରୋକ୍ଷରେ ସରକାରଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ଅର୍ଥ ବିଭାଗର ସର୍ତ୍ତ ପରେ ଅନେକ ବିଭାଗ ଅତିରିକ୍ତ ବଜେଟ ପାଇଁ ପ୍ରସ୍ତାବ ପ୍ରେରଣ ପାଇଁ ଯେ ଯୋଗ୍ୟ ବିବେଚିତ ହେବେ ନାହିଁ, ସେନେଇ ଆଶଙ୍କା ପ୍ରକାଶ ପାଇଲାଣି। ଅପରପକ୍ଷେ ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଅଗଷ୍ଟ ଶେଷ ସୁଦ୍ଧା ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ▶ପୃଷ୍ଠା-୭



**୬ ମାସରେ ୪୦% ଖର୍ଚ୍ଚ ହୋଇ ନ ଥିଲେ ମିଳିବନି ଅତିରିକ୍ତ ବଜେଟ**

# ପକ୍ଷୀମାଡ଼ ପରେ ଇଣ୍ଡିଗୋ ବିମାନର ଜରୁରୀଅବତରଣ

ଡେରାଡୁନ୍, ୨୯ ।୧୦(ଏଜେନ୍ସି): ଡେରାଡୁନ୍‌ରୁ ବେଙ୍ଗାଲୁରୁ ଯାଉଥିବା ଇଣ୍ଡିଗୋ ଏୟାର ଲାଇନ୍ସର ବିମାନକୁ ପ୍ରତ୍ୟାବର୍ତ୍ତନ କରିବା ସହ ପୁଣି ଥରେ ଡେରାଡୁନ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିବାକୁ ପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ବିମାନ ୫୩ ମିନିଟ୍ ପର୍ଯ୍ୟନ୍ତ ଉପରେ ଥିଲା । ବିମାନରେ ଥିବା ୧୭୦ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିଲେ । ବିମାନ ସହ ପକ୍ଷୀ ମାଡ଼ ହେବା




କାରଣରୁ ଏଭଳି ସ୍ଥିତି ଉପୁଜିଥିଲା ବୋଲି କୁହାଯାଇଛି । ଇଣ୍ଡିଗୋ ଫ୍ଲାଇଟ୍ ଆଇଜିଓ-୬ ୧୩୬ (ଏ୩୨୦ ଏୟାରବସ) ସନ୍ଧ୍ୟା ୬.୩୦ରେ ଜାଲି ଗ୍ରାଣ୍ଟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲା । ଟେକ୍ ଅଫ୍ କରିବାର କିଛି ସମୟ ପରେ ହିଁ ବାମପଟ ଇଞ୍ଜିନ୍‌ରେ ଏକ ପକ୍ଷୀ ମାଡ଼ ହୋଇଥିଲା । ଫଳରେ ଇଞ୍ଜିନ ଭିତରକୁ ବାୟୁ ଦ୍ରୁତଗତିରେ ପସିବାକୁ ଲାଗିଥିଲା । ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଲଟ୍ ବିମାନବନ୍ଦରଠାରୁ ଦୂରରେ ନିୟନ୍ତ୍ରିତ ଉଚ୍ଚରେ ରଖିଥିଲେ ଓ ସ୍ଥିତିକୁ ସମ୍ଭାଳିବାକୁ ପ୍ରୟାସ କରିଥିଲେ । ପାଖାପାଖି ଏକ ଘଣ୍ଟା ଆକାଶରେ ଉଡିବା ପରେ ସନ୍ଧ୍ୟା ୬.୫୯ରେ ବିମାନ ଡେରାଡୁନ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ଡେରାଡୁନ୍‌ଠାରୁ ୮ ମାଇଲ ଦୂରରେ ଓ ୫୬୦୦ ଫୁଟ ଉଚ୍ଚରେ ପାଇଲଟ ବିମାନର ବୈଷୟିକ ତ୍ରୁଟି ନେଇ ସୂଚନା ଦେଇଥିଲେ । ପରେ ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନରେ ଦିଲ୍ଲୀ ନିଆଯିବାର ବ୍ୟବସ୍ଥା କରାଯାଇଥିଲା । ଏହି କାରଣରୁ ଦିଲ୍ଲୀରୁ ୫.୫୫ରେ ଡେରାଡୁନ ଆସୁଥିବା ବିମାନ ଓ ମୁମ୍ବାଇରୁ ୬.୨୦ରେ ଆସୁଥିବା ବିମାନକୁ ଦିଲ୍ଲୀ ଡାଇଭର୍ଟ କରାଯାଇଥିଲା ।

# ଗାୟକ ଦୀଲ୍‌ଜିତ୍‌ଙ୍କୁ ପନ୍ନୁର ଧମକ

ଚଣ୍ଡିଗଡ଼, ୨୯ ।୧୦(ଏଜେନ୍ସି): ପଞ୍ଜାବୀ ଗାୟକ ତଥା ସିନେମା ଅଭିନେତା ଦିଲଜିତ ଦୋଶାଞ୍ଜଙ୍କୁ ଖଲିସ୍ଥାନୀ ଆତଙ୍କବାଦୀ ଗୁରପତବନ୍ଦ ସିଂ ପନ୍ନୁ ଧମକ ଦେଇଛି । କିଛିଦିନ ତଳେ 'କୋନ୍ ବନେଗା କରୋଡପତି' ଶୋର ସୁଟିଂ ବେଳେ ଦିଲଜିତ ଅମିତାଭ ବଚ୍ଚନଙ୍କ ପାଦ ଛୁଇଁଥିଲେ ଓ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି । ଅବଶ୍ୟ ଶୋ'ର ଏହି ଏପିଶୋଡ ପ୍ରସାରିତ ହୋଇନାହିଁ । କିନ୍ତୁ ସାମ୍ନାକୁ ଆସିଥିବା ପ୍ରମୋରେ ଦିଲ୍‌ଜିତ ଅମିତାଭଙ୍କ ପାଦ ଛୁଇଁଥିବାର ଲକ୍ଷ୍ୟ



କରାଯାଇଛି । ଏହାକୁ ନେଇ ପନ୍ନୁ କିଛି ସାମ୍ବାଦିକ ଓ ଲୋକଙ୍କୁ କଲ୍ କରିଥିଲା ଓ ଦିଲ୍‌ଜିତଙ୍କୁ ଧମକ ଦେଇଥିଲା । ତେବେ ଏ ନେଇ କଣ କଥାବାର୍ତ୍ତା ହୋଇଛି ସେ ନେଇ କିଛି ଜଣାପଡ଼ିନାହିଁ । ୧୯୮୪ ଦଙ୍ଗାରେ ଅମିତାଭଙ୍କ ଭୂମିକା ନେଇ ପନ୍ନୁ ପ୍ରଶ୍ନ ଉଠାଇଛି ବୋଲି କୁହାଯାଉଛି । ଅକ୍ଟୋବର ୩୧ରେ ଦିଲଜିତ କେବିସିର ୧୭ତମ ସଂସ୍କରଣରେ ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କ ସାମ୍ନାରେ ହଟ୍ ସିଟ୍‌ରେ ବସିଥିବାର ନଜର ଆସିବେ । ଏହାପୂର୍ବରୁ ଅଷ୍ଟ୍ରେଲିଆର ସିଡ୍‌ନୀରେ ଅନୁଷ୍ଠିତ ଷ୍ଟାଡିୟମ କନସର୍ଟରେ ଶିଖ ଧର୍ମର ଧାର୍ମିକ ଚିହ୍ନ କୃପାଣକୁ ନେଇ ବିବାଦ ହୋଇଥିଲା । ଏହି କନସର୍ଟରେ ହଜାର ହଜାର ଲୋକ ଯୋଗ ଦେଇଥିଲେ । କିନ୍ତୁ ଆୟୋଜନରେ ଶିଖ ଶ୍ରଦ୍ଧାଳୁଙ୍କୁ କୃପାଣ ନେଇ ଭିତରକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା । ଦର୍ଶକ ଏହାକୁ ବିରୋଧକରିବାରୁସେମାନଙ୍କୁବାହାରକରିଦିଆଯାଇଥିଲା । ଫଳରେ ଶିଖ ସମ୍ପ୍ରଦାୟର ଦର୍ଶକମାନେ ନିରାଶ ହୋଇଥିଲେ । ଏହା ସତ୍ତ୍ୱେ ଅଷ୍ଟ୍ରେଲିଆରେ ନଭେମ୍ବର ୧ରେ ଦିଲଜିତଙ୍କ ଶୋ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି ।

# ଆଫଗାନିସ୍ତାନକୁ ପୁଣି ଧମକ ଦେଲା ପାକିସ୍ତାନ

ଇସଲାମାବାଦ୍, ୨୯ ।୧୦(ଏଜେନ୍ସି): ତୁର୍କୀ ରାଜଧାନୀ ଇସ୍ତାନବୁଲ୍‌ରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ପାକିସ୍ତାନ ପୁଣି ଥରେ ପଡୋଶୀ ଦେଶ ଆଫଗାନିସ୍ତାନକୁ ଧମକ ଦେଇଛି । ଫଳରେ ଦୁଇ ଦେଶ ଏବେ ପୁଣିଥରେ ଯୁଦ୍ଧ ଆଡକୁ ମୁହାଁଉଥିବାର ଆଶଙ୍କା କରାଯାଉଛି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଧମକ ଦେଇ କହିଛନ୍ତି ଯେ ଯଦି ପୁଣିଥରେ ପାକିସ୍ତାନରେ ତାଲିବାନ ଦ୍ୱାରା ଆତ୍ମଘାତୀ ଆକ୍ରମଣ ହୁଏ, ତେବେ ଏହାର କଡ଼ା ଜବାବ ଦିଆଯିବ । ଆବଶ୍ୟକ ପଡ଼ିଲେ ଆଫଗାନିସ୍ତାନର ଅସ୍ତିତ୍ୱ ହଜାଇ ଦେବୁ । ଭାରତ କଥାରେ ପଡ଼ି ପାକିସ୍ତାନରେ ଆଫଗାନିସ୍ତାନ ଅସ୍ଥିରତା ସୃଷ୍ଟି କରୁଛି ବୋଲି ସେ ପୁଣି ଅଭିଯୋଗ କରିଛନ୍ତି ।

ଇସ୍ତାନବୁଲ୍‌ରେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତିକୁ ନେଇ ଆଲୋଚନା ହୋଇଥିଲେ ମଧ୍ୟ ଏହା ବିଫଳ ହୋଇଥିଲା । ଫଳରେ ପାକିସ୍ତାନ ଏଥିରେ କ୍ଷୋଭ ପ୍ରକାଶ କରି ଏଭଳି ଧମକ ଦେଇଛି । ଅପରପକ୍ଷରେ ଆଫଗାନିସ୍ତାନ ମଧ୍ୟ ପାକିସ୍ତାନୁ କଡ଼ା ଜବାବ ଦେଇଛି । ଆଫଗାନିସ୍ତାନ ଗୃହ ମନ୍ତ୍ରଣାଳୟର ମୁଖପାତ୍ର ଅବଦୁଲ ମତିନ କାନି କହିଛନ୍ତି ଯେ ଆମ ପାଖରେ ପରମାଣୁ ଅସ୍ତ୍ର ନଥିଲେ ମଧ୍ୟ ଏଭଳି ଜବାବ ଦେବୁ ଯେ ତାହା ପାକିସ୍ତାନ ସବୁଦିନ ମନେ ରଖିବ । ଉଲ୍ଲେଖଥାଉ କି ଚଳିତମାସ ପ୍ରାରମ୍ଭରେ ପାକିସ୍ତାନ ଆଫଗାନିସ୍ତାନରେ ତାଲିବାନର କେତୋଟି ଠିକଣା ଉପରେ ଆକ୍ରମଣ କରିଥିଲା ଓ ବହୁ ଲୋକ ମୃତ୍ୟୁବରଣ କରିଥିଲେ । ଏହାର ଜବାବରେ ଆଫଗାନିସ୍ତାନ ମଧ୍ୟ ଭୟଙ୍କର ଆକ୍ରମଣ କରିଥିଲା ।

# ରାଷ୍ଟ୍ରପତିଙ୍କ ସହ 'ଅପରେସନ ସିନ୍ଦୂର'ର ମହିଳା ପାଇଲଟ୍

ଅମ୍ବାଲା, ୨୯ ।୧୦(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳେ ଅମ୍ବାଲା ଏୟାରଫୋର୍ସ ଷ୍ଟେସନରେ ଲଢୁଆ ଯୁଦ୍ଧ ବିମାନ ରାଫେଲ୍‌ରେ ଉଡାଣ ଭରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଓ ସ୍କ୍ୱାଡ୍ରର୍ନ ଲିଡର ଶିବାଙ୍ଗୀ ସିଂଙ୍କ ସହ ଏକ ଫଟୋ ସାମ୍ନାକୁ ଆସିଛି । ଭାରତୀୟ ସେନାର ଅପରେସନ ସିନ୍ଦୂର ଅବସରରେ ଶିବାଙ୍ଗୀଙ୍କୁ ଧରିବା ନେଇ ପାକିସ୍ତାନ ଦାବି କରିଥିଲା । ଶିବାଙ୍ଗୀଙ୍କୁ ଆମେ ବନ୍ଦୀ କରିଛୁ ଓ ରାଫେଲକୁ ମାରି ଖସାଇଛୁ ବୋଲି ପାକିସ୍ତାନ ଗଣମାଧ୍ୟମଗୁଡିକ ଦାବି କରିଥିଲା । ସେତେବେଳେ ପ୍ରେସ୍ ଇନ୍‌ଫର୍ମେସନ ବ୍ୟୁରୋ (ପିଆଇବି) ଏହି ଦାବିକୁ ଖଣ୍ଡନ କରିଥିଲା ।



■ ରାଫେଲ୍‌ରେ ବସି ଉଡ଼ାଣ ଭରିଲେ

ରାଷ୍ଟ୍ରପତି ବୁଧବାର ୧୧.୧୦ରେ ରାଫେଲ ବିମାନରେ ବସି ଟେକ୍ ଅଫ୍ କରିଥିଲେ । ରାଷ୍ଟ୍ରପତି ଯେଉଁ ରାଫେଲ ବିମାନରେ ବସିଥିଲେ, ତାକୁ ଗ୍ରୁପ୍ କ୍ୟାପେଟେନ୍ ଅମିତ ଗୋହାନୀ ଉଡାଇଥିଲେ । ରାଷ୍ଟ୍ରପତିଙ୍କ ଏହି ରାଫେଲ ବିମାନ ପଛରେ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ ସିଂ ଅନ୍ୟଏକ ବିମାନରେ ତାଙ୍କୁ ଏକ୍ସକର୍ଟ କରିଥିଲେ । ମୁର୍ମୁ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଭାରତୀୟ ବାୟୁସେନାର ୨ଟି ଲଢୁଆ ବିମାନରେ ଉଡାଣ ଭରିଛନ୍ତି । ଏହାପୂର୍ବରୁ ସେ ୨୦୨୩ ଏପ୍ରିଲ ୭ରେ ଆସାମର ତେଜପୁର ଏୟାରଫୋର୍ସ ଷ୍ଟେସନରେ ସୁଖୋଇ ୩୦ ଏମ୍‌କେଆଇ ଫାଇଟର ଜେଟ୍‌ରେ ଉଡାଣ ଭରିଥିଲେ । ରାଷ୍ଟ୍ରପତି ସକାଳ ୯ଟାରେ ଏକ ସ୍ୱତନ୍ତ୍ର ବିମାନରେ ଅମ୍ବାଲା ପହଞ୍ଚିଥିଲେ । ଏୟାର ଫୋର୍ସ ଷ୍ଟେସନରେ ଏୟାର ଚିଫ ମାର୍ଶାଲ ଅମର ପ୍ରୀତ ସିଂ ତାଙ୍କୁ ସ୍ୱାଗତ କରିଥିଲେ । ଏହାପରେ ରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ପରେଡକୁ ନିରୀକ୍ଷଣ କରିବାପାରେ ସେ ଯବାନଙ୍କ ସହ ସାକ୍ଷାତ କରିଥିଲେ । ସେ ଏହି ଅବସରରେ ଏୟାର ଫୋର୍ସ ଷ୍ଟେସର ବିଭିନ୍ନ ୟୁନିଟ୍‌ଗୁଡିକର ନିରୀକ୍ଷଣ ମଧ୍ୟ କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଷ୍ଟେସନର ଆଖପାଖ ଅଞ୍ଚଳରେ ଡ୍ରୋନ୍‌କୁ ବ୍ୟାନ କରାଯାଇଥିଲା । ହାତଗଣତି ଲୋକଙ୍କୁ ଷ୍ଟେସନ ଭିତରକୁ ପ୍ରବେଶ କରିବାର ଅନୁମତି ମିଳିଥିଲା । ସେହିପରି ମୋବାଇଲ ଫୋନ୍ ମଧ୍ୟ ଭିତରକୁ ନେବା ପାଇଁ ଅନୁମତି ଦିଆଯାଇ ନଥିଲା ।



# ସୁଦାନରେ ନରସଂହାର

## ୪୮ ଘଣ୍ଟାରେ ୨ ହଜାର ଲୋକଙ୍କୁ ହତ୍ୟା

ଖାରତୋମ୍, ୨୯ ।୧୦(ଏଜେନ୍ସି): ଉତ୍ତରପୂର୍ବ ଆଫ୍ରିକୀୟ ଦେଶ ସୁଦାନରେ ଏକ ବଡ଼ଧରଣ ନରସଂହାର ହୋଇଛି




■ ଉପଗ୍ରହ ଚିତ୍ରରେ ରକ୍ତର ପୋଖରୀ, କ୍ଷତବିକ୍ଷତ ମୃତଦେହ

ବୋଲି ଉପଗ୍ରହର ଚିତ୍ରରୁ ଜଣାପଡ଼ିଛି । ୪୮ ଘଣ୍ଟାର ଏହି ନରସଂହାରରେ ଦୁଇ ହଜାର ସାଧାରଣ ନାଗରିକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ଏହି ନରସଂହାର ଏତେ ଭୟଙ୍କର ଥିଲା ଯେ ସୁଦାନର ପଶ୍ଚିମରେ ଥିବା ଏଲ ଫାସର ସହରରେ ରକ୍ତର ପୋଖରୀ ଓ ଖଣ୍ଡବିଖଣ୍ଡିତ ଶବ ଏଣେତେଣେ ପଡ଼ିଥିବାର ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି । ଏହି ସହରରେ କେତେକାଞ୍ଚଳରେ ଥିବା ବାଲି ରକ୍ତ କାରଣରୁ ଲାଲ୍ ହୋଇଯାଇଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଛୋଟପିଲା ସାମିଲ ଅଛନ୍ତି । ସହର ଉପରେ ରାପିଡ୍ ସପୋର୍ଟ ଫୋର୍ସେସ (ଆରଏସ୍‌ଏଫ୍) କବ୍‌ଜା କରିବା ପରେ ଦୁଇଦିନ ଧରି ଏହି ନରସଂହାର ଚାଲିଥିଲା । ଅକ୍ଟୋବର ୨୬ ଓ ୨୭ରେ ଆରଏସ୍‌ଏଫ୍ ଏହି କାଣ୍ଡ ଘଟାଇଥିଲା । ଅବଶ୍ୟ ମୃତକଙ୍କ ସଂଖ୍ୟା ଠିକ୍ ଭାବେ କହିବା ଏବେ କଷ୍ଟକର । ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ସୁଦାନ ଆର୍ମଡ ଫୋର୍ସ (ଏସ୍‌ଏଏଫ୍) ଓ ଆରଏସ୍‌ଏଫ୍ ମଧ୍ୟରେ ୨୦୨୩ ଏପ୍ରିଲରେ ସଂଘର୍ଷ ଆରମ୍ଭ ହୋଇଥିଲା ଓ ଏହା ଏବେ ତୃତୀୟ ବର୍ଷରେ ପହଞ୍ଚିଛି । ଦୀର୍ଘଦିନ ଧରି ସୁଦାନରେ ଚାଲିଥିବା ଗୃହଯୁଦ୍ଧ କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଛି । ସୁଦାନ ମିଲିଟାରୀ ଓ ପାରା ମିଲିଟାରୀ ମଧ୍ୟରେ ପଡିଆରା ଲଢ଼େଇରୁ ହିଁ ଏହି ସଂଘର୍ଷ ସୂତ୍ରପାତ ହୋଇଛି ।

ଏପର୍ଯ୍ୟନ୍ତ ଗୃହଯୁଦ୍ଧରେ ଦେଢ଼ ଲକ୍ଷ ଲୋକ ପ୍ରାଣ ହରାଇଲେଣି ଓ କୋଟିଏ ୪୦ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି । ବିଶ୍ୱରେ ଏହାକୁ ସର୍ବବୃହତ ବିସ୍ଥାପନ ବୋଲି କୁହାଯାଉଛି । ସୁଦାନ ନାଗରିକମାନେ ଚାଦ, ଇଥିଓପିଆ ଓ ଦକ୍ଷିଣ ସୁଦାନରେ ଶରଣ ନେଇ ଶରାଣାର୍ଥୀ ଶିବିରରେ ରହୁଛନ୍ତି । ଏସ୍‌ଏଏଫ୍ ଓ ଆରଏସ୍‌ଏଫ୍ ହିଂସା ରୋକିବାକୁ ରୋକଠୋକ ମନା କରିଛନ୍ତି । ଫଳରେ ସ୍ଥିତି ଆହୁରି ଭୟଙ୍କର ହେବାରେ ଲାଗିଛି । ଦେଶରେ ସରକାର ତନ୍ତ୍ର ଦୁର୍ବଳ ହେବା, ସେନା ଓ ଆରଏସ୍‌ଏଫ୍ ମଧ୍ୟରେ ଶାସନକୁ ହାତକୁ ନେବାର ପ୍ରୟାସ ଏହି ସଂଘର୍ଷକୁ ଦ୍ୱିଗୁଣିତ କରିଛି । ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ମଧ୍ୟ ହିଂସାକୁ ଆହୁରି ବୃଦ୍ଧି କରିଛି । ଦୀର୍ଘ ବର୍ଷଧରି ଚାଲିଥିବା ଏହି ଗୃହଯୁଦ୍ଧ ଫଳରେ ସୁଦାନରେ ମାନବୀୟ ସଂକଟ ସୃଷ୍ଟି ହୋଇଛି । ଲୋକେ ଭୋକରେ ମରିବା ଆରମ୍ଭ କରିଛନ୍ତି ।

# ଏସ୍‌ଆଇଆର୍ ଗଣତନ୍ତ୍ର ପ୍ରତି ବିପଦ: କେରଳ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଦେଶର ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର) ଜାରି କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ତେବେ ଏହାକୁ ଦକ୍ଷିଣର ଦୁଇ ରାଜ୍ୟ କେରଳ ଓ ତାମିଲନାଡୁ ଘୋର ବିରୋଧ କରିଛନ୍ତି । ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ନିର୍ବାଚନ କମିଶନଙ୍କ ଏହି ଘୋଷଣାକୁ ବିରୋଧ କରିଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ ବୋଲି କହିଛନ୍ତି । ଏସ୍‌ଆଇଆର୍‌ର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ଅଗଣତାନ୍ତ୍ରିକ ଓ ଏହା ଭେଦଭାବ ସୃଷ୍ଟି କରୁଛି ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ କହିଛନ୍ତି । ସୁପ୍ରିମକୋର୍ଟରେ ବିହାର ନିର୍ବାଚନ ସଂକ୍ରାନ୍ତରେ ମାମଲା ପଡ଼ି ରହିଥିବା ବେଳେ କମିଶନଙ୍କ ଏହି ଘୋଷଣା ଅସାମ୍ବିଧାନିକ ବୋଲି



ସେ କହିଛନ୍ତି । ତେଣୁ ଏହାକୁ ଏବେ ଅନ୍ୟ ରାଜ୍ୟରେ ଲାଗୁ କରିବା ଉଚିତ ହେବ ନାହିଁ । ସେପେଟେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଏସ୍‌ଆଇଆର ଲାଗୁ କରିବା ବିରୋଧରେ ନଭେମ୍ବର ୨ରେ ସର୍ବଦଳୀୟ ବୈଠକ ଡାକିଛନ୍ତି । ଅଧାର କାର୍ଡକୁ ନାଗରିକତାର ପ୍ରମାଣ ବୋଲି ସ୍ୱୀକାର କରାନ ଯିବାକୁ ସେ ବିରୋଧ କରିଛନ୍ତି । ଲକ୍ଷ ଲକ୍ଷ ପ୍ରକୃତ ଭୋଟରଙ୍କୁ ତାଲିକାରୁ ବାଦ ଦେବାକୁ ଏହା ମାଧ୍ୟମରେ ଷଡ଼ଯନ୍ତ୍ର ହୋଇଛି ବୋଲି ଷ୍ଟାଲିନ ଅଭିଯୋଗ କରିଛନ୍ତି । କିନ୍ତୁ ଅନ୍ୟପଟେ ବିଜେପିର ସହଯୋଗୀ ପାର୍ଟି ଏଆଇଏଡିଏମ୍‌କେ ଏସ୍‌ଆଇଆରକୁ ସ୍ୱାଗତ କରିଛି ।

# ରାହୁଲଙ୍କ ମନ୍ତବ୍ୟକୁ ନେଇ ତେଜିଲା ରାଜନୀତି

ପାଟନା, ୨୯ ।୧୦(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିହାର ବିଧାନସଭା ନିର୍ବାଚନ ପାଇଁ ଆଜିଠାରୁମହାମେଣ୍ଟପକ୍ଷରୁପ୍ରଚାରଅଭିଯାନଆରମ୍ଭ କରିଛନ୍ତି । ପ୍ରଥମ ଦିନ ପ୍ରଚାରରୁ ହିଁ ତାଙ୍କ ମନ୍ତବ୍ୟକୁ ନେଇ ବିବାଦ ଆରମ୍ଭ ହୋଇଛି । ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ବିଜେପି ତାଙ୍କୁ ତୀବ୍ର ସମାଲୋଚନା କରିଛି ।

ମୁଜାଫରପୁରରେ ନିର୍ବାଚନୀ ସଭାକୁ ଉଦବୋଧନ ଦେଇ ରାହୁଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିଥିଲେ । ସେ କହିଥିଲେ ।।ଯେ ଏବେ ନିର୍ବାଚନ ଚାଲିଛି ଏବଂ ଭୋଟ୍ ହାତେଇବା ଲାଗି ମୋଦୀ ଯେକୌଣସି ସ୍ତରକୁ ଯାଇପାରିବେ । ଏପରିକି ସେ 'ଭୋଟ୍ ପାଇବା ଲାଗି ନାଚି ପାରିବେ ।' ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଲେ, 'ଆପଣମାନେ କହିଲେ ମୋଦୀଜୀ ଭୋଟ୍ ପାଇଁ ଡ୍ରାମା କରିପାରିବେ । କେବଳ ଏତିକି ନୁହେଁ, ଆପଣମାନେ ଯଦି କହିବେ ଭୋଟ୍ ପାଇଁ ନାଚିବାକୁ ପଡ଼ିବ, ମୋଦୀଜୀ ମଞ୍ଚ ଉପରକୁ ଆସି ଭୋଟ୍ ପାଇଁ ନାଚିବାକୁ ପଛାଇବେ ନାହିଁ ।' ସେ ଆହୁରି କହିଲେ ଯେ ଛଟ୍ ପୂଜା ପାଇଁ ମୋଦୀ ଡ୍ରାମା କରିଥିଲେ । ଯମୁନା ନଦୀ ଦୂଷିତ ଥିବା ବେଳେ




ତାଙ୍କ ପାଇଁ ସ୍ୱତନ୍ତ୍ର ପୋଖରି କରାଯାଇଥିଲା ଏବଂ ପୋଖରିରେ ପଶି ମୋଦୀ ଛଟ୍ ପୂଜା କରିଥିଲେ । ରାଜ୍ୟରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ସମାଲୋଚନା କରି ରାହୁଲ କହିଲେ ଯେ ରାଜ୍ୟ ପ୍ରଶାସନରେ ନୀତୀଶ କୁମାର କେବଳ ଏକ ଚେହେରା । ପ୍ରକୃତ ରିମୋଟ କଂଟ୍ରୋଲ ବିଜେପି ହାତରେ ରହିଛି । ରାଜ୍ୟରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ମଧ୍ୟ ସେ ସମାଲୋଚନା କରି କହିଲେ ଯେ ଏହା ଭୋଟ ଚୋରି ଛଡ଼ା ଆଉ କିଛି ନୁହେଁ । ଏସ୍‌ଆଇଆର ନାମରେ ନିର୍ବାଚନ କମିସନ ୬୬ ଲକ୍ଷ ଭୋଟରଙ୍କ ନାମ କାଟି ଦେଇଛନ୍ତି ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିରୋଧରେ ରାହୁଲ ଦେଇଥିବା ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଭାରତୀୟ ଜନତା ପାର୍ଟି । ବିଜେପି ନେତା ପ୍ରଦୀପ ଭଣ୍ଡାରୀ ରାହୁଲଙ୍କୁ ସମାଲୋଚନା କରି କହିଛନ୍ତି ଯେ ବିରୋଧୀ ଦଳର ନେତା ଗୁଣ୍ଡାଙ୍କ ଭଳି ଭାଷା କହୁଛନ୍ତି । ଏପରି ମନ୍ତବ୍ୟ ଦେଇ ରାହୁଲ ବିହାରର ଭୋଟରମାନଙ୍କୁ ଅପମାନିତ କରିଛନ୍ତି । ଯେଉଁ ଭୋଟର ମୋଦୀଙ୍କୁ ଭୋଟ୍ ଦେଇ ଜିତାଇଛନ୍ତି, ସେମାନଙ୍କୁ ଓ ଗଣତନ୍ତ୍ରକୁ ଅପମାନ କରଛନ୍ତି ରାହୁଲ ।

# ବେକାର ଗଲା ତିନି କୋଟି, ବର୍ଷା ହେଲାନି

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): କୃତ୍ରିମ ବର୍ଷା କରାଇବାକୁ ଦିଲ୍ଲୀରେ କ୍ଲାଉଡ ସିଡିଂ ପ୍ରକ୍ରିୟାକୁ ରୋକି ଦିଆଯାଇଛି । ବର୍ଷା କରାଇବାକୁ କରାଯାଉଥିବା କ୍ଲାଉଡ ସିଡିଂର ୩ଟି ଟ୍ରାଏଲ ବା ପ୍ରୟାସ ବିଫଳ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ବାୟୁରେ ୫୦ ପ୍ରତିଶତ ଆଦ୍ରତା ନଥିଲେ ଏହା ସଫଳ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏବେ ବାୟୁରେ ୧୦ରୁ ୧୫ ପ୍ରତିଶତ ଆଦ୍ରତା ରହିଛି । ରାଜଧାନୀରେ ଦେଖା ଦେଇଥିବା ଭୟଙ୍କର ପ୍ରଦୂଷଣକୁ ରୋକିବା ପାଇଁ ଦିଲ୍ଲୀ ସରକାର କ୍ଲାଉଡ ସିଡିଂ କରିବା ପ୍ରକ୍ରିୟାରେ ୩.୨ କୋଟି ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ଦିଲ୍ଲୀ ସରକାରଙ୍କ ପରିବେଶ ବିଭାଗ ଓ କାନ୍‌ପୁରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମଧ୍ୟରେ ଏକ ଚୁକ୍ତି ହୋଇଥିଲା । ଗୋଟିଏ ଟ୍ରାଏଲ ପାଇଁ ପାଖାପାଖି ୬୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି କ୍ରମରେ ମଙ୍ଗଳବାର ଦୁଇଟି ଟ୍ରାଏଲ କରାଯାଇଥିଲା । ତେବେ ପ୍ରଥମ ଟ୍ରାଏଲ୍ ଅକ୍ଟୋବର ୨୩ରେ ହୋଇଥିଲା । ୩ଟି ଯାକ ଟ୍ରାଏଲ ଫେଲ୍ ମାରିଛି । ଏଥିପାଇଁ ମଙ୍ଗଳବରେ ମିରଟରୁ ଏକ ସ୍ୱତନ୍ତ୍ର ବିମାନ 'ସେସନା' ଉଡାଣ ଭରିବା ଆରମ୍ଭ କରିଥିଲା । ଏହି ବିମାନ ଦିଲ୍ଲୀର ଖେକଡା, ବୁରାଡି, ମୟୁର ବିହାର ଅଞ୍ଚଳରେ ଏହି ବିମାନ ୬ ହଜାର ଫୁଟ ଉଚ୍ଚରେ ଉଡି ବାଦଲ ମଧ୍ୟରେ ଅପରାହ୍ଣ ୨ଟାରେ ରାସାୟନିକ ପଦାର୍ଥଛିଡ଼୍‌କାଇଥିଲା । ଗୋଟିଏ ଟ୍ରାଏଲର ୪ ଘଣ୍ଟା ପରେ ବର୍ଷା ହେବ ବୋଲି କୁହାଯାଇଥିଲା । କିନ୍ତୁ ରାତିରେ ବର୍ଷା ହୋଇ ନଥିଲା । ଏବେ ଏ ନେଇ ରାଜନୀତି ଆରମ୍ଭ ହୋଇଛି । ବିରୋଧୀ ଦଳ ଆମ ଆଦମୀ ପାର୍ଟି ତରଫରୁ ଏଭଳି ଟ୍ରାଏଲକୁ ପରିହାସ କରାଯାଇଛି ।

# ପୁଣି ଅସ୍ତ୍ରବିରତି କଥା ଦୋହରାଇଲେ ଟ୍ରମ୍ପ

ନୂଆଦିଲ୍ଲୀ, ୨୯ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏସିଆ ।।ପେସିଫିକ ଇକୋନୋମିକ କୋପରେସନ (ଏପିଇସି) ଅଂଶଗ୍ରହଣ କରିବାକୁ ଦକ୍ଷିଣ କୋରିଆରେ ପହଞ୍ଚିଛନ୍ତି । ବୁଧବାର ସେ ମଞ୍ଚ ଉପରେ ଠିଆ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ ଓ ସମସ୍ତଙ୍କୁ ଚକିତ କରାଇଥିଲେ । ସେ ମୋଦୀଙ୍କୁ ବହୁତ ସୁନ୍ଦର ଦେଖିବାକୁ ବୋଲି କହିଥିଲେ । କିନ୍ତୁ ସେ ବହୁତ ଟାଣୁଆ ସ୍ୱଭାବର ବୋଲି ମଧ୍ୟ କହିଥିଲେ । ତାଙ୍କୁ ବୁଝାଇବା କଷ୍ଟକର ବୋଲି ଟ୍ରମ୍ପ କହିଥିଲେ । ଏପର୍ଯ୍ୟନ୍ତ ଭାରତ ଉପରେ ଟାରିଫ୍ ପରେ ଟାରିଫ ଲାଗୁ କରୁଥିବା ଟ୍ରମ୍ପ ଭାରତ ଓ ଆମେରିକା ମଧ୍ୟରେ ଚୁକ୍ତି ସମ୍ଭବ ବୋଲି ପରୋକ୍ଷରେ କହିଛନ୍ତି । ଏହାସହିତ ସେ ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା କଥା ଦୋହରାଇଛନ୍ତି । ପରମାଣୁ ଅସ୍ତ୍ରସମ୍ପନ୍ନ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ କରାଇଥିଲେ ଓ ଭାରତ ଓ ପାକିସ୍ତାନ ସଂଘର୍ଷରେ ୭ଟି ବିମାନ ଧ୍ୱଂସ ହୋଇଥିବା କଥା ସେ ପୁଣି କହିଛନ୍ତି । ଦୁଇ ଦେଶ ମଧ୍ୟରେ ସଂଘର୍ଷ ଶେଷ କରିବାକୁ ସେ ବାଣିଜ୍ୟ ଓ ବ୍ୟବସାୟର ସାହାରା ନେଇଥିଲେ । ଯଦି ଦୁଇଦେଶ ଯୁଦ୍ଧ ଶେଷ ନ କରିନ୍ତି ତେବେ ଆମେ କୌଣସି ବାଣିଜ୍ୟ କାରବାର କରିବୁ ନାହିଁ ବୋଲି ଟ୍ରମ୍ପ ଦୁଇପକ୍ଷକୁ କହିଥିଲେ । ଶେଷରେ ବିନା କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ ବୋଲି କହିଛନ୍ତି ।

କିଛିଦିନ ତଳେ ଭାରତ ରୁଷଠାରୁ ଅପେକ୍ଷାକୃତ କମ୍ ତୈଳ କ୍ରୟ କରିବ । ଏସଂପର୍କରେ କୁଆଡ଼େ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସେ କହିଥିଲେ । ତେବେ ଅସ୍ତ୍ରବିରତି କରାଇବା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ କ୍ରମାଗତ ଭାବେ ଖଣ୍ଡନ କରିଆସୁଛି ।

ଆଜିର ସମ୍ମିଳନୀ ମଞ୍ଚରେ ଏହି ଅବସରରେ ଟ୍ରମ୍ପ ପାକିସ୍ତାନ ପ୍ରଧାମନ୍ତ୍ରୀ ଶାହବାଜ ସରିଫ୍‌ଙ୍କୁ ମଧ୍ୟ ପ୍ରଶଂସା କରିଥିଲେ ।

# ଚାଷୀଙ୍କ ବିକ୍ଷୋଭ; ନାଗପୁର-ହାଇଦରାବାଦ୍ ହାଇୱେ ୭ ଘଣ୍ଟା ଅବରୋଧ

ନାଗପୁର, ୨୯ ।୧୦(ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଋଣଛାଡ଼ କରିବାକୁ ଦାବି କରି କୃଷକଙ୍କ ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିବସରେ ପହଞ୍ଚିଛି । ପ୍ରହାର ଜନଶକ୍ତି ପାର୍ଟି ନେତା ବଚ୍ଚୁ କାଡୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଉଛି । କୃଷକମାନେ ରାଜ୍ୟ ରାଜପଥକୁ ମଧ୍ୟ ଅବରୋଧ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନରେ ଏକ ଲକ୍ଷ କୃଷକ ଯୋଗ ଦେଇଛନ୍ତି ବୋଲି କାଡୁ କହିଛନ୍ତି । ଯଦି ଦାବି ପୂରଣ ନ ହୁଏ, ତେବେ ବୁଧବାର ରେଳ ଯାତାୟତକୁ ମଧ୍ୟ ବନ୍ଦ କରାଯିବ ବୋଲି ସେ କହିଛନ୍ତି । ଏହି ଆନ୍ଦୋଳନରେ ହଜାର ହଜାର ମହିଳା ମଧ୍ୟ ସାମିଲ ରହିଛନ୍ତି । ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମଙ୍ଗଳବାର ହଜାର ହଜାର କୃଷକ ନାଗୁପର- ହାଇଦରାବାଦ ରାଜପଥ (ଏନ୍‌ଏଚ୍-୪୪)କୁ ମଧ୍ୟ ୭ ଘଣ୍ଟା ପାଇଁ ଅବରୋଧ କରିଥିଲେ । ନିର୍ବାଚନ ସମୟରେ ସକକାର ଋଣ ଛାଡ଼ କରିବାକୁ ଓ ଫସଲ ବୋନସ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସରକାର



ଏପର୍ଯ୍ୟନ୍ତ ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି କୃଷକ ତରଫରୁ କୁହାଯାଇଛି । ସରକାର ପ୍ରତ୍ୟେକ ଫସଲ ଉପରେ ୨୦ ପ୍ରତିଶତ ବୋନସ ଓ ସୋୟାବିନ ଉପରେ ୬୦୦୦ ଟଙ୍କା ଦେବାକୁ କହିଥିଲେ । କିନ୍ତୁ ଏପର୍ଯ୍ୟନ୍ତ କୃଷକଙ୍କୁ କିଛି ମିଳିନାହିଁ ବୋଲି କାଡୁ କହିଛନ୍ତି । କୃଷକଙ୍କୁ ଭେଟିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମୟ ନାହିଁ ବୋଲି ସେ କହିଛନ୍ତି । ବଚ୍ଚୁ କାଡୁ ଅଚଳପୁରରୁ ବିଧାୟକ ରହିଛନ୍ତି ଓ ନିଜର ଆକ୍ରମଣାତ୍ମକ ସ୍ୱାଭାବ ପାଇଁ ବେସ୍ ପରିଚିତ । କିନ୍ତୁ ଏବେ ସରକାରଙ୍କୁ କୃଷକଙ୍କ ସମସ୍ୟା ଶୁଣିବାକୁ ହେବ ବୋଲି କୃଷକମାନେ କହିଛନ୍ତି ।

# ୩୬ଟି କଲେଜର ନାହିଁ ସ୍ୱୟଂଶାସିତ ମାନ୍ୟତା


- ନବୀକରଣ ପାଇଁ ଆବେଦନ କରି ନାହାନ୍ତି ଅନେକ ଶିକ୍ଷାନୁଷ୍ଠାନ
- ବେଆଇନ୍ ଭାବେ ନିଜ ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି
- ଅନୁଦାନ ବନ୍ଦ ସହ ବୈଧତା ହରାଇପାରେ ଶିକ୍ଷା ପ୍ରମାଣପତ୍ର
- ପରସ୍ପରକୁ ଦୋଷ ଦେଉଛନ୍ତି ୟୁଜିସି ଓ କଲେଜ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୯ ।୧୦(ସମିସ): କଲେଜ ଫାଟକରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖା ହୋଇଛି। ସମସ୍ତ କାଗଜପତ୍ର କାମ ମଧ୍ୟ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ କରାଯାଉଛି। ବିଶ୍ୱବିଦ୍ୟାଳୟ ଓ ସରକାରଙ୍କଠାରୁ ଏହି ମହାବିଦ୍ୟାଳୟଗୁଡ଼ିକ ବିଭିନ୍ନ ସୁବିଧାସୁଯୋଗ ଓ ଅନୁଦାନ ପାଉଛନ୍ତି। ନିଜ ଶିକ୍ଷାନୁଷ୍ଠାନର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି; ହେଲେ ଦୀର୍ଘ ବର୍ଷରୁ ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଥିଲେ ମଧ୍ୟ ନବୀକରଣ କରୁନାହାନ୍ତି। ରାଜ୍ୟର ୫୩ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ମଧ୍ୟରୁ ମାନ୍ୟତା ହରାଇଥିବା ୩୬ ମହାବିଦ୍ୟାଳୟର ସୂଚୀ ୟୁଜିସି ଜାରି କରିବା ପରେ ଏହି କଲେଜଗୁଡ଼ିକର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରାଜ୍ୟର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟ ୨୦୨୨ ମସିହାରୁ ମାନ୍ୟତା ଶେଷ ହୋଇଥିଲେ ମଧ୍ୟ ନବୀକରଣ ହୋଇପାରିନାହିଁ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଯାଜପୁର ଜିଲ୍ଲାର ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ, ବ୍ୟାସନଗର କଲେଜ, ନରସିଂହ ଚୌଧୁରୀ କଲେଜ, କଟକ ଜିଲ୍ଲାର ବାଙ୍କି, ସାଲେପୁର ଓ ଉଦୟନାଥ କଲେଜ ସହିତ କେନ୍ଦ୍ରାପଡ଼ା କଲେଜ, ଢେଙ୍କାନାଳ କଲେଜ, ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ତାଳଚେର କଲେଜ, ଭୁବନେଶ୍ୱରସ୍ଥିତ କେଭିଡିଏଭି କଲେଜ, ନୟାଗଡ଼ କଲେଜ, ନିମାପଡ଼ା କଲେଜ, ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରର ଏସ୍‌ଭିଏମ୍ କଲେଜ, ପୁରୀର ଏସ୍‌ସିଏସ୍ କଲେଜର ସ୍ୱୟଂଶାସିତ ମାନ୍ୟତା ନାହିଁ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣଓଡ଼ିଶା ବିଶ୍ୱବଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବିପିୟୁଟି ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ମୋଟ୍ ୧୯ଟି କଲେଜର ମାନ୍ୟତା ସରି ସାରିଛି।

ବିଡ଼ମ୍ବନା ହେଉଛି ସ୍ୱୟଂଶାସିତ ମାନ୍ୟତା ନ ଥାଇ ମଧ୍ୟ ନିଜର ପରୀକ୍ଷା ପରିଚାଳନା ନିଜେ କରି ଆଇନ୍ ଉଲଂଘନ କରୁଛନ୍ତି। ଫଳରେ ୟୁଜିସିର କନଫର୍ମେଣ୍ଟ ଅଫ୍ ଅଟୋନୋମସ ଷ୍ଟାଟସ୍ ଓପନ୍ କଲେଜ ଏବଂ ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ ଇନ୍ ଅଟୋନୋମସ କଲେଜ ନିୟମାବଳୀ ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏନେଇ ବାରମ୍ବାର ଦାଗିଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁନଃ ମାନ୍ୟତା ପାଇଁ ଅଧିକାଂଶ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଆଉକିଛି ୟୁଜିସିର ତ୍ରୁଟିପୂର୍ଣ୍ଣ ନୀତିକୁ ଦାୟୀ କରିବା ସହ ଆବେଦନ ସରିଥିଲେ ମଧ୍ୟ ମାନ୍ୟତା ନବୀକରଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ବିଜେବି କଲେଜ ଅଧ୍ୟକ୍ଷା ପ୍ରଫେସର ଝୁମୁକି ରଥ କହିଛନ୍ତି ଯେ ମାନ୍ୟତା ପାଇଁ ଉଭୟ ଅଫଲାଇନ ଓ ଅନଲାଇନରେ ଆବେଦନ ହୋଇଛି। ଆବଶ୍ୟକ ସଂଶୋଧନ ମଧ୍ୟ କରାଯାଇଛି। ହେଲେ ୟୁଜିସି ପକ୍ଷରୁ ବିଳମ୍ବ କାରଣରୁ ମାନ୍ୟତା ମିଳିପାରି ନାହିଁ। ସେହିପରି ଶିକ୍ଷାବିତ ଡ. ମାନସ ବେହେରା କହିଛନ୍ତି ଯେ ପୂର୍ବରୁ ପାଞ୍ଚବର୍ଷ ପାଇଁ ୟୁଜିସି ପକ୍ଷରୁ ସ୍ୱୟଂଶାସିତ ମାନ୍ୟତା ଦିଆଯାଉଥିଲା। ଅବଧି ଶେଷ ହେବାର ତିନିମାସ ପୂର୍ବରୁ ପୁନଃ ଆବେଦନ କରିବାକୁ ନିୟମ ଥିଲା। ହେଲେ ୟୁଜିସି ନିୟମାବଳୀ ୨୦୨୩ ଅନୁଯାୟୀ ନାକ୍ ମାନ୍ୟତା ଅନୁଯାୟୀ ସ୍ୱୟଂଶାସିତ ମାନ୍ୟତା ମିଳିବ। ସର୍ବନିମ୍ନ 'ଏ' ଗ୍ରେଡ୍ ପାଇଥିବା ଶିକ୍ଷାନୁଷ୍ଠାନକୁ ପ୍ରାଥମିକ ଭାବେ ୧୦ ବର୍ଷ ପାଇଁ ସ୍ୱୟଂଶାସିତ ମାନ୍ୟତା ମିଳିବ। ମାନ୍ୟତା ସରିବାର ତିନିମାସ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ସତର୍କ କଲେ ଏପରି ଅସଙ୍ଗତି ପରିଲକ୍ଷିତ ହୋଇ ନ ଥାନ୍ତା। କଲେଜ ଓ ୟୁଜିସି ଦୋଷ ଲଦାଲଦି ନ ହୋଇ ସ୍ୱୟଂଶାସିତ ମାନ୍ୟତା ପାଇବା ପାଇଁ କାମ କରିବା ଆବଶ୍ୟକ। ଅନ୍ୟଥା ଅନୁଦାନ ବନ୍ଦ ହେବା ସହ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟର ବୈଧତା ମଧ୍ୟ ରହି ନପାରେ।

## ବିଶ୍ୱ ପ୍ରସିଦ୍ଧ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମିକୁ ମଜଭୁତ କରିବାକୁ ନବୀନଙ୍କ ଆହ୍ୱାନ



ଭୁବନେଶ୍ୱର,୨୯।୧୦(ସମିସ): ୧୯୯୯ ମସିହା ମହାବାତ୍ୟା ପରଠାରୁ ଓଡ଼ିଶା ପ୍ରକୃତିର ପ୍ରକୋପକୁ ସାହସ ଓ ଦୃଢ଼ବିଶ୍ୱାସ ସହ ମୁକାବିଲା କରିଛି। ଓଡ଼ିଶା 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତିକୁ ଗୁରୁତ୍ୱ ଦେଇଛି। ବିପର୍ଯ୍ୟୟ ପରିଚାଳନାରେ ଦୁର୍ବଳତାରୁ ବିଶ୍ୱ ନେତୃତ୍ୱକୁ ଆମର ପରିବର୍ତ୍ତନ କେବଳ ବ୍ୟବସ୍ଥାର କାହାଣୀ ନୁହେଁ, ଏହା ଲୋକ, ଯୋଜନା ଏବଂ ଉଦ୍ଦେଶ୍ୟର କାହାଣୀ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସରେ ଉଲ୍ଲେଖ କରିଛନ୍ତି। ୧୯୯୯ ମସିହା ଅକ୍ଟୋବ ୨୯ରେ ଓଡ଼ିଶା ସାମନା କରିଥିବା ପ୍ରଳୟଙ୍କାରୀ ମହାବାତ୍ୟାକୁ ମନେ ପକାଇ ଆଜିର ଦିନରେ 'ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ' ପାଳନ କରାଯାଇ ଆସୁଛି। ଏହି ଦିବସରେ ନବୀନ ଏକ୍ସରେ ପୋଷ୍ଟ କରି ବିଶ୍ୱ ପ୍ରସିଦ୍ଧ ବିପର୍ଯ୍ୟୟ ପ୍ରଶମନ ଭିତ୍ତିଭୂମି ଏବଂ ପ୍ରତ୍ୟେକ ମୂଲ୍ୟବାନ ଜୀବନ ରକ୍ଷା ପାଇଁ ପ୍ରସ୍ତୁତିକୁ ଆହୁରି ମଜବୁତ କରିବା ପାଇଁ ଆମେ ସଂକଳ୍ପ ନେବା ବୋଲି ଆହ୍ୱାନ ଦେଇଛନ୍ତି।

## ୧୧ରେ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ସରକାରୀ ଛୁଟି

ଭୁବନେଶ୍ୱର,୨୯।୧୦(ସମିସ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ୍ ପଡ଼ିବ। ତେଣୁ ଏହି ଦିନ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ସକାରୀ କାର୍ଯ୍ୟାଳୟ ଓ ମ୍ୟାଜିଷ୍ଟ୍ରେରିଆଲ୍ କୋର୍ଟ (କାର୍ଯ୍ୟନିର୍ବାହୀ)କୁ ଛୁଟି ଘୋଷଣା କରାଯାଇଛି। ଏହାସହିତ ସେହିଦିନ ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ସଂସ୍ଥାକୁ ମଧ୍ୟ ଛୁଟି ଘୋଷଣା କରାଯାଇଛି। ଏହି ଦିନ ଉକ୍ତ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ମଟ୍ ନାମଲେଖା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୨୯ ।୧୦(ସମିସ): ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ସହିତ ସ୍ନାତୋକୋତ୍ତର, ଦୁଇ ବର୍ଷିଆ ବିଇଡି ଓ ଏମ୍‌ଇଡି, ତିନି ବର୍ଷିଆ ଏଲ୍‌ଏଲ୍‌ବି, ତିନି ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଇଡି ଓ ଏମ୍‌ଇଡିରେ ସ୍ମଟ୍ ନାମଲେଖା ଅବଧିରେ ପରିବର୍ତ୍ତନ କରାଯାଇଛି। ବାତ୍ୟା ମୋନ୍ଥା ପ୍ରଭାବରେ ରାଜ୍ୟରେ କିଛି ଜିଲ୍ଲାରେ ଲଗାଣ ବର୍ଷା କାରଣରୁ ନାମଲେଖା ଅବଧି ବଢ଼ାଯାଇଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଗତ ୨୭ ତାରିଖରେ ନାମଲଖା ପାଇଁ ମେଧା ତାଲିକା ପ୍ରକାଶ ପାଇ ସାରିଛି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଗତକାଲି ଅର୍ଥାତ୍ ୨୮ସ ତାରିଖରେ ସମ୍ପୃକ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଯାଇ ରିପୋର୍ଟିଂ କରିବାକୁ କୁହାଯାଇଥିଲା। ଏଥିରେ ପରିବର୍ତ୍ତନ କରାଯିବା ସହ ଆସନ୍ତାକାଲି ବା ୩୦ ତାରିଖ ଦିନ ରିପୋର୍ଟିଂ କରିପାରିବେ ବୋଲି ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପିଲାମାନେ ୨୮ ତାରିଖରେ ରିପୋର୍ଟିଂ କରିଥିବେ ସେମାନଙ୍କୁ ପୁନଃ ରିପୋର୍ଟିଂ କରିବା ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯିବାକୁ ପଡ଼ିବ ନାହିଁ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାପରେ ନଭେମ୍ବର ୧ ତାରିଖ ଦିନ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧା ତାଲିକା ପ୍ରକାଶ ପାଇବ। ୩ ରୁ ୬ ତାରିଖ ମଧ୍ୟରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ଆଶାୟୀ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

## ଲାଞ୍ଚ ନେଇ ଗିରଫ ହେଲେ ଆସିଷ୍ଟାଣ୍ଟ ସିଟି ଜିଏସ୍‌ଟି



**ଜରିମାନା ଓ ସୁଧ ମାଫ୍ ପାଇଁ ନେଇଥିଲେ ୧୨ହଜାର**

ଭୁବନେଶ୍ୱର,୨୯।୧୦(ସମିସ): ଲାଞ୍ଚ ନେଇ ଗିରଫ ହୋଇଛନ୍ତି ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ର ଆସିଷ୍ଟାଣ୍ଟ ସିଟି ଜିଏସ୍‌ଟି ଅଫିସର ଉମାକାନ୍ତ ମହାକୁର। ସେ ଆଜି ୧୨ ହଜାର ଟଙ୍କା ଲାଞ୍ଚନେବା ସମୟରେ ଧରିଥିଲା ବଲାଙ୍ଗିର ଭିଜିଲାନ୍ସ। ସେ ଜଣେ ବ୍ୟବସାୟୀଙ୍କଠାରୁ ବୃତ୍ତିକର ଅଦାୟ ପାଇଁ ଲଗାଯାଇଥିବା ଜରିମାନା ଓ ସୁଧ ମାଫ୍ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ବୁଧବାର ସେହି ଟଙ୍କା ନିଜ ଚାମ୍ବରରେ ନେବାବେଳେ ଧରିଥିଲା ଭିଜିଲାନ୍ସ ବିଭାଗ। ଅଭିଯୋଗକାରୀ ବ୍ୟବସାୟୀଜଣକ ତିନୋଟି ଆର୍ଥିକ ବର୍ଷ ପାଇଁ (ପ୍ରତିବର୍ଷ ୨ ହଜାର ୫୦୦ ହିସାବରେ) ମୋଟ୍ ୭ ହଜାର ୫୦୦ ବୃତ୍ତିକର ଦେଇ ନ ଥିଲେ। ଏଥିପାଇଁ ଅଧିକାରୀ ମହାକୁର ତାଙ୍କୁ ମୋଟ୍ ୨୩ ହଜାର ୬୦୦ (କର ସହିତ ଜରିମାନା ଓ ସୁଧ ମିଶାଇ) ଦେବା ପାଇଁ ନୋଟିସ୍ ପଠାଇଥିଲେ। ବ୍ୟବସାୟୀ ମହାକୁରଙ୍କ ସହିତ ଯୋଗାଯୋଗ କରି କେବଳ କର ରାଶି ଦେବା ପାଇଁ ଅନୁରୋଧ କଲେ, କିନ୍ତୁ ଅଭିଯୁକ୍ତ ମହାକୁର କର ରାଶି ମାତ୍ର ନେବାକୁ ଅସ୍ୱୀକାର କରି, ଜରିମାନା ଓ ସୁଧ ମାଫ୍ କରିବା ପାଇଁ ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାପରେ ବ୍ୟବସାୟୀ ଭିଜିଲାନ୍ସ ଅଧିକାରୀଙ୍କୁ ଏ ବିଷୟରେ ଅଭିଯୋଗ କରିବା ପରେ ଅଜି ପୂର୍ବ ଯୋଜନା ଅନୁଯାୟୀ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ସୁବର୍ଣ୍ଣପୁରସ୍ଥିତ ଘର ଏବଂ ବଲାଙ୍ଗିର ଅଫିସ୍ ଚାମ୍ବରରେ ଚଢଉ କରି ଯାଞ୍ଚ କରିଛି।

## ପୂର୍ବତନ ଏଡିସିଙ୍କୁ ୨ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର,୨୯।୧୦(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ବତନ ସହକାରୀ ଡ୍ରଗ୍ କଣ୍ଟ୍ରୋଲର ରଘୁନାଥ ମଲ୍ଲିକଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ। ୨ବର୍ଷ ଜେଲ୍‌ଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଶୁଣାଇଛନ୍ତି। ସମସ୍ତ ଦସ୍ତାବିଜ୍ ଏବଂ ସାକ୍ଷୀଙ୍କ ବୟାନ ନେବା ପରେ କୋର୍ଟ ରଘୁନାଥଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ରାୟ ଆସିବା ପରେ ତାଙ୍କର ପେନ୍‌ସନକୁ ବନ୍ଦ କରିବା ପାଇଁ ଭିଜିଲାନ୍ସ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି। ରଘୁନାଥଙ୍କ ନାମରେ ପୂର୍ବରୁ କଳାଧନ ଅର୍ଜନ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏହି ଅଭିଯୋଗ ଆଧାରରେ ତଦନ୍ତ କରିବା ପରେ ରଘୁନାଥ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହେବା ପରେ ଗିରଫ କରାଯାଇଥିଲା। ପୂର୍ବରୁ ସେ ଜାମିନ୍‌ରେ ଆସିଥିବା ବେଳେ କୋର୍ଟରେ ତାଙ୍କ ବିରୋଧରେ ପ୍ରମାଣ ଆସିବା ପରେ ତାଙ୍କୁ କୋର୍ଟ ସଜା ଶୁଣାଇଛନ୍ତି।

### ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

## ରାଜ୍ୟ ପାଇଁ କଳଙ୍କ ରିସା ମାଙ୍କଡ଼ିଆଙ୍କ ଅନାହାର ମୃତ୍ୟୁ

ଭୁବନେଶ୍ୱର,୨୯।୧୦(ସମିସ): ଯାଜପୁର ଜିଲ୍ଲା ସୁକିନ୍ଦାରେ ଅନାହାର ମୃତ୍ୟୁକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଆଦିବାସୀଙ୍କ ସୁରକ୍ଷା ଏବଂ ଉନ୍ନତି ପାଇଁ ସରକାର ଯେଉଁ ଡିଣ୍ଡିମ ପିଟୁଛନ୍ତି ତାହାର ନଗ୍ନ ଚିତ୍ର ଏବେ ସାମ୍ନାକୁ ଆସିଛି ବୋଲି କଂଗ୍ରେସ କହିବା ସହ ହଜାର ହଜାର କୋଟିର ଖଣି ଅଞ୍ଚଳରେ ଅନାହାର ମୃତ୍ୟୁ ରାଜ୍ୟ ପାଇଁ କଳଙ୍କ ବୋଲି କଂଗ୍ରେସ କହିଛି।

ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ସୁକିନ୍ଦା ଅଞ୍ଚଳରେ ରିସା ମାଙ୍କଡ଼ିଆଙ୍କ ଅନାହାରରେ ମୃତ୍ୟୁ ହୋଇଛି। ପିସିସି ସଭାପତିଙ୍କ ନିର୍ଦ୍ଦେଶରେ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟିର ସଦସ୍ୟ ଭାବେ ସେ ଏବଂ ଅନ୍ୟ ନେତୃବୃନ୍ଦ ସଂପୃକ୍ତ ଗ୍ରାମକୁ ଯାଇ ସମସ୍ତ ତଥ୍ୟ ଅନୁଧ୍ୟାନ କରିଛନ୍ତି। ଇ-କେୱାଇସି କରି ନ ଥିବାରୁ ରିସା ମାଙ୍କଡ଼ିଆକୁ ଚାଉଳ ମିଳୁ ନଥିଲା, ତା'ର ବାସପଯୋଗୀ ଘର ଖଣ୍ଡିଏ ନ ଥିବାରୁ ପଲିଥିନ ଟାଣି ରହୁଥିଲା। ତାର କିଛି ସମ୍ପର୍କୀୟ କିଛି ଖାଦ୍ୟ ଦେଉଥିଲେ। ପରେ ରୋଗଗ୍ରସ୍ତ ହୋଇ ଅନାହାରରେ ମୃତ୍ୟୁବରଣ କଲା। କଂଗ୍ରେସ ସରକାର ଥିବା ବେଳେ ଅନାହାର ମୃତ୍ୟୁକୁ ରୋକିବା ପାଇଁ ଏନଆରଜିଏସ ଯୋଜନା ଆରମ୍ଭ ହୋଇଥିଲା; ଏବେ ସରକାର ବିଭିନ୍ନ ଆଳ ଦେଖାଇ ଏନଆରଜିଏସ ଯୋଜନାକୁ ଯେତେ ଟଙ୍କା ଦେବା କଥା ଦେଉ ନାହାନ୍ତି। ରାଜ୍ୟରେ ଆଦିବାସୀ



ମୁଖ୍ୟମନ୍ତ୍ରୀ ଅଛନ୍ତି, ଦେଶର ମହାମହିମ ରାଷ୍ଟ୍ରପତି ବି ଜଣେ ଆଦିବାସୀ। ହେଲେ ଆଦିବାସୀଙ୍କ ଖାଦ୍ୟ ତଥା ସାମାଜିକ ସୁରକ୍ଷା ପ୍ରତି ଘୋର ଅବହେଳା ପ୍ରଦର୍ଶନ କରାଯାଉଛି। ବିଭିନ୍ନ ଆଳ ଦେଖାଇ ସରକାର ଏବେ ଲୋକଙ୍କୁ ଚାଉଳ ଦେଉନାହାନ୍ତି। ଆଗାମୀ ଦିନରେ ଜନତା ଏହାର ଜବାବ ନିଶ୍ଚିତ ଦେବେ ବୋଲି ଶ୍ରୀ ଦାସ କହିଛନ୍ତି। ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ସୁଭଦ୍ରା ମାଙ୍କଡ଼ିଆ ନାମ୍ନୀ ଜଣେ ଆଦିବାସୀ ମହିଳାଙ୍କ ଅନାହାରରେ ମୃତ୍ୟୁ ଘଟିଥିଲା। ତେଣୁ ଅନାହାର ଜନିତ ମୃତ୍ୟୁକୁ ହାଲୁକା ଭାବରେ ଗ୍ରହଣ ନ କରି ଗମ୍ଭୀର ଭାବରେ ବିଚାର କରି ଆଦିବାସୀଙ୍କ ସୁବିଧା ସୁଯୋଗ ପ୍ରତି ଯତ୍ନବାନ ହେବା ପାଇଁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା ତାଙ୍କ ବକ୍ତବ୍ୟରେ ସୁକିନ୍ଦା ଅଞ୍ଚଳର ମାଙ୍କଡ଼ିଆ ସମାଜ ପ୍ରତି ହେଉଥିବା ଅବହେଳା କଥା କହିଛନ୍ତି। ପୃଥିବୀର ଏକ ତୃତୀୟାଂଶ କ୍ରୋମାଇଟ ଏହି ଅଞ୍ଚଳରୁ ବାହାରିଥାଏ, ଏଥିପାଇଁ ସାରା ପୃଥିବୀରେ ସୁକିନ୍ଦା ପ୍ରସିଦ୍ଧ। ଦୁଃଖର କଥା ଏହି ଅଞ୍ଚଳରେ ଶହ ଶହ ବର୍ଷଧରି ବାସ କରି ଆସୁଥିବା ମାଙ୍କଡ଼ିଆ ଜନଜାତିଙ୍କ ପାଖରେ ନିଜସ୍ୱ ଜମି ନାହିଁ, ନିଜସ୍ୱ ବାସସ୍ଥାନ ନାହିଁ। ମାଙ୍କଡ଼ିଆ ଜନଜାତିଙ୍କ ବିକାଶ ପାଇଁ ଏକ ସ୍ୱତନ୍ତ୍ର ବିଭାଗରେ ୩୪ ଜଣ ଅଫିସର ଅଛନ୍ତି। ହେଲେ ସବୁ କାମ କେବଳ ଭାଷଣରେ ସୀମିତ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି।

## ବାତ୍ୟା ବିପ୍ରାତ: ଓଡ଼ିଶା ସୀମାନ୍ତ-ଆନ୍ଧ୍ରପ୍ରଦେଶ ଯୋଗାଯୋଗ ବିଚ୍ଛିନ୍ନ

ବ୍ରହ୍ମପୁର,୨୯ ।୧୦(ସମିସ): ବାତ୍ୟା "ମୋନ୍ଥା" ପ୍ରଭାବରେ ଓଡ଼ିଶା ସୀମାନ୍ତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁ ଗ୍ରାମରେ ବନ୍ୟା ଜଳ ପଶିଥିବା ବେଳେ ଅନେକ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଗଞ୍ଜାମ ଜିଲ୍ଲାର ସୀମାନ୍ତ ବ୍ଲକ ପାତ୍ରପୁର ଅଞ୍ଚଳର ଅନେକ ଗ୍ରାମରୁ ଆନ୍ଧ୍ରକୁ ସଂଯୋଗ ରାସ୍ତା ଗୁଡ଼ିକରେ ଯୋଗଯୋଗ ବିଚ୍ଛିନ୍ନ ହୋଇଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ତୁଟିପୁରଠାରୁ ଆନ୍ଧ୍ରର ମଙ୍ଗଳବାର ହାଟ ଜାତୀୟ ରଜପଥକୁ ଯିବା ରାସ୍ତାରେ ବହୁଳ ମାତ୍ରାରେ ପାଣି ଜମି ରହିଛି। ନିକଟସ୍ଥ ନାଳ ଉପର ବ୍ରିଜ ଦେଇ ପ୍ରବଳ ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ନିତିଦିନିଆ ବ୍ୟବସାୟ ଆଦି କ୍ଷେତ୍ରରେ ସ୍ଥାନୀୟ ଲୋକେ



ନାନା ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ସ୍କୁଲ, କଲେଜ ଯିବାରେ ବି ଛାତ୍ରଛାତ୍ରୀ ସମସ୍ୟା ଭୋଗିଛନ୍ତି। ଏହି ରାସ୍ତା ସୀମାନ୍ତବାସୀଙ୍କ ଆନ୍ଧ୍ର ସହ ଯୋଗାଯୋଗର ପ୍ରମୁଖ ବାଟ। ଏହି ରାସ୍ତା ଜୟନ୍ତିପୁରଠାରୁ ସିଧାସଳଖ ଆନ୍ଧ୍ରକୁ ସଂଯୋଗ ହୋଇଛି। କେଶରିପଡ଼ା, ବରଙ୍ଗ, ଖମ୍ବାରିଗାଁ, ଜୟନ୍ତିପୁର ଆଦି ବିଭିନ୍ନ ପଞ୍ଚାୟତର ଜନସାଧାରଣ ସେମାନଙ୍କ ନିତ୍ୟ ବ୍ୟବସାୟ ଓ ଆବଶ୍ୟକ କାର୍ଯ୍ୟ ପାଇଁ ନିକଟସ୍ଥ ଆନ୍ଧ୍ରର କାଞ୍ଚିଲି, ରବିବାର ହାଟ, ଚିଡୁପୁଡ଼ି, ମଙ୍ଗଳବାର ହାଟ ଆଦି ଉପରେ ନିର୍ଭର କରନ୍ତି। ସମ୍ପ୍ରତି ବନ୍ୟା ପାଣି ପ୍ରବେଶ ଯୋଗୁ ଏହି ରାସ୍ତାରେ ଯାତାୟତ ବନ୍ଦ ହୋଇଛି। ଖବର ଲେଖିଲା ବେଳକୁ ପାଣିର ପ୍ରଖୋରତା ସ୍ୱଳ୍ପ ମାତ୍ରାରେ କମିଥିଲେ ହେଁ ଯାତାୟତ ସ୍ୱାଭାବିକ ହୋଇପାରିନି। ନିତ୍ୟ ଯାତାୟତ ବ୍ୟକ୍ତିବିଶେଷ ଅନ୍ୟ ରାସ୍ତା ଆପଣାଇଥିବା ଜଣାପଡ଼ିଛି। କେବଳ ଏହି ରାସ୍ତା ନୁହେଁ ଗୁଡ଼ିପଦର, ବି ନୂଆଗାଁ, ଟି ବ୍ରହ୍ମପୁର ଆଦି ରାସ୍ତା ଉପରେ ମଧ୍ୟ ପ୍ରବଳ ମାତ୍ରାରେ ପାଣି ବୋହୁଥିବା ଦେଖିବାକୁ ମିଳିଛି।

## ୬ ଦିନ ବଢ଼ିଲା +୨ ଏକ୍ସ-ରେଗୁଲାର୍ ପିଲାଙ୍କ ଫର୍ମପୂରଣ ଅବଧି

ଭୁବନେଶ୍ୱର, ୨୯ ।୧୦(ସମିସ): ବାତ୍ୟା ମୋନ୍ଥା ପାଇଁ +୨ ଫର୍ମପୂରଣ ଅବଧିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଓ ଫି' ଦାଖଲ କରିବା ପାଇଁ ୬ଦିନ ଅତିରିକ୍ତ ସମୟ ଦିଆଯାଇଛି। ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସେମାନେ ଫର୍ମପୂରଣ ଓ ଫି' ଜମା କରିପାରିବେ। ଅପରପକ୍ଷରେ ରେଗୁଲାର୍ ପିଲାଙ୍କ ଫର୍ମପୂରଣ ପାଇଁ ପୂର୍ବ ସୂଚୀରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏକା ସମୟରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପଢୁଥିବା ରେଗୁଲାର୍ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଜାରି ରହିଛି। ବିନା କୌଣସି ଫାଇନ୍‌ରେ ନଭେମ୍ବର ୬ ତାରିଖ ମଧ୍ୟରେ ଫର୍ମପୂରଣ କରିପାରିବେ। ବିନା ଫାଇନ୍ ଫର୍ମ ପୂରଣ ସରିବା ପରେ ଏକା ସମୟରେ ଫାଇନ୍ ଦେଇ ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିବେ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ଅବଗତ କରିଛନ୍ତି।

## ୧୦ ବର୍ଷ ତଳେ ବାପାଙ୍କ ଦଶାହରୁ ନିଖୋଜ ପୁଅ ବାଂଲାଦେଶରୁ ଠାବ


ବାରିପଦା, ୨୯ ।୧୦(ସମିସ): ଆଜକୁ ପ୍ରାୟ ୧୦ବର୍ଷ ତଳେ ବାପାଙ୍କ ଦଶାହରୁ ନିଖୋଜ ହୋଇଥିବା ପୁଅ ବାଂଲାଦେଶରୁ ଠାବ କରାଯାଇଛି। ଏହି ସୂଚନା ପାଇବା ପରେ ଜିଲ୍ଲା ପ୍ରଶାସନ ଘରକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଇଛନ୍ତି। ସୂଚନା ଅନୁସାରେ, ବଡ଼ସାହି ବ୍ଲକ ଅଧୀନ ଶିଆଳିଘାଟି ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ସୁଦାମ ହେମ୍ବ୍ରମ (୩୯) ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ନିଖୋଜ ଅଛନ୍ତି। ତାଙ୍କର ମସ୍ତିଷ୍କ ବିକୃତି ଥିଲା। ବାପାଙ୍କ ଦଶାହ ଦିନ ସେ ଘରୁ ବାହାରି ଯାଇଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଗାଁକୁ ଫେରି ନାହାନ୍ତି। ପରିବାର ଲୋକେ ମଧ୍ୟ ସୁଦାମଙ୍କୁ ଖୋଜିବା ପାଇଁ ଉଦ୍ୟମ କରିନଥିଲେ। ହେଲେ ଦୀର୍ଘ ବର୍ଷ ପରେ ବାଂଲାଦେଶର ଗୋଲାବରି ରେଳ ଷ୍ଟେସନ ନିକଟରେ ସେ ବୁଲୁଥିବା ସାମାଜିକ କର୍ମୀ ଏମଡି ଅବଦୁଲ ଗନି ଫିତୁ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ। ପରେ ବଡ଼ସାହି ତହସିଲ ଏବଂ ବ୍ଲକକୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ଦ୍ଦେଶ ଅନୁଯାୟୀ ବଡ଼ସାହି ଅତିରିକ୍ତ ତହସିଲଦାର ବିନିତା ରାଣୀ କିସ୍କୁଙ୍କ ନେତୃତ୍ୱରେ ଏକ ଟିମ୍ ଜଗନ୍ନାଥପୁର ଗ୍ରାମରେ ପହଞ୍ଚ ତଥ୍ୟ ସଂଗ୍ରହ କରି ଫେରିଛନ୍ତି।

## ଶିମିଳିପାଳକୁ ଫେରୁନି 'ଯମୁନା'

- କୁଲଡିହା ଓ ହଦଗଡ଼ରେ କରୁଛି ବିଚରଣ କରୁଛି ବାଘୁଣୀ
- ବିଭାଗର ବାଘ ବଂଶ ବୃଦ୍ଧି କରାଇବା ଯୋଜନା ବିଫଳ
- ମହାରାଷ୍ଟ୍ରର ମହାବଳ ବାଘୁଣୀକୁ ଛାଡିବା ପୂରିଲା ଏକ ବର୍ଷ

ବାରିପଦା,୨୯ ।୧୦(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ କଳାବାଘଙ୍କ ବଂଶାନୁକ୍ରମିକ ବିବିଧତାରେ ପରିବର୍ତ୍ତନ ପାଇଁ ମହାରାଷ୍ଟ୍ରରୁ ବାଘୁଣୀ ଯମୁନାକୁ ଆଣି ଏଠାରେ ଛାଡିବାର ଏକ ବର୍ଷ ପୂରଣ ହେଲାଣି। ତେବେ ଯମୁନା ଏବେ ହଦଗଡ ଓ କୁଲଡିହା ଅଭୟାରଣ୍ୟରେ ନିଜର ଟେରିଟୋରି ଗଠନ କରି ଦୀର୍ଘ ଦିନ ଧରି ସେ ଅଞ୍ଚଳରେ ବିଚରଣ କରୁଥିଲେ ହେଁ ଶିମିଳିପାଳ ଅଭୟାରଣ୍ୟ ଫେରିନାହିଁ। ଫଳରେ ବାଘୁଣୀ ଯମୁନାକୁ ନେଇ ବିଭାଗର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦୂରେଇ ଯାଉଛି।

ଗତ ୨୦୨୪ ଅକ୍ଟୋବର ୨୮ ତାରିଖରେ ଏକ ସ୍ୱତନ୍ତ୍ର ଏନକ୍ଲୋଜରରେ ଅଣାଯାଇ ଶିମିଳିପାଳରେ ଛଡାଯାଇଥିଲା। ଗୋଟିଏ ଦିନ ପୂର୍ବରୁ ଏକ ସ୍ୱତନ୍ତ୍ର ଟିମ ଓ ଗାଡି ଯୋଗେ ମହାବଳ ବାଘଟି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପହଞ୍ଚିଥିଲା। ଦେଶରେ ବାଘ ସଂଖ୍ୟା ବୃଦ୍ଧିରେ ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ଉତ୍ତମ ସ୍ଥାନ ବୋଲି ଏନ୍‌ଟିସିଏ ପକ୍ଷରୁ ପ୍ରକାଶ କରାଯାଇଥିଲା। ଏହାକୁ ନେଇ ରାଜ୍ୟରେ ବାଘ ବଂଶ ବୃଦ୍ଧିକୁ ନେଇ ମହାରାଷ୍ଟ୍ର ରାଜ୍ୟର ତଡବା ଜଙ୍ଗଲରୁ ଦୁଇଟି ବାଘୁଣୀ ଯମୁନା ଓ ଜିନ୍ନତକୁ ସ୍ୱତନ୍ତ୍ର ଗାଡିରେ ଅଣାଯାଇ ଛଡାଯାଇଛି। ତେବେ ଏସଟିଆର ଭୌଗୋଳିକ ଅଞ୍ଚଳ ଯମୁନା ଜଙ୍ଗଲରେ ବୁଲୁଥିବା ବେଳେ ତାର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି ବୋଲି ଶିମିଳିପାଳ ଅଭୟାରଣ୍ୟ ବାରିପଦା ସର୍କଲର ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା.ପ୍ରକାଶ ଚାନ୍ଦ ଗୋଗିନେନୀ ପ୍ରକାଶ କରିଛନ୍ତି।



ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ରୟାଲ ବେଙ୍ଗଲ ଟାଇଗରଙ୍କ ରଙ୍ଗ ପରିବର୍ତ୍ତନକୁ ନେଇ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ମହାବଳ ବାଘଙ୍କ ଜେନେଟିକ ଡାଇଭର୍ସିଟି (ବଂଶାନୁକ୍ରମିକ ବିବିଧତା)ରେ ପରିବର୍ତ୍ତନ ଘଟି କଳାବାଘ ସୃଷ୍ଟିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବେଙ୍ଗାଲୁରର ନ୍ୟାସନାଲ ସେଣ୍ଟର ଫର ବାୟୋଲୋଜିକାଲ ସାଇନ୍ସ ବିଭାଗର ଏକ ବିଶେଷଜ୍ଞ ଦଳ ଆସି ପରୀକ୍ଷାନୀରିକ୍ଷା କରିଥିଲେ। ଅସ୍ୱାଭାବିକ ପ୍ରଜନନ ଓ ଅନ୍ୟାନ୍ୟ କାରଣରୁ ବାଘଙ୍କ ରଙ୍ଗ ପରିବର୍ତ୍ତନ ହେଉଥିବା ନେଇ ପୂର୍ବରୁ ନଜିର ରହିଥିବା ବେଳେ ନନ୍ଦନକାନନରେ ସେହିଭଳି ଧଳାବାଘ ଜନ୍ମ ଗ୍ରହଣ ହୋଇଥିଲେ ବୋଲି ଆଲୋଚନା ହେଉଛି। ତେବେ ଗୋଟିଏ ଅଣ୍ଡିରା ବାଘରୁ ବଂଶ ବୃଦ୍ଧି ଯୋଗୁଁ ଏପରି ହୋଇଥାଇପାରେ ବୋଲି ବିଭାଗ ଅନୁମାନ କରିଛି। ତେଣୁ ଅନ୍ୟ ସ୍ଥାନରୁ ମାଇବାଘ ଆଣି ବାଘ ସଂଖ୍ୟା ବୃଦ୍ଧି କରାଗଲେ ଶିମିଳିପାଳରେ ବାଘଙ୍କ ଜେନେଟିକରେ ପରିବର୍ତ୍ତନ ଘଟିବ ଏବଂ ଧୀରେ ଧୀରେ ଏଥିରେ ନିୟନ୍ତ୍ରଣ ଆସିପାରିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ଦୁଇ ମହାବଳ ବାଘ ଆସିବା ନେଇ ୨୦୨୪ ଜୁଲାଇ ୨୮ ରେ ଏନ୍‌ଟିସିଏ ପକ୍ଷରୁ ଅନୁମତି ମିଳିଥିଲା। ତଡବା ଜଙ୍ଗଲରୁ ପ୍ରଥମେ ମହାବଳ ବାଘୁଣୀ ଯମୁନାକୁ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟରେ ଛଡାଯାଇଥିଲା। ତେବେ ଯମୁନା କିଛି ଦିନ ଶିମିଳିପାଳ କୋର ଏରିଆ ଛାଡି ପାଦଦେଶରେ ଘୁରିବୁଲିବା ସହ ଗୃହପାଳିତ ପ୍ରାଣୀକୁ ଶିକାର କରିଥିଲା।

ଶିମିଳିପାଳର ବଣପାହାଡ ଘେରା ଅଞ୍ଚଳରେ ଯମୁନା ନିଜକୁ ଖାପଖୁଆଇ ନ ପାରି ଜନବସତି ଦେଇ ବାଲେଶ୍ୱରର କୁଲଡିହା ଅଭୟାରଣ୍ୟକୁ ପଳାଇଥିଲା। ସେଠାରେ କିଛି ଦିନ ରହିବା ପରେ ନିଜର ବାସସ୍ଥାନ ପାଇଁ କେନ୍ଦୁଝରର ହଦଗଡ ଅଭୟାରଣ୍ୟ ପର୍ଯ୍ୟନ୍ତ ଯିବାଆସିବା କରୁଛି। ତେବେ ଏସଟିଆର ଅଧୀନରେ ଥିବା ୭ଟି ବନଖଣ୍ଡ ମଧ୍ୟରେ କୁଲଡିହା ଓ ହଦଗଡ ଅଭୟାରଣ୍ୟ ଅନ୍ୟତମ। ଯମୁନା ଦେହରେ ଲାଗିଥିବା ରେଡିଓ କଲରରେ ଗତିବିଧି ଉପରେ ନଜର ରଖାଯାଇଛି। ତେବେ ଶିମିଳିପାଳର ଜଳବାୟୁରେ ବାଘ ବଂଶ ବୃଦ୍ଧିକୁ ନେଇ କରାଯାଇଥିବା ଯୋଜନାରେ ଏହା ଫଳପ୍ରଦ ହେବା ନେଇ ଆଶଙ୍କା ଦେଖାଦେଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡିଶାରେ ପ୍ରଥମ କରି ଅନ୍ୟ ରାଜ୍ୟରୁ ବାଘ ଆଣି ବଂଶ ବୃଦ୍ଧି କରାଇବାର ଯୋଜନା ଫେଲ ମାରିଥିବା ବେଳେ ଏବେ ପୁଣି ଥରେ ଏହି ଯୋଜନାରେ ଓଡିଶା ଏବଂ ଶିମିଳିପାଳରେ ଏହାର ପ୍ରଭାବ କ'ଣ ରହିବ ସେ ନେଇ ଜିଲ୍ଲାବାସୀ ନଜର ରଖିଛନ୍ତି। ବନବିଭାଗର ଏହି ଯୋଜନା ସଫଳ ହୋଇପାରିଲେ ବାଘ ବଂଶ ବୃଦ୍ଧି ହେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/15 | |
|---|---|
| ପୋଷ୍ଟର ନାମ | ଖାଲି ପଦବୀ |
| ମୁଖ୍ୟ (ପ୍ରଡକ୍ଟ, ବିନିଯୋଗ ଏବଂ ଅନୁସନ୍ଧାନ) | 01 |
| ଜୋନାଲ ମୁଖ୍ୟ | 04 |
| ଆଞ୍ଚଳିକ ମୁଖ୍ୟ | 07 |
| ଆରଏମ୍ - ଟିମ୍ ଲିଡ୍ | 19 |
| ବିନିଯୋଗ ବିଶେଷଜ୍ଞ | 22 |
| ବିନିଯୋଗ ଅଧିକାରୀ | 46 |
| ପ୍ରକଳ୍ପ ବିକାଶ ପରିଚାଳକ (ବ୍ୟବସାୟ) | 02 |
| କେନ୍ଦ୍ରୀୟ ଅନୁସନ୍ଧାନ ଦଳ (ସହାୟତା) | 02 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 27.10.2025 ରୁ 17.11.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 27.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ମାଲବାହୀ ଟ୍ରେନ ଲାଇନଚ୍ୟୁତ

# ରାଉରକେଲା-ରାଞ୍ଚି ରେଳ ଚଳାଚଳ ବାଧାପ୍ରାପ୍ତ

**ରାଉରକେଲା, ୨୯।୧୦(ସମିସ)**

ରାଉରକେଲା-ରାଞ୍ଚି ମୁଖ୍ୟ ରେଳ ଲାଇନରେ ଏକ ବଡ଼ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ସକାଳ ପ୍ରାୟ ୧୦ଟାରେ ବନ୍ଧମୁଣ୍ଡାରୁ ହଟିଆ ଯାଉଥିବା ଏକ ବିଏସ୍‌ସିଏସ୍ ମାଲବାହୀ ଟ୍ରେନ୍ ବାନୋ ଏବଂ କନରୱାନ ଷ୍ଟେସନ ମଧ୍ୟରେ ୫୨୪/୩୪ କିଲୋମିଟର ସଂଯୁକ୍ତ ଲାଇନ ନମ୍ବର ଦୁଇରେ ଲାଇନଚ୍ୟୁତ ହୋଇଥିଲା। ଟ୍ରେନ୍‌ର ପ୍ରାୟ ୧୦ଟି ୱାଗନ୍ ଟ୍ରାକ୍‌ରୁ ଖସିଯାଇଥିଲା। ସେଥିମଧ୍ୟରୁ କିଛି ଓଲଟି ପଡ଼ିଥିବା ଜଣାପଡ଼ିଛି। ଘଟଣାପରେ ହଟିଆ ଏବଂ ବନ୍ଧମୁଣ୍ଡାରୁ ରେଳବାଇ ରିଲିଫ୍ ଏବଂ ଉଦ୍ଧାର ଦଳକୁ ତୁରନ୍ତ ଘଟଣାସ୍ଥଳକୁ ପଠାଯାଇଥିଲା। ଲାଇନ୍‌ଚ୍ୟୁତର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ବରିଷ୍ଠ ରେଳ ଅଧିକାରୀମାନେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଲାଇନଚ୍ୟୁତ ହେବା ଯୋଗୁଁ ରାଉରକେଲା-ରାଞ୍ଚି ରୁଟ୍‌ରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଗୋରଖପୁରରୁ ସମ୍ବଲପୁର ଯାଉଥିବା ମୌର୍ଯ୍ୟ ଏକ୍ସପ୍ରେସକୁ କନରୱାନ ଷ୍ଟେସନ ନିକଟରେ ଅଟକାଯାଇଛି। ରିଲିଫ୍ ଦଳ ପହଞ୍ଚିବା ପରେ, ଲାଇନଚ୍ୟୁତ ୱାଗନଗୁଡ଼ିକୁ ଟ୍ରାକରୁ ସଫା କରିବା ପାଇଁ ପ୍ରୟାସ ଆରମ୍ଭ କରାଯିବ। ରାଞ୍ଚି ରେଳ ଡିଭିଜନର ବରିଷ୍ଠ ଅଧିକାରୀ, ଇଞ୍ଜିନିୟରିଂ ଏବଂ ଅପରେସନ୍ କର୍ମଚାରୀ ଘଟଣାସ୍ଥଳକୁ ଯାଇଛନ୍ତି। ଏପର୍ଯ୍ୟନ୍ତ ମୃତାହତ ହୋଇଥିବାର କୌଣସି ଖବର ଏବଂ କ୍ଷୟକ୍ଷତିର ଖବର ମିଳିନାହିଁ। ସେପଟେ ଏହି ଦୁର୍ଘଟଣା ପରେ ଟ୍ରେନ୍ ନମ୍ବର ୧୫୦୨୭ ସମ୍ବଲପୁର - ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ୍, ରାଉରକେଲା-ହଟିଆ-ମୁରି ଟ୍ରେନ୍‌ର ନିର୍ଦ୍ଧାରିତ ରୁଟ୍ ପରିବର୍ତ୍ତେ ରାଉରକେଲା-ସିନି-ଚାଣ୍ଡିଲ୍-ଗୁଣ୍ଡା ବିହାର-ମୁରିର ପରିବର୍ତ୍ତିତ ରୁଟ୍ ଦେଇ ଚାଲିବ ବୋଲି ସୂଚନା ମିଳିଛି। ସେହିପରି ଟ୍ରେନ୍ ନମ୍ବର ୧୮୫୨୩ ବିଶାଖାପାଟନମ୍-ବନାରସ ଏକ୍ସପ୍ରେସ୍, ରାଉରକେଲା-ହଟିଆ-ମୁରିର ନିର୍ଦ୍ଧାରିତ ରୁଟ୍ ପରିବର୍ତ୍ତେ ରାଉରକେଲା-ଚକ୍ରଧରପୁର-କାଣ୍ଡ୍ରା-



ଚାଣ୍ଡିଲ୍- ଗୁଣ୍ଡା ବିହାର-ମୁରିର ପରିବର୍ତ୍ତିତ ରୁଟ୍ ଦେଇ ଚାଲିବ। ଟ୍ରେନ୍ ନମ୍ବର ୧୨୮୩୬ ସାର୍ ଏମ୍ ବିଶ୍ୱଭାରାୟା ବେଙ୍ଗାଲୁରୁ ଟର୍ମିନାସ୍-ହାଟିଆ ଏକ୍ସପ୍ରେସ ରାଉରକେଲା-ଚକ୍ରଧରପୁର-କାନ୍ଦ୍ରା-ଚଣ୍ଡିଲ-ପୁରୁଲିୟା- କୋଟଶିଲା - ମୁରି ଏହାର ନିର୍ଦ୍ଧାରିତ ମାର୍ଗ ପରିବର୍ତ୍ତେ ରାଉରକେଲା - ହାଟିଆ ଟ୍ରେନ ନମ୍ବର ୦୭୦୫୬ ବରୌନୀ-ପୋଟାନୁର ସ୍ୱେଶାଲ ଏବଂ ଏହାର ନିର୍ଦ୍ଧାରିତ ରୁଟ୍ ମୁରି - ହଟିଆ - ରାଉରକେଲା ପରିବର୍ତ୍ତେ ମୁରି - ଗୁଣ୍ଡା ବିହାର - ଚାଣ୍ଡିଲ - ରାଉରକେଲା ଦେଇ ଚାଲିବ। ଟ୍ରେନ ନମ୍ବର ୧୩୩୫୧ ଧାନବାଦ - ଆଲ୍ଲାପୁଝା ଏକ୍ସପ୍ରେସ ଯାତ୍ରା ଆରମ୍ଭ ତାରିଖ ଅର୍ଥାତ ଆଜିର ଏହାର ନିର୍ଦ୍ଧାରିତ ରୁଟ୍ ମୁରି - ହଟିଆ - ରାଉରକେଲା ପରିବର୍ତ୍ତେ ମୁରି - ଗୁଣ୍ଡା ବିହାର -ଚାଣ୍ଡିଲ -ରାଉରକେଲା ଦେଇ ଚାଲିବ। ସେହିପରି ଏହି ଦୁର୍ଘଟଣା ପରେ ଟ୍ରେନ୍ ନମ୍ବର ୫୮୬୫୯ ହାତିଆ - ରାଉରକେଲା ପାସେଞ୍ଜର ୨୯ ତାରିଖରେ ବାତିଲ କରି ଦିଆଯାଇଛି।

ବଣାଇଁ ଅଞ୍ଚଳରେ ପୁଣି ଚୋରି

## କବାଟ ଭାଙ୍ଗି ଲୁଟିନେଲେ ଟଙ୍କା ଓ ସୁନା ଗହଣା

**ବଣାଇଁ, ୨୯ ।୧୦ (ସମିସ):** ବଣାଇଁ ସହର ସମେତ ଆଖପାଖ ଅଞ୍ଚଳରେ ଚୋରି, ଡକାୟତି ସହ ବିଭିନ୍ନ ଅପରାଧ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ବଣାଇଁ ବଜାର ନିକଟରେ ରବିବାର ଡକାୟତି ଘଟଣା ଲୋକଙ୍କ ମନରୁ ଯାଇ ନ ଥିବାବେଳେ ସୋମବାର ପୁଣି ଘର କବାଟ ଭାଙ୍ଗି ଦୁର୍ବୃତ୍ତ ଲୁଟି ନେଇଛନ୍ତି ନଗଦ ୨ ଲକ୍ଷ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନା ଗହଣା।



ରବିବାର ରାତିରେ ବଣାଇଁ ବଜାର ଦାଣ୍ଡ ନିକଟରେ ରଶ୍ମୀ ଇଲେକ୍ଟ୍ରିକାଲଙ୍କ ଘରେ ଡକାୟତମାନେ ବନ୍ଧୁକ ମୁନରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟି ନେଇଥିଲେ। ପରେ ପୁଣି ସୋମବାର ଘରେ କେହି ନଥିବାବେଳେ ବାବୁ ନୂଆଗାଁ ଛତିଆଡିପା ରେ ରହୁଥିବା ନିକୁଞ୍ଜ ବେହେରାଙ୍କ ଘର କବାଟ ଭାଙ୍ଗି ଡକାୟତମାନେ ଲୁଟି ନେଇଛନ୍ତି ନଗଦ ଟଙ୍କା ସହ ସୁନା ଗହଣା। ସେହିପରି ଭାବେ ଚର୍ଚ୍ଚ ଛକ ନିକଟରେ ଚନ୍ଦନ ଚା ଦୋକାନୀଙ୍କ ତାଲା ଭାଙ୍ଗି ଟିଭି, ସାଉଣ୍ଡ ସିଷ୍ଟମ, ବିସ୍କୁଟ ସହ ଅନ୍ୟାନ୍ୟ ଜିନିଷ ପତ୍ର ସହ ଟଙ୍କା ଚୋରି କରି ନେଇଛନ୍ତି। ପୁଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଯାଞ୍ଚଜାରି ରଖିଥିଲେ ମଧ୍ୟ କୌଣସି ସଫଳତା ପାଇ ପାରିନାହିଁ। ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ଫୁଟେଜରେ ଚୋରଙ୍କ ଗତିବିଧି ରେକର୍ଡ ହୋଇଥିଲେ ମଧ୍ୟ ଅଦ୍ୟାବଧି ପୁଲିସ କାହାକୁ ଠାବ କରି ପାରିନାହିଁ। ଯାହାକୁ ନେଇ ବଣାଇଁ ଅଞ୍ଚଳର ଲୋକମାନେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରାଉରକେଲା ଏସ୍‌ପି ନୀତେଶ ୱାଧୱାନି ବଣାଇରେ ପହଞ୍ଚି ଡକାୟତି ଘଟଣାର ଯାଞ୍ଚ କରିଛନ୍ତି। କେତେଜଣ ସନ୍ଦିଗ୍ଧଙ୍କୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଚୁକ୍ତିନାମା କେନ୍ଦ୍ରୀକରଣ ଓ ମିଶ୍ରଣ ଉପରେ କର୍ମଶାଳା



**ରାଉରକେଲା, ୨୯ ।୧୦ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା ଅଧୀନ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ 'ସମାଗମ' ଠାରେ ସେବା ବିଭାଗର ସିଜିଏମ ଇନ୍‌ଚାର୍ଜଙ୍କ କାର୍ଯ୍ୟାଳୟ ତରଫରୁ ଚୁକ୍ତିକୁ ଅନୁକୂଳ କରିବା ଉଦ୍ଦେଶ୍ୟରେ 'ସେଲ୍‌ଫ ଆରଏସପିରେ ଚୁକ୍ତିନାମାର କେନ୍ଦ୍ରୀକରଣ/ମିଶ୍ରଣ' ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରିଥିଲେ ଏବଂ ପ୍ରତି ତ୍ରୈମାସିକରେ ଚୁକ୍ତିନାମାର ୨୫ ପ୍ରତିଶତ ଏବଂ ଠିକା ଶ୍ରମିକ ୫ ପ୍ରତିଶତ ହ୍ରାସ କରିବାର ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ଉପରେ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କର୍ମଶାଳାରେ କାରଖାନାର ବିଭିନ୍ନ ବିଭାଗର ସିଜିଏମ, ଏଚଓଡି, ଏଚଓଏସ ଏବଂ ଯୋଜନା ଅଧିକାରୀ ସମେତ ପ୍ରାୟ ୮୦ ଜଣ ଅଧିକାରୀ ଯୋଗ ଦେଇଥିଲେ। ଏହି କର୍ମଶାଳାକୁ ସେବା ବିଭାଗର ସିଜିଏମ୍ ଇନଚାର୍ଜ ଅତିଶ ଚନ୍ଦ୍ର ସରକାର ପରିଚାଳନା କରିଥିଲାବେଳେ କେନ୍ଦ୍ରୀକରଣ ଏବଂ ଚୁକ୍ତିନାମାର ମିଶ୍ରଣ ପାଇଁ ସମ୍ଭାବ୍ୟ ପଦ୍ଧତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ଏଥି ସହିତ ସେ ଦକ୍ଷତା ବୃଦ୍ଧି ଏବଂ ଖର୍ଚ୍ଚକୁ ଅନୁକୂଳ କରିବା ପାଇଁ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଚୁକ୍ତିଗୁଡ଼ିକୁ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତିରେ ମିଶ୍ରଣ କରିବାର ସୁଯୋଗ ଉପରେ ମଧ୍ୟ ଆଲୋକପାତ କରିଥିଲେ। ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନଚାର୍ଜ ଏସ୍‌ଏସ ରାୟଚୌଧୁରୀ ସମାବେଶକୁ ସମ୍ବୋଧିତ କରିବା ସହିତ ମିଶ୍ରଣ ଏବଂ କେନ୍ଦ୍ରୀକରଣ ମାଧ୍ୟମରେ ଚୁକ୍ତିର ଏକତ୍ରୀକରଣ ପାଇଁ ଏକ ଖୋଲାମନର ଆଭିମୁଖ୍ୟ ଗ୍ରହଣ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମାନବସମ୍ବଳ (ସିଏଲସି) ବିଭାଗର ଜିଏମ ଜ୍ଞାନରଞ୍ଜନ ଦାଶ ଠିକା ଶ୍ରମିକ ବାୟୋମେଟ୍ରିକ୍ ଉପସ୍ଥିତି ପରିଚାଳନା ବ୍ୟବସ୍ଥାରେ ଡିଜିଟାଲ୍ ପଦକ୍ଷେପ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ମତବିନିମୟ ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ବିଭାଗ ମଧ୍ୟରେ ଚୁକ୍ତି ମିଶ୍ରଣ ପାଇଁ ସମ୍ଭାବ୍ୟ କ୍ଷେତ୍ର ଚିହ୍ନଟ କରିଥିଲା ବେଳେ ପରାମର୍ଶଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ପରିଚାଳିତ ହେବାକୁ ଥିବା ଚୁକ୍ତି ହାରରେ ସମାନ କାମଗୁଡ଼ିକୁ ମିଶ୍ରଣ କରାଯାଇଥିଲା। କିଛି ପ୍ରସ୍ତାବିତ ବିଭାଗ ମଧ୍ୟରେ ହିଟ୍ ଏକ୍ସଚେଞ୍ଜର ସଫା କରିବା, କୁଲିଂ ଟାୱାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଡିଭାଇସଗୁଡ଼ିକର ରକ୍ଷଣାବେକ୍ଷଣ, କ୍ରେନ୍ ଏବଂ ହୋଷ୍ଟଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ, ଗ୍ୟାସ୍ ଏବଂ ଉପଯୋଗୀତା ପାଇପଲାଇନର ରକ୍ଷଣାବେକ୍ଷଣ, ଭଲଭ୍ ପ୍ରତିସ୍ଥାପନ, ଇନ୍‌ସୁଲେସନ କାର୍ଯ୍ୟ ସହ ଅନ୍ୟକାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ଏମ୍.ଏସ୍ ରାଓ ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବଣାଇଁ ସହରରେ ଚୋରି ଉପରେ ରୋକ୍ ଲଗାଇବାକୁ ଦାବି


**ବଣାଇଁ, ୨୯।୧୦(ସମିସ):** ଗତ କିଛି ଦିନ ମଧ୍ୟରେ ବଣାଇଁ ସହର ଓ ଆଖପାଖରେ ହୋଇଥିବା ଚୋରି ଓ ଡକାୟତି ଘଟଣା ନେଇ ଭୟ ଓ ଅସନ୍ତୋଷ ବ୍ୟାପିଛି। ପୁଲିସର



ବିଫଳତା ଓ ଅସଚେତନତା ନେଇ ଆଜି ବଣାଇଁ ବଣିକ ସଂଘ ପକ୍ଷରୁ ଉପଜିଲ୍ଲାପାଳ ଅକ୍ଷୟ କୁମାର ପିଲେ ଓ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ଦୁଷ୍ମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶହ ଶହ ବ୍ୟବସାୟୀ ଓ ସହରବାସୀ ଉପସ୍ଥିତ ହୋଇ ପୁଲିସର ନିଷ୍କ୍ରିୟତା ଉପରେ କଟାକ୍ଷ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ବଣାଇକୁ ପ୍ରବେଶ ପଥ ଯେପରିକି ଦେଓଗାଁ, କନ୍ତଯୋଡ଼ି ଓ ବଜାର ଛକରେ ସ୍ୱତନ୍ତ୍ର ଚେକପୋଷ୍ଟ ସ୍ଥାପନ କରାଯାଉ। ଅଚିହ୍ନା ଲୋକଙ୍କ ଗତିବିଧି ଉପରେ ପୁଲିସ ତୀବ୍ର ନିଗରାନୀ ରଖୁ, ସିସିଟିଭି ମରାମତି ଓ ରାତିରେ ପାଟ୍ରୋଲିଂ ବଢ଼ାଯାଉ। ସେମାନେ ଆହୁରି ଦାବି କରିଛନ୍ତି ଯେ, ବାହାର ରାଜ୍ୟରୁ କାମ କରିବାକୁ ଆସିଥିବା ଲୋକଙ୍କୁ ଚୁକ୍ତିନାମା ମାଧ୍ୟମରେ ଭଡ଼ା ଘର ଦିଆଯାଉ ଏବଂ ସେହି ତଥ୍ୟ ପୁଲିସ କାର୍ଯ୍ୟାଳୟରେ ଦାଖଲ ହେଉ। ବଣାଇ ଉପ ଜିଲ୍ଲାପାଳ ଏବଂ ଉପଖଣ୍ଡ ପୁଲିସ ଅଧିକାରୀ ଦାବିପତ୍ର ଗ୍ରହଣ କରିବା ସହ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନ ଦେଇଛନ୍ତି।

## ଜିଭିପିଆର୍ ଲୌହଖଣିରେ ଖଣି ବିଭାଗର ଯାଞ୍ଚ

**କୋଇଡା, ୨୯ ।୧୦(ସମିସ):** ଗତ କିଛିଦିନ ତଳେ ଜିଭିପିଆର୍ ଇଞ୍ଜିନିୟରିଂ ଲିମିଟେଡ୍ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଲୌହ ଖଣିକୁ ନିଲାମ ପ୍ରକ୍ରିୟାରେ ଲିଜ୍ ଆକାରରେ ପାଇଥିଲେ। ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ କାଗଜପତ୍ର ଠିକ୍ ହେବାପରେ ତିନିସପ୍ତାହ ପୂର୍ବେ ଖଣି କାର୍ଯ୍ୟ ଚାଲୁ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କୋଇଡ଼ା ଖଣି ଉପନିର୍ଦ୍ଦେଶକଙ୍କ ଅନୁମତି ପରେ ଲୁହାପଥର ପରିବହନ ହୋଇଥିଲା। ଆଜି ଖଣି କର୍ତ୍ତୃପକ୍ଷ ଉଚ୍ଚମାନର ଲୌହ ଖଣିଜ ପଥରକୁ ନିମ୍ନମାନର ଦର୍ଶାଇ ପରିବହନ କରୁଥିବା ଅଭିଯୋଗ ହୋଇଥିଲା। ଏଣୁ କୋଇଡ଼ା ଖଣି ଉପନିର୍ଦ୍ଦେଶକ ବିଭାଗର ତିନିଜଣ ଅଧିକାରୀ ଜିଭିପିଆର୍ ଲୌହ ଖଣିକୁ ଯାଞ୍ଚ କରିବାକୁ ପହଞ୍ଚିଥିଲେ। ସକାଳ ୧୧ଟାରେ ଖଣିରେ ପହଞ୍ଚି ଖଣିରେ କରାଯାଇଥିବା ଚାଟା (ଷ୍ଟାକ) ଗୁଡ଼ିକୁ ୧ଟା ପର୍ଯ୍ୟନ୍ତ ଯାଞ୍ଚ




କରିବାପରେ ଫେରି ଯାଇଥିଲେ। ଏନେଇ ଆମେ କୋଇଡ଼ା ଖଣି ଉପନିର୍ଦ୍ଦେଶକ ଅସିତ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ ଆମେ ଅଭିଯୋଗ ପାଇବା ପରେ ତିନି ଜଣ ଅଫିସରଙ୍କୁ ଉକ୍ତ ଖଣିକୁ ପଠାଇଥିଲୁ, ଖଣି ଷ୍ଟାକ୍ ସବୁ ସଠିକ୍ ରହିଥିଲା, ଯେଉଁ ଲୋଡ୍ ଗାଡିକୁ ନେଇ ଅଭିଯୋଗ ହୋଇଛି ତାହା ଉପରେ ତଦନ୍ତ ଜାରି ରହିଛି ବୋଲି କହିଥିଲେ।

## ଅନ୍ୟର ଜୀବନ ବଞ୍ଚାଇବା ପାଇଁ ପ୍ରୟାସ

ଜନ୍ମ ଦିନରେ ରକ୍ତଦାନ ଶିବିର; ୪୦ ୟୁନିଟ୍ ସଂଗ୍ରହ

**କୋଇଡ଼ା, ୨୯ ।୧୦(ସମିସ):** ଟେନ୍‌ସା ମାଟିର ଝିଅ ତଥା ଲଗାତାର ଭାବେ ସରପଞ୍ଚ ଭାବେ ନିର୍ବାଚିତ ଅନୀତା ପୂର୍ତ୍ତୀଙ୍କ ୪୦ ତମ ଜନ୍ମ ବାର୍ଷିକ ଅବସରରେ ଟେନସା ଜନସାଧାରଣ ପକ୍ଷରୁ ଏକ ରକ୍ତଦାନ ଶିବିର ଟେନସା ସ୍ଥିତ ସେଲ୍‌ଫ ହସ୍‌ପିଟାଲ ଠାରେ ଅନୁଷ୍ଠିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରସୁଆଁ ଲୌହଖଣି ସିଜିଏମ୍ ହିମାଂଶୁ ମିଶ୍ର ତଥା ଅନ୍ୟ ଅତିଥି ମଧ୍ୟରେ କୋଇଡା ବିଡିଓ ସମରେନ୍ଦ୍ର ସରା, ଜିନ୍ଦଲ ଟିଆରବି ଖଣି ପ୍ରବନ୍ଧକ ଭରଦ୍ୱାଜ ରାଉତ, ବାରସୁଆଁ ଲୌହଖଣିର କାର୍ମିକ ପ୍ରଶାସନିକ ବିଭାଗର ଏନ୍‌ସି ପଣ୍ଡା, ଡା. ଜିତେନ୍ଦ୍ର ପାଶ୍ୱାନ, ଡା. ପଙ୍କଜ କୁମାର, ଡା. ଅରୁଣ କୁମାର, ଡା. ପ୍ରଭାସ ରଞ୍ଜନ, ଡା. ତେଜେଶ୍ୱନୀ ବିଶ୍ୱାଳ, ବରସୁଆଁ ଲୌହଖଣି ବରିଷ୍ଠ ଅଧିକାରୀ ଅମୀୟ ରାଉତ, ରାଉରକେଲା ରକ୍ତଭଣ୍ଡାର ଅଧିକାରୀ ଡ. ପ୍ରଶାନ୍ତ କୁମାର ଦାଶ, ଟେନ୍‌ସା ପଞ୍ଚାୟତ ସରପଞ୍ଚ ଅନୀତା ପୂର୍ତ୍ତି, ସମାଜସେବୀ ବାଦଲ ବାରିକ ପ୍ରମୁଖ ଯୋଗଦେଇ ଥିଲେ। ଉକ୍ତ ଶିବିରରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଶିବିରରେ ଟେନସା ଅଞ୍ଚଳର ସମାଜସେବୀ ପ୍ରଶାନ୍ତ ମହାନ୍ତି, ରାକେଶ ମହାନ୍ତି, ବିଡି ଭୂୟାଁ, କୈଳାସ ପଣ୍ଡା, ପବିତ୍ର ମୋହନ ବେହେରା, ସ୍ନେହା ଡାଙ୍ଗ ପ୍ରମୁଖ ଯୋଗଦେଇ ଥିଲେ।

## ସୃଜନୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ରାଉରକେଲା, ୨୯।୧୦(ସମିସ):** ଗୋଟିଏ ଜାତିର ଅନ୍ତର ଆତ୍ମାକୁ କେବଳ ତାର ମାତୃଭାଷା ଏବଂ ସାହିତ୍ୟ ହିଁ ଉଜ୍ଜୀବିତ କରି ରଖିପାରେ ବୋଲି ତରକେରା ଶିବମନ୍ଦିର ପ୍ରାଙ୍ଗଣରେ



ସଭାପତି ସଚୀନ୍ଦ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୃଜନୀ ସାହିତ୍ୟ ସଂସଦର ୩୮ତମ ବାର୍ଷିକୋତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟିକ ପ୍ରଶାନ୍ତ କୁମାର ପତି ମତବ୍ୟକ୍ତ କରିଛନ୍ତି। ରଘୁନାଥପାଲିର ପ୍ରାକ୍ତନ ବିଧାୟକ ରବି ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜିବିତ କରି ରଖିବାରେ ସୃଜନୀ ସାହିତ୍ୟ ସଂସଦର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ରୁକ୍ମିଣୀ ସାହୁ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର କବି ଓ ସାହିତ୍ୟିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଅଧ୍ୟାପକ କରୁଣାକର ପାଟଶାଣୀ ଯୋଗଦେଇ ରାଜନୈତିକ ସ୍ୱାଧୀନତା ନୁହେଁ, ଏବେ ବି ପରାଧୀନତାର ଶୃଙ୍ଖଳ ମଧ୍ୟରେ ବୃଦ୍ଧ ପିତାମାତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା, ନାରୀସମାଜ ଜୀବନ ନିର୍ବାହ କରୁଛନ୍ତି ବୋଲି କହିଥିଲେ।

**Government of Odisha "e" Procurement** C-1344
**Notice Bid Identification No.37/2025-26**

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | 17.45 lakh to 39.50 Lakh. |
| 3. | Period of completion | : | Two months. |
| 4. | Date & Time of availability of bid document in the portal | : | From 11.00 AM. of 30.10.2025 to 5.00 PM of 10.11.2025 |
| 5. | Last date / time for receipt of bids in the portal | : | 5.00 PM of 10.11.2025 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

OIPR-13205/11/0040/2526

Supertintending Engineer,
P.H. Division, Bhubaneswar

No. 4107 / Dated 25.10.2025 O-1203
**Government of Odisha "e" Procurement Notice**
**Bid Identification No. TENDER ONLINE SNPR-08 OF 2025-26**

1. Name of work : Building Works as per DTCN available in the website
2. Total No. of Work : 2 (Two) Nos.
3. Approximate Estimated Cost : Vary from Rs. 30.04 lakh to Rs. 67.27 lakh
4. Period of Completion : 6 (Six) to 9 (Nine) Calendar months
5. Period and time of availability of bid document in the portal for bidding : 30.10.2025 at 11.00 AM to 14.11.2025 up to 5.00 PM
6. Date and time of opening of Tender : 15.11.2025 at 11.00 AM (Technical Bid) & (Financial Bid will be intimated later on)
7. Name and address of the officer inviting bid : S.E.R.W. Division, Sonepur
(1) Other details can be seen from detailed notice
(2) Inviting tenders available in website: www.tendersodisha.gov.in
(3) Corrigendum, if any, shall only be published in the website: www.tendersodisha.gov.in

Executive Engineer
Rural Works Division, Sonepur

OIPR-25054/11/0045/2526

**OFFICE OF THE EXECUTIVE ENGINEER** O-1160
**RURAL WORKS DIVISION, BARGARH**
e-Procurement Notice No. ONLINE-BGH-11 OF 2025-26

| | | | |
|---|---|---|---|
| 1. | Name of the work | : | Road work during 2025-26 in the district of Bargarh |
| 2. | EMD | : | @1% of the estimated cost put to tender |
| 3. | Other Details | : | As per DTCN |

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking tender Clarification | Date & Time of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-11 OF 2025-26 | 30.10.2025 at 11.00 AM | 12.11.2025 upto 5.00 PM | 12.11.2025 upto 1.00 PM | 13.11.2025 at 11.00 AM |

Further details can be seen from the website www.tendersorissa.gov.in.

OIPR-25062/11/0037/2526

Superintending Engineer
R.W. Division, Bargarh

## କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭାଗବତ ପାରାୟଣ

**ରାଉରକେଲା, ୨୯ ।୧୦(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଆଜି ୫ମ ସନ୍ଧ୍ୟା ରାଉରକେଲା ପୁଲିସ ଜିଲ୍ଲା ଜୋନ - ୧ ଡିଏସପି ଯୋଗେଶ୍ୱର ପଣ୍ଡା ଓ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀ ଉଦ୍‌ଘାଟନ କରିଥିଲେ। ଏହାପରେ ରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ଡିଏସ୍‌ପି ଶ୍ରୀ ପଣ୍ଡା, ସମ୍ମାନିତ ଅତିଥି ଶ୍ରୀ ସେଠୀ ଏବଂ ରାମଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ସାରନଗରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଜ୍ୟୋତିପ୍ରକାଶ ମହାନ୍ତି, ଶ୍ରୀଚରଣ ସାମଲ, ଗୋପୀନାଥ ଦାସଙ୍କ ସମେତ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ସଭାପତି ତ୍ରିନାଥ ଦାସ ମୋହିନୀ, ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳବାର ଅନୁଷ୍ଠିତ ଭାଗବତ ପାରାୟଣ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମର ଚତୁର୍ଥ ସନ୍ଧ୍ୟାକୁ ରାଉରକେଲା ଏନଆଇଟିର କୁଳସଚିବ ପ୍ରଫେସର ରୋହନ ଧିମାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।





'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ'

## ଜଲଦାର କବରସ୍ଥାନ ଟିମ୍ ଚାମ୍ପିଅନ

**ରାଉରକେଲା, ୨୯।୧୦(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସ୍‌ଆର ବିଭାଗ ଦ୍ୱାରା ଲାଠିକଟା ବ୍ଲକ ଅଧୀନ ସୁଇଡିହ ପଞ୍ଚାୟତର ସୋନାପର୍ବତ ଗ୍ରାମରେ ଆୟୋଜିତ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ'ରେ ଜଲଦାର କବରସ୍ଥାନ ଟିମ ଚାମ୍ପିଅନ୍ ହୋଇ ପୁରସ୍କୃତ ହୋଇଥିବା ଜଣାପଡ଼ିଛି। ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟର ବିଜେତାମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସହର ସେବା ଏବଂ ସିଏସ୍‌ଆର ବିଭାଗର ସିଜିଏମ୍ ଟିଜି କାନେକର ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଲାଠିକଟା ପଞ୍ଚାୟତ ସରପଞ୍ଚ ଗୋପୀନାଥ ଖାଲଖୋ, ଆର୍‌ଏସ୍‌ପି ସିଏସ୍‌ଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ର, ସିଏସ୍‌ଆର ବିଭାଗର ଡିଜିଏମ ଆରଏସ୍ ବାରା ଏବଂ ଟିବି ଟପ୍ପୋଙ୍କ ସମେତ ସିଏସଆର ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ରେ ଜଲଦା 'ସି' ବ୍ଲକର କବରସ୍ଥାନ ଟିମ୍ ନୂଆଗାଁର ଅଂସାରୀ ଟିମକୁ ୫-୩ ଗୋଲରେ ପରାସ୍ତ କରି ବିଜେତା ହୋଇଥିଲା। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ଟିମକୁ ମଧ୍ୟ ଉତ୍ସାହିତ କରିଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ଫୁଟବଲର ଗୁରୁତ୍ୱ ଏବଂ ଦଳ ଭିତ୍ତିକ ଖେଳ ଭାବରେ ଏହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଚାମ୍ପିଅନ ଦଳ ଟ୍ରଫି ସହିତ ୧୦୦୦୦ ଟଙ୍କାର ଅର୍ଥ ରାଶି ସହ ପୁରସ୍କାର ଗ୍ରହଣ କରିଥିବା ବେଳେ ପ୍ରଥମ ରନର୍ସ ଅପ ଦଳ ଟ୍ରଫି ସହିତ ୮୦୦୦ ଟଙ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ। ବୁଢାହଣ୍ଡା ଓ ସୁଇଡିହ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରି ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କାର ଅର୍ଥରାଶି ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ନୂଆଗାଁର ଅଫତାବ ଅଂସାରୀ ଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିବାବେଳେ ଜଲଦା ଗ୍ରାମର ରାହୁଲ ଗୁଡା ଶ୍ରେଷ୍ଠ ସ୍କୋରର ଓ ଶ୍ରବଣ ତନ୍ତୀ ଶ୍ରେଷ୍ଠ ଗୋଲକିପର ଏବଂ ଜଲଦା ଗ୍ରାମରୁ ବିରେଶ ଶ୍ରେଷ୍ଠ ଡିଫେଣ୍ଡର ଭାବେ ଘୋଷିତ ହୋଇଥିଲେ। ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା। ସିଏସଆର ବିଭାଗର ସେକ୍ସନ ଅଫିସର ବି.ଏକା ଏହାର ଉଦ୍‌ଯାପନୀ ଉତ୍ସବର ଉପସ୍ଥାପନା କରିଥିବାବେଳେ ସେକ୍ସନ ଅଫିସର ଜି.ଆର ନାୟକଙ୍କ ସହିତ ସିଏସଆର ବିଭାଗ ଦଳ ଏହାର ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ ଗ୍ରାମୀଣସ୍ତରରେ ପ୍ରତିବର୍ଷ ଆର୍‌ଏସ୍‌ପିର ଚାରିଟି ପାର୍ଶ୍ୱାଞ୍ଚଳ ବ୍ଲକରେ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ଆୟୋଜିତ ହେଉଛି।

### କାହାକୁ ପୋଷିବାକୁ ପୋଷାକ ବଣ୍ଟନ ନୀତି

# ବାଟ ହୁଡୁଛି ମହିଳାଙ୍କୁ ସଶକ୍ତୀକରଣ ସଙ୍କା

**ଭବାନୀପାଟଣା, ୨୯ ।୧୦(ସମିସ)**

ମହିଳା ସଶକ୍ତିକରଣ ବର୍ତ୍ତମାନର ସରକାରଙ୍କ ପାଇଁ କେବଳ ଏକ ଶବ୍ଦ ପାଲଟିଛି। ମହିଳାମାନଙ୍କ ଜୀବନଧାରଣରମାନ ବୃଦ୍ଧି ସକାଶେ କୌଣସି ସିଦ୍ଧାନ୍ତ ଗ୍ରହଣ କରିବା ପୂର୍ବରୁ ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ଜରୁରୀ। କିନ୍ତୁ ଦେଖାଯାଇଛି କୌଣସି କଥା ବିଚାର ନକରି ମିଶନଶକ୍ତି ନାଁରେ ବିଭିନ୍ନ ଏସଏସ୍‌ଜି ଗ୍ରୁପଙ୍କୁ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଲାଗି ପୋଷାକ ବଣ୍ଟନ ଦାୟିତ୍ୱ ଲଦି ଦିଆଯାଇଛି। କୋଉ ଗ୍ରୁପ ପାଖରେ ସିଲେଇ ମେସିନ ନାହିଁ ତ କାହା ପାଖରେ ସେତିକି ମାନବ ସମ୍ବଳ ନଥିବା ଲକ୍ଷ କରାଯାଇଛି। କିଏ କେମିତି ଏସ୍‌ଏସଜି ଗ୍ରୁପ ଚୟନ କଲେ ଏବଂ ଜିଲ୍ଲାପାଳ ମଞ୍ଜୁରୀ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରକୃତ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ମହିଳା ସଶକ୍ତିକରଣର କଥା ଚିନ୍ତା କରିବାର ଆବଶ୍ୟକତାକୁ କାହାର ଆଦୌ ଦୃଷ୍ଟି ନଥିବା ଅନୁମାନ କରାଯାଉଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା, ଟୋପି ଏବଂ ଅନ୍ୟ ସାମଗ୍ରୀ ବଣ୍ଟନ ପ୍ରକ୍ରିୟା ରାଜ୍ୟ ଗଣ ଶିକ୍ଷା ବିଭାଗର ଯେମିତି ଏକ ଭିନ୍ନ ପ୍ରୟାସର ବିଫଳତା କହିଲେ ଉଚିତ ହେବ।ପୋଷାକ ହେଉ କି ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ଆସିବା ଦିଗରେ ଉତ୍ସାହିତ କରିବା ହିଁ ମୂଳ ଲକ୍ଷ। କିନ୍ତୁ ଏଥର ଏହି ପୋଷାକ ବଣ୍ଟନ ନୀତିରେ ଅନେକ ବିଲକ୍ଷଣ ଦେଖାଯାଉଛି। ମହିଳାମାନେ ସ୍ୱାବଲମ୍ବୀ ହେବେ ବୋଲି ସରକାରଙ୍କ ମହତ ଉଦ୍ଦେଶ୍ୟ କିପରି ଚରିତାର୍ଥ ହେବ ତାହା ଅନୁଧ୍ୟାନର ସମୟ ଆସିଛି। ଚଳିତ ବର୍ଷ ପୋଷାକ ବଣ୍ଟନ ବ୍ୟବସ୍ଥାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏମଏସ୍‌ଏମଇ ମାଧ୍ୟମରେ ସିଲେଇ ୟୁନିଟ୍ ଥିବା ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି। ବେପାରୀଙ୍କୁ ତଥା ଭେଣ୍ଡରଙ୍କୁ ଏଥର ଦୂରେଇ ଦେଇ ଶିକ୍ଷା ବିଭାଗ ନୂଆ ନୀତି ଆପଣେଇଲେ। ଜିଲ୍ଲାର ୧୩ଟି ବ୍ଲକରେ ୨୧୬ଟି ଏସଏଚ୍‌ଜି ଓ ୧୩୪ଟି ଏମଏସଏମଇଙ୍କୁ ୩୪୭୩୮୪ଟି ପୋଷାକ ବଣ୍ଟନ ଲାଗି ଦାୟିତ୍ୱ ଦିଆଯାଇଛି। ତତସହିତ ହାଉସ ପୋଷାକ ରୂପେ ଟୋପି, ଜୋତା, ଆଇ କାର୍ଡ ଓ ଟି-ସାର୍ଟ ସହ ଟ୍ରାକ୍‌ପ୍ୟାଣ୍ଟ ମଧ୍ୟ ଯୋଗାଇବା ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି।ଜଣେ ଛାତ୍ର ପିଛା ୧୦୦୦ଟଙ୍କା ସରକାର ଖର୍ଚ୍ଚ କରି ଆସୁଛନ୍ତି। ମିଶନଶକ୍ତିକୁ ଯୋଡିବା ପଛର କାରଣ ଅତ୍ୟନ୍ତ ମହତ। ଯାହାଫଳରେ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ଜିଲ୍ଲାର ୧୩ଟି ବ୍ଲକ ପାଇଁ ଏବାବଦରେ ଯଥାକ୍ରମେ ୧୦ କୋଟି ୭୯ଲକ୍ଷ ୬୮ହଜାର ଏବଂ ୫କୋଟି ୧୬ ଲକ୍ଷ ୫୧ହଜାର ୬୦୦ଟଙ୍କାର ଏକ ବଜେଟ ପ୍ରସ୍ତୁତ କରାଯାଇଛି। ସେଅନୁସାରେ ଟଙ୍କା ମଧ୍ୟ ଜିଲ୍ଲାର ପ୍ରତି ସ୍କୁଲରେ ପହଁଞ୍ଚିଛି। ଅସଲ କଥା ପୋଷାକ ବ୍ଲକର ମାତ୍ର କିଛି ସ୍କୁଲ ଗୁଡିକରେ ବଣ୍ଟା ଯାଇଥିବାବେଳେ ଅନ୍ୟ କେତେକ ବ୍ଲକରେ ବଣ୍ଟାଯାଇପାରୁନାହିଁ। ଯେଉଁଠି ବଣ୍ଟା ସରିଛି ସେହି ସ୍କୁଲ କର୍ତ୍ତୃପକ୍ଷ ପୂନର୍ବାର ପୋଷାକର ମାନ ଦେଖି ନାପସନ୍ଦ କରିବା ସହିତ ସମ୍ପୃକ୍ତ ବିଇଓଙ୍କୁ ସ୍କୁଲରେ ରେଜୁଲେସନ ପାସ କରି ଦୃଷ୍ଟି ଆକର୍ଷଣ କରୁଛନ୍ତି। କିନ୍ତୁ ବିଇଓମାନଙ୍କ ଗୋଟିଏ କଥା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି, ତେଣୁ

## ଅଡୁଆ କରୁଛି ନିମ୍ନମାନର ପୋଷାକ

ବିକଳ୍ପ ବ୍ୟବସ୍ଥା ଆଉ କରାଯାଇପାରିବ ନାହିଁ। ପ୍ରାୟତଃ ଅଗଷ୍ଟ ପନ୍ଦର କିମ୍ବା ଶିଶୁ ଦିବସ ପୂର୍ବରୁ ଛାତ୍ର ଛାତ୍ରୀମାନେ ନୂଆ ପୋଷାକ ପରିଧାନ କରି ସ୍କୁଲ ଆସିଥାନ୍ତି। ବିଡମ୍ବନା ଏହା ଯେ କେତକ ସ୍କୁଲର ପ୍ରଧାନ ଶିକ୍ଷକ ପୋଷାକ ରଖିବା ଅବସ୍ଥାରେ ନାହାନ୍ତି। ଅନ୍ୟପକ୍ଷରେ ବ୍ୟବସ୍ଥା ଏମିତି ହୋଇଛି ନିକଟରେ ସ୍କୁଲ ଥିବା ଅଞ୍ଚଳର ଏସଏଚ୍‌ଜି ଗ୍ରୁପକୁ ନଦେଇ ଅନ୍ୟ ପଞ୍ଚାୟତର ଗ୍ରୁପକୁ ମାର୍କ କରାଯାଇଛି। କେତୋଟି ଗ୍ରୁପ ବାଉଳା ଚାଉଳା ହୋଇ ଶେଷରେ ସେହି ପୋଷାକ ଯୋଗାଉଥିବା ଭେଣ୍ଡର ନିକଟରେ ପହଁଛି ଶସ୍ତାରେ ପାଇବାଲାଗି ମୂଳ ଚାଲ କରୁଥିବା ନଜିର ରହିଛି। ଯଦି ଏସେଚଜି ଗ୍ରୁପ ପୂନର୍ବାର ବେପାରୀ(ଭେଣ୍ଡର)ଙ୍କ ଦ୍ୱାରସ୍ଥ ହେବେ ତାହା ହେଲେ ମହିଳାମାନେ କି ପରିସ୍ଥିତିରେ ଆତ୍ମସ୍ୱାବଲମ୍ବୀ ହେଇପାରିବେ ବୋଲି ପ୍ରଶ୍ନ ଉଠୁଛି। ବେପାରୀଙ୍କ ଠାରୁ ଲାଭ ପାଇବା ଆଶାରେ ପୋଷାକର ମାନ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ରାୟପୁର, ବ୍ରହ୍ମପୁର ଏବଂ ଭୁବନେଶ୍ୱର ପ୍ରଯ୍ୟନ୍ତ କେତେକ ଗ୍ରୁପ ପହଁଛି ସାରିଛନ୍ତି।ଏହି ଯୋଜନାରେ ସମ୍ପୃକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଡାକି ଏଗ୍ରିମେଣ୍ଟ କରାଇଦେଲେ। ଗାଇଡଲାଇନ ଅନୁସାରେ ଡ଼ିଏଲସି ଏବଂ ବିଏଲସି କମିଟି ଅଧ୍ୟକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଚାହିଁଲେ ପୋଷାକରମାନ ନିର୍ଦ୍ଧାରଣ କରିବେ ଯଦି ନିମ୍ନମାନର ପୋଷାକ ହୋଇଥିବ ତେବେ ବାତିଲ କରିଦେବାର ନିୟମ ରହିଛି। ଯେଉଁ ଭେଣ୍ଡର ମାନେ ବର୍ଷ ବର୍ଷ ଧରି ପୋଷାକ ଯୋଗାଇ ଆସୁଥିଲେ ସେମାନଙ୍କୁ ଅଣଦେଖା କରି ଶିକ୍ଷା ବିଭାଗ କି ଲାଭ ପାଇବେ ? ଏବେ ବି କିଛି ଗ୍ରୁପ ଭେଣ୍ଡର ଠାରୁ ପୋଷାକ ଆଣି ସ୍କୁଲରେ ଯୋଗାଇବା କାର୍ଯ୍ୟ ଜାରୀ ରଖିଥିବା କୁହାଯାଉଛି। ତେବେ ସମଗ୍ର ବ୍ୟବସ୍ଥାରେ ସ୍କୁଲର ଛାତ୍ର ଛାତ୍ରୀଙ୍କ କଥାକୁ ଗୌଣ ମନେ କରିଦିଆଯାଇଛି। ପୋଷାକ ବଣ୍ଟନରେ ଯେଉଁଭଳି ବିଳମ୍ବ ହେଲାଣି ସେଥିରେ ଷଷ୍ଠ ଓ ଅଷ୍ଟମ ଛାତ୍ରଛାତ୍ରୀ ମାତ୍ର ୩/୪ମାସ ଏହି ପୋଷାକ ପରିଧାନ କରିବେ କି ନାହିଁ ସନ୍ଦେହ। କାରଣ ମାର୍ଚ୍ଚରେ ସ୍କୁଲ ଗୁଡିକରେ ପରୀକ୍ଷା ଆରମ୍ଭ ହୋଇଥାଏ। କଳାହାଣ୍ଡିର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଦ୍ୱାରା ଉପସ୍ଥାନବୃଦ୍ଧି ସହ ବିଦ୍ୟାଳୟର ଉପସ୍ଥାନ ହାର ବୃଦ୍ଧି ନିଷ୍ପତ୍ତି ବୃଥା ହୋଇଯିବ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ତରଫରୁ ପ୍ରଚଳିତ ମାର୍ଗଦର୍ଶିକା ଅନୁଯାୟୀ ଯାହା କରିବା କଥା ତାହା ହେଉନାହିଁ। ଛାତ୍ରଛାତ୍ରୀମାନଙ୍କୁ ଏକ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପ୍ରେରଣା ଓ ପାଠ ପଢ଼ାରେ ଆଗ୍ରହ ସୃଷ୍ଟି ସହ ସ୍ମାର୍ଟ ଓ ଶୃଙ୍ଖଳିତ କରିବା ଚିନ୍ତାରେ ସବୁ ନୀତି ଏବଂ ଯୋଜନା ପୂର୍ବ ସରକାର ଅମଳରେ କାର୍ଯ୍ୟକାରୀ ହୋଇଥିଲା। ତେବେ ରାଜ୍ୟ ଗଣଶିକ୍ଷା ବିଭାଗ ମହିଳାଙ୍କ ସ୍ୱାର୍ଥ ନାଁରେ ଅବ୍ୟବସ୍ଥିତ ଢଙ୍ଗରେ ପୋଷାକ ବଣ୍ଟନ କାର୍ଯ୍ୟ ଚଳାଇଥିବା ଲକ୍ଷ୍ୟ କରାଯାଇଛି। ବେପାରୀ ଏସେଚଜି ଗ୍ରୁପ ଓ ଏମଏସଏସଇ (ଟେଲରିଂ ୟୁନିଟ) ବେପାରକୁ କେଉଁବାଟରେ ନେଲେ ଦି ପଇସା ରୋଜଗାର ହେବ ସମସ୍ତେ ଭାବୁଥିବା କାରଣରୁ ପୋଷାକର ମାନ ଉପରେ କାହାର ଆଉ ଧ୍ୟାନ ରହୁନାହିଁ ବୋଲି ଅଭିଯୋଗ ହୋଇଛି। ସ୍କୁଲ ପରିଚାଳନା କମିଟି ଏଥିପ୍ରତି ସଜାଗ ହେଲେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଶୃଙ୍ଖଳିତ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ମଧ୍ୟରେ ମୁଖ୍ୟମନ୍ତ୍ରୀ ଛାତ୍ର ଛାତ୍ରୀ ଯୋଜନା ଠାରୁ ଆରମ୍ଭ କରି ପି ଏମ ଶ୍ରୀ ଯୋଜନା ଧୂଁଆ ବାଣ ସଦୃଶ୍ୟ ହୋଇଛି। କେବଳ ଛାତ୍ରଛତ୍ରୀଙ୍କୁ ନିମ୍ନମାନର ପୋଷାକ ଦେଇ ସରକାର ଭଣ୍ଡାଉଛନ୍ତି ବୋଲି ଚର୍ଚ୍ଚା ହେଉଛି।

## ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ଗୋଲାମୁଣ୍ଡା, ୨୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଳାମୁଣ୍ଡା ବ୍ଲକ ଏକ ଅନୁନ୍ନତ ଆଦିବାସୀ ବହୁଳ ବ୍ଲକ ଅଟେ। ଗୋଳାମୁଣ୍ଡା ବ୍ଲକରେ ସତୁରୀ ଶତକଡା ଲୋକ ମଜୁରି କାମ କରନ୍ତି। ସରକାର କାମ ଯୋଗାଉ ନ ଥିବାରୁ ବ୍ଲକ ଅଞ୍ଚଳରୁ ବହୁ ଲୋକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇ ଶବ ହୋଇ ଗାଁକୁ ଫେରୁଛନ୍ତି।



ଆଜି ପୁଣି ଆଉ ଜଣେ ଦାଦନଙ୍କ ମୃତଦେହ ଗାଁକୁ ଫେରିଛି। ଗୋଳାମୁଣ୍ଡା ଥାନା ଗଣ୍ଡାମେର ଗ୍ରାମର ହରଡ଼ାପଡ଼ାରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତକ ଜଣକ ଗଣ୍ଡାମେର ଗ୍ରାମର ଧନସିଂ ମାଝୀଙ୍କ ବଡ଼ପୁଅ କୌଶିକ ମାଝୀ (୨୮)। ସେ ଚଳିତ ବର୍ଷ ଜୁଲାଇ ମାସରେ କାମ କରିବାକୁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। କାମ କରୁଥିବା ସମୟରେ ଗାଡ଼ିରୁ ପଡ଼ିଯାଇ ଗୁରୁତର ହୋଇଥିଲେ ତାଙ୍କୁ ନିକଟସ୍ଥ ସେଠାରେ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଖାନାରେ କିଛିଦିନ ରଖିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର କୌଶିକ ମାଝୀଙ୍କ ମୃତଦେହ ଆମ୍ବୁଲାନ୍ସ ଯୋଗେ ନିଜ ଗାଁକୁ ଫେରିଛି। ମୃତକର ପରିବାର ଓ ବନ୍ଧୁବର୍ଗ ପହଞ୍ଚି ଶବ ସତ୍କାର କରିଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। କୌଶିକ ମାଝୀଙ୍କ ପରିବାର କହିଲେ ବାପା, ମା' ସମେତ ତାଙ୍କ ସ୍ତ୍ରୀ ଏବଂ ୨ ଛୁଆ। ତାଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ମହଗାଁ-ଭରୁଆମୁଣ୍ଡା ରାସ୍ତା ବିପର୍ଯ୍ୟସ୍ତ



**ସିନାପାଲି, ୨୯ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ ପଞ୍ଚାୟତର ମହଗାଁ ଗ୍ରାମ ଦେଇ ଯାଇଥିବା ଭରୁଆମୁଣ୍ଡା ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଯାତାୟାତରେ ହଇରାଣ ହେବାକୁ ପଡୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ରାସ୍ତା ଉପରେ ଅଞ୍ଚଳର ଅନେକ ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି।ରାସ୍ତା ଉପରେ ଭରୁଆମୁଣ୍ଡା ପଞ୍ଚାୟତ ସମେତ ନୂଆପଡ଼ା, ଲିଟିଗୁଡା ଓ ଗୋଡାଲ ପଞ୍ଚାୟତ ର ଜନସାଧାରଣ ବିଶେଷ ଭାବେ ନିର୍ଭର କରିଥାନ୍ତି। ଭରୁଆମୁଣ୍ଡା ଠାରେ ସାପ୍ତାହିକ ବଜାରକୁ ଯିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ରାସ୍ତା ମରାମତି ହେଉ ନ ଥିବାରୁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ରାସ୍ତାରେ ବିରାଟ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ଅଳ୍ପ ବର୍ଷାରେ କାଦୁଅ ପଚ୍ ପଚ୍ ହୋଇ କର୍ଦ୍ଦମାକ୍ତ ହୋଇ ପଡ଼ିଛି। ଗୋଡାଲ ଓ ଭରୁଆମୁଣ୍ଡା ପଞ୍ଚାୟତ ଅଧୀନରେ ରହିଥିବା ରାସ୍ତା ଉପରେ ବନ ବିଭାଗ କିଛି ବର୍ଷ ପୂର୍ବେ କିଛି ମୋରମ ବିଛାଇ କାମ ସାରି ଦେଇଥିବା ବେଳେ ଦୀର୍ଘ ବର୍ଷ ହେବ ମରାମତି କରାଯାଉ ନାହିଁ। ଯାହା ଫଳରେ ରାସ୍ତା ମରଣଯନ୍ତା ହୋଇ ଯାତାୟାତରେ ବିଶେଷ ଅସୁବିଧା ହେଉଛି। ଉକ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ମହଲରେ ଦାବି ହେଉଛି।

# 'ମୋନ୍ଥା' ପ୍ରଭାବରେ ଧାନ, କପା ଚାଷ ନଷ୍ଟ ଆଶଙ୍କା

**ଗୋଲାମୁଣ୍ଡା, ୨୯ ।୧୦(ସମିସ)**

ବାତ୍ୟା 'ମୋନ୍ଥା' ଆନ୍ଧ୍ରାପ୍ରଦେଶର କାକିନାଡ଼ା ଦେଇ ଓଡ଼ିଶା ରାଜ୍ୟ କୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରି ନିର୍ଦ୍ଦେଶନାମା ଜାରୀ କରିଥିଲେ। ବାତ୍ୟା ୨୮ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନିଦିନ ଧରି ବ୍ୟାପକ ତାଣ୍ଡବ ଖେଳାଇବା ନେଇ ସରକାରଙ୍କ ଆଗୁଆ ସୂଚନା ଦେଇଥିଲେ। ବାତ୍ୟାରେ ଜନଜୀବନର ବ୍ୟାପକ କ୍ଷୟ କ୍ଷତି ଦେଖାଦେଇଛି। ବେଶୀ କରି ଚାଷୀଙ୍କ ସ୍ୱପ୍ନକୁ ଉଜାଡି ଦେଇଥିବା ଦେଖିବାକୁ ମିଳିଛି। ବାତ୍ୟା ଦ୍ୱାରା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ୨୮ଟି ପଞ୍ଚାୟତର ଚାଷୀମାନଙ୍କ ମଧ୍ୟ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ଧାରକରଜ କରି ଧାନ ଏବଂ କପା ଚାଷ କରିଥିଲା। ଏବର୍ଷର ପାଗ ଅନୁକୂଳ ହେତୁ ଧାନ ଏବଂ କପା ଚାଷ ଭଲ ଫସଲ ହୋଇଥିଲା। କେତେକ ମଧ୍ୟମ ଧରଣର ଧାନ ଅମଳ ସମୟ ହୋଇଥିବା ବେଳେ ଆଉ କେତେକ ବଡ଼ ପ୍ରଜାତିର ଧାନ ଗର୍ଭରୁ ବାହାରୁଥିବା ଦେଖିବାକୁ ମିଳିଛି। ସେହି ଭଳି କପା ଚାଷ ମଧ୍ୟ ଭଲ ଉତ୍କର୍ଷ ହୋଇଥିଲା। କପା ସଂଗ୍ରହ କରିବା ସମୟରେ ଚାଷୀର ମେରୁଦଣ୍ଡକୁ ଝଡ଼ ବାତ୍ୟା ଭାଙ୍ଗି



ଦେଇଥିବା ଦେଖାଦେଇଛି। ଚାଷୀ ଧାରକରଜ୍ କରି ଚାଷ ଉପୁଜାଇଥିବ ବେଳେ ବୋଝ ଉପରେ ନଳିତା ବିଡା ପଡ଼ିଛି। ଠିକ୍ ଖାଇଲା ଭାତରେ ଧୂଳି ପଡ଼ିବା ସଦୃଶ୍ୟ ଅମଳ ହେବା ସମୟରେ ଝଡ଼ ତୋଫାନ ଯୋଗୁଁ ପାଚିଲା ଧାନ ତଳେ ପଡ଼ି ପାଣିରେ ଚାପି ହୋଇ ରହି ଗଜା ହେବାର ଆଶଙ୍କା ଚାଷୀଙ୍କ ମୁଣ୍ଡ ବ୍ୟଥା ର କାରଣ ସାଜିଛି। ଏଣେ ଫସଲ ନଷ୍ଟ ଯୋଗୁଁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଚାଷ ପାଇଁ ଆଣିଥିବା ଧାରକରଜ୍ କେମିତି ସୁଝିବ ଏବଂ ପରିବାର ପ୍ରତିପୋଷଣ କେମିତି କରିବ ସେନେଇ ଚାଷୀ ଚିନ୍ତିତ। ଏନେଇ ଗୋଷ୍ଠୀ କୃଷି ଅଧିକାରୀ ଶ୍ରୀଯୁକ୍ତ ନୌକେଶ୍ୱନାଗକୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ସମସ୍ତ ଭିଏଡବ୍ଲୁ ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯଥାଶୀଘ୍ର ମିଳିତ ତଦନ୍ତ କରି ରିପୋର୍ଟ ଦାଖଲ କରିବା ପାଇଁ ବୋଲି ପ୍ରକାଶ କରିଥିଲ।ପ୍ରଶାସନ ଯଥାଶୀଘ୍ର ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | (A) Pending criminal cases | | (B) Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | Maximum Punishment Imposed. |
| 1 | 71- NUAPADA ASSEMBLY CONSTITUENCY | SMT. SNEHANGINI CHHURIA | **I. S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>**II. S.D.J.M., Bargarh, CT No-84/2025; Bargarh Town PS Case No-37/2025; Awaiting for Final Form**<br>**III. S.D.J.M., Bargarh, CT No-86/2025; Bargarh Rural PS Case No-11/2025; Awaiting for Final Form**<br>**IV. S.D.J.M., Bargarh, CT No-89/2025; Bargarh Town PS Case No-38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

ସକାଳ
THE SAKALA

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।
-ସାମୁଏଲ୍ ଜନ୍‌ସନ୍

## କପା ଦୁର୍ନୀତି

ଆମ ରାଜ୍ୟରେ ଧାନର ବିକଳ୍ପ ଚାଷକୁ ପ୍ରାଧାନ୍ୟ ଦିଆଯାଇଥିବାରୁ କଳାହାଣ୍ଡି, ନୂଆପଡ଼ା, ରାୟଗଡ଼ା ଓ ବଲାଙ୍ଗୀର ଜିଲ୍ଲାର କପା ଚାଷ ପ୍ରତି ଆଗ୍ରହ ବଢ଼ିଛି। କପା ଚାଷକୁ ସ୍ଥାନୀୟ ଲୋକେ ଆଦରି ନେଇଛନ୍ତି। ତେବେ ଆଞ୍ଚଳିକ ସ୍ତରରେ କପାର ସେଭଳି ଚାହିଦା ନ ଥିବାରୁ ବିକ୍ରୟ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏହାହାତରୁ ସେହାତ ଦୁଇ ସେଣାରେ କପା ବିକ୍ରି ହେଉଥିବାରୁ ଚାଷୀ ଉପଯୁକ୍ତ ଲାଭ ପାଉନାହାନ୍ତି। ଅନ୍ୟପକ୍ଷରେ ଯୌଗିକ କପା ଚାଷ ନାମରେ ସକ୍ରିୟ ଥିବା କିଛି ସ୍ଥାନୀୟ ସଂସ୍ଥା କୋଟି କୋଟି ଟଙ୍କା ଲୁଟୁଥିବାର ଜଣାପଡ଼ିଛି। ବିଭାଗୀୟ ସଚିବ ଏ ସଂପର୍କରେ ଅବଗତ ହେବାରୁ ତଦନ୍ତ ଆରମ୍ଭ ଓ ଗୋଟିଏ ପରେ ଗୋଟିଏ ଗୁମର ଖୋଲୁଛି। ଏହାର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଜୈବିକ କପା ଚାଷର ପ୍ରମାଣ ପତ୍ର ଦେଉଥିବା କେନ୍ଦ୍ରୀୟ ସଂସ୍ଥା ଆପେଡା ଓ ରାଜ୍ୟ ସରକାରକୁ ଅନ୍ଧକାର ରଖି ଏହି ବେଆଇନ କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି।

ଏମିତି ଦେଖିବାକୁ ଗଲେ ଉପରୋକ୍ତ ୪ଟି ଜିଲ୍ଲାର ଚାଷୀମାନେ ଜୈବିକ କପାଚାଷ ସଂପର୍କରେ ଅବଗତ ନାହାନ୍ତି। ଅଥଚ ସେମାନଙ୍କୁ ଜୈବିକ କପାଚାଷର ବିହନ ଓ ଚାଷୋପଯୋଗୀ ସରଂଜାମ ଯୋଗାଇ ଦିଆଯାଉଛି ଦର୍ଶାଇ ସେ ବାବଦ ଅର୍ଥ ହରିଲୁଟ ହେଉଛି। କେବଳ ସେତିକି ନୁହେଁ ଚାଷୀ ଯେତିକି ଜମିରେ କପାଚାଷ କରୁଛନ୍ତି, ତାହାଠାରୁ ଅଧିକ ଦର୍ଶାଉ ସେ ବାବଦ ଅତିରିକ୍ତ ସହାୟତା ରାଶି ମଧ୍ୟ ଲୁଟ ହୋଇଛି। ଅଥଚ ସଂପୃକ୍ତ ଅଞ୍ଚଳରେ କେବଳ ପାରମ୍ପରିକ କପାଚାଷ କରାଯାଉଛି। ଯୌଗିକ କପାଚାଷର ପ୍ରଣାଳୀ ତଥା ମିଳୁଥିବା ଅତିରିକ୍ତ ସହାୟତା ସଂପର୍କରେ ଚାଷୀ ଆଦୌ ଅବଗତ ନାହାନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କି କେବଳ କପା ନୁହେଁ ବିଭିନ୍ନ ଖାଦ୍ୟଶସ୍ୟର ଯୌଗିକ ପ୍ରଣାଳୀ ପ୍ରୟୋଗ ମାଧ୍ୟମରେ ଚାଷ କାର୍ଯ୍ୟ ନିର୍ବାହ ପାଇଁ ଦେଶରେ ଏକ ନିରବ ଆନ୍ଦୋଳନ ମୁଣ୍ଡଟେକିଛି। ତେଣୁ ପ୍ରୟୋଗ ଓ ପ୍ରୋତ୍ସାହନକୁ ବିଭିନ୍ନ ସ୍ତରରେ ପ୍ରାଧାନ୍ୟ ଦିଆଯାଉଛି। ଏହାର ସୁଯୋଗ ନେଇ କିଛି କୃଷି ସାମଗ୍ରୀ ବେପାର କରୁଥିବା ସଂସ୍ଥା ଚାଷୀକୁ ଓ ବ୍ୟବସ୍ଥାକୁ ନିୟନ୍ତ୍ରଣକାରୀଙ୍କୁ ଠିକିବା ସହ କୋଟି କୋଟି ଟଙ୍କାର ମୁନାଫା ଉଠାଇଚାଲିଛନ୍ତି। ଏହି ବ୍ୟପାରରେ ସେବା ପ୍ରଦାନକାରୀ ସଂସ୍ଥାର ଯେ ଆଦୌ ସଂପୃକ୍ତି ନାହିଁ ଏକଥା କୁହାଯାଇନପାରେ । ସ୍ଥାନୀୟ ବେପାରୀମାନେ କେଉଁଠି କେମିତି ହାତଗୁଞ୍ଜା ଦେଇ ଉଦ୍ଦେଶ୍ୟ ସାଧାନ କରାଯାଇପାରିବ ତାହା ସେମାନଙ୍କୁ ବେଶ ଜଣା। କିଏ କିଭଳି କୋଟି କୋଟି ଟଙ୍କା ମାରି ଖାଇଗଲା ତାହା ଯେତେ ବଡ଼ କଥା ନୁହେଁ ଅସଲରେ ଯେଉଁ ଚାଷୀଙ୍କ ପାଇଁ ଏତେ ଯୋଜନା ସେମାନେ ଉପକୃତ ହେଉନାହାନ୍ତି।

ତଦନ୍ତର ତଥ୍ୟ ଅନୁଯାୟୀ ଆଇସିଏମ ପ୍ରଣାଳୀରେ ହେଉଥିବା ଏହି ଚାଷ ଅନୁଯାୟୀ ଚାଷୀଙ୍କୁ ମଞ୍ଜି ବା ବିହନ ଓ ସାର ଯୋଗାଇବାର ବ୍ୟବସ୍ଥା ଥିବାବେଳେ ତାହା କେବଳ କାଗଜପତ୍ରରେ ସୀମିତ ଅଛି। ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ଏହି କାରବାରରେ ସଂପୃକ୍ତ। ପରସ୍ପରର ଦୋଷ ସବୁସ୍ତରରେ ଘୋଡ଼ାଇ ଦିଆଯାଇ ଥିବାରୁ ଦୁର୍ନୀତି ସାମ୍ନାକୁ ଆସୁନଥିଲା। କପା ସଂଗ୍ରହ ବା ଖରିଦରେ ଏହି ଲାଭଖୋର ସଂସ୍ଥା ଦୋହରା ଲାଭ ଉଠାଇଥିବାର ଜଣାପଡ଼ିଛି। ବଜାରରେ ଜୈବିକ କପାର ବଜାର ମୂଲ୍ୟ ଅନ୍ୟ କପାଠାରୁ ୩୦ ପ୍ରତିଶତ ଅଧିକ। ଅଥଚ ସ୍ଥାନୀୟ ଚାଷୀଙ୍କଠାରୁ ବିଟ କଟନ ମୂଲ୍ୟରେ ସଂଗ୍ରହ ହେଉଥିବା କପାକୁ ବଜାରରେ ଯୌଗିକ ଦର୍ଶାଇ ଏହି ଦଲାଲମାନେ ଅତିରିକ୍ତ ଅର୍ଥ ଉପାର୍ଜନ କରୁଥିବା ବେଳେ ଚାଷୀଙ୍କ ସ୍ୱାର୍ଥକୁ ଆଖିବୁଜି ଦେଇଛନ୍ତି। ଏହି ତଥ୍ୟର କିଛି ଗହନ କଥା ଏବେ ମଧ୍ୟ ସାମ୍ନାକୁ ଆସିନି। ବିଟ କଟନର ଉତ୍ପାଦକୁ ଯୌଗିକ ଦର୍ଶାଇ ଅଧିକ ମୂଲ୍ୟରେ ବିକ୍ରିହେଉଛି କିପରି? ଏପ୍ରକାର ଦୁର୍ନୀତି ଯୋଗୁଁ ବିକଳ୍ପ ଚାଷ ଅଭିଯାନ ବାଧାପ୍ରାପ୍ତ ହେଉଛି।

## ପଡ଼ୋଶୀଙ୍କ ଲୋଲୁପ ଦୃଷ୍ଟି

ଭାରତ ସୀମା ସଂଲଗ୍ନ ତିନିଟି ରାଷ୍ଟ୍ର ପରସ୍ପର ମଧ୍ୟରେ ନିବିଡ଼ ସଂପର୍କ ରକ୍ଷା କରି ଆମର ଆଞ୍ଚଳିକ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏପରିକି ସେମାନଙ୍କ ପକ୍ଷରୁ ବିଭିନ୍ନ ସମୟରେ ପ୍ରକାଶିତ ମାନଚିତ୍ରରେ ଭାରତର କିଛି ଅଞ୍ଚଳ ପ୍ରଦର୍ଶନ କରିଥିବା କାହାକୁ ଅଛପା ନାହିଁ। ଭାରତର ପ୍ରତିବାଦ ଓ ପ୍ରତିରୋଧ ଫଳରେ ବିବାଦର ପ୍ରଶମିତ ହୋଇଥିଲା। ଏବେ ନୂଆ ବିବାଦ ସୃଷ୍ଟି ହୋଇଛି ବାଂଲଦେଶ ପକ୍ଷରୁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଓ ଅନୁସଙ୍ଗିକ ସହାୟତାରେ ବାଂଲାଦଶ ୧୯୭୧ ରେ ସ୍ୱତନ୍ତ୍ର ରାଷ୍ଟ୍ରରୂପେ ପରିଚିତ ଲାଭ କରିଥିବା ବେଳେ ଏବେ ସେ ମଧ୍ୟ ଶତ୍ରୁତା ଆଚରଣ କରୁଛି। ୨୦୨୪ ରେ ଛାତ୍ର ଆନ୍ଦୋଳନରୁ ଶେଖ ହାସିନା କ୍ଷମତାଚ୍ୟୁତ ହେବା ଓ ତାଙ୍କୁ ଭାରତ ରାଜନୈତିକ ଆଶ୍ରୟ ଦେବା ଘଟଣାରୁ ବିବାଦର ସୂତ୍ରପାତ ହେଉଛି। ଏବର ପରିବର୍ତ୍ତିତ ସରକାର ଚୀନ ଓ ପାକିସ୍ତାନ ସହ ସୁସଂପର୍କ ରକ୍ଷା କରି ଭାରତର ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ନିଜର ଦର୍ଶାଇ ବୃହତ୍ତର ବାଂଲାଦେଶ ଗଠନ କରିବାକୁ ଚାହୁଁଛି। ଏହାକୁ କେବଳ ସମୟର ବିଡ଼ମ୍ବନା କୁହାଯାଇପାରେ।

ପରିବର୍ତ୍ତନ ବିଶ୍ୱ କୂଟନୈତିକ ଦୃଶ୍ୟପଟ୍ଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବିବାଦର ମୁକାବିଲା ସକାଶେ ଶତ୍ରୁ-ମିତ୍ର ନିର୍ବିଶେଷରେ ଏକଜୁଟ ହୋଇଥିବା ରାଷ୍ଟ୍ରଙ୍କ ମଧ୍ୟରେ ସଂପର୍କର ଯେଉଁ ନୂଆ ପରିଭାଷା ଦୃଶ୍ୟମାନ ହୋଇଛି ସେଥିରେ ଚୀନକୁ ଭାରତ ଅନ୍ୟତମ ସହଯୋଗୀର ମାନ୍ୟତା ଦେଇଛି। ଏହା ସତ୍ତ୍ୱେ ବେଜିଂର ଆଭିମୁଖ୍ୟ ଯେ ଅପରିବର୍ତ୍ତିତ ରହିଛି ତାହା ପ୍ରମାଣିତ ହେଉଛି। ଉପଗ୍ରହରୁ ସଂଗୃହୀତ ଚିତ୍ରରୁ ଜଣାପଡ଼ିଛି ଯେ ଅରୁଣାଚଳ ପ୍ରଦେଶ ସୀମା ନିକଟରେ ଚୀନ ଆଉ ଏକକ ବାୟୁସେନା ଘାଟି ନିର୍ମାଣ କରିଛି। ଅରୁଣାଚଳର ତାୱାଙ୍ଗ ସହରଠାରୁ ମାତ୍ର ୧୦୭ କିଲୋମିଟର ଦୂରରେ ଚୀନର ଏହି ସାମରିକ ପ୍ରସ୍ତୁତି ୩୬ ଟି ଲଢୁଆ ବିମାନ ରହିବା ଭଳି ବ୍ୟବସ୍ଥା ସାଙ୍ଗକୁ ଡ୍ରୋନ ପ୍ରୟୋଗ ପାଇଁ ଆବଶ୍ୟକ ସରଂଜାମ ମଧ୍ୟ ରହିଛି। ଯୁଦ୍ଧ ପରିସ୍ଥିତି ଉପୁଜିଲେ ଏହି ଘାଟିରୁ ଭାରତର ଯେକୌଣସି ଅଞ୍ଚଳ ଉପରେ ଚୀନର ବାୟୁ ସେନା ଆକ୍ରମଣ କରିପାରିବ। ଅନ୍ୟପକ୍ଷରେ ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ସଂପ୍ରତି ଚୀନ ଓ ପାକିସ୍ତାନର ନିକଟତର ହେବାରେ ଲାଗିଛନ୍ତି। ନିକଟରେ ଢାକା ଗସ୍ତରେ ଥିବା ପାକିସ୍ତାନର ଜଏଣ୍ଟଚିଫ ଅଫ ଷ୍ଟାଫ କମିଟି ଅଧ୍ୟକ୍ଷ ଜେନେରାଲ ମିର୍ଜାଙ୍କୁ ଦେଇଥି ବା ଉପହାର ପୁଣି ବିବଦର ସୂତ୍ରପାତ କରିଛି, ଯେଉଁଥିରେ କି ଉତ୍ତରପୂର୍ବ ଭାରତର ଏକ ବୃହତ୍ତର ଅଂଶକୁ ବାଂଲାଦେଶର ବୋଲି ଦର୍ଶାଯାଇଛି। ଦ୍ୱିପାକ୍ଷିକ ସଂପର୍କକୁ ସୁଦୃଢ଼ କରିବା ପାଇଁ ଏହା ଚାଲବାଜି କୁହାଯାଇପାରେ। ଏଠାରେ ସୂଚାଇ ଦିଆଯାଇପାରେ କି ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟନୁଷ୍ଠାନ ବେଳେ ଏକ ସମୟରେ ଉତ୍ତରପୂର୍ବାଞ୍ଚଳରେ ଅସ୍ଥିରତା ସୃଷ୍ଟି ସକାଶେ ବାଂଲଦେଶକୁ ପ୍ରୟୋଗ କରିବାର ଯୋଜନା ଇସଲାମାବାଦର ରହିଛି।

ଏକଥା ସତ ଯେ ଭାରତର ଆର୍ଥିକ ପ୍ରଗତି ଓ କୂଟନୈତିକ ପତିଆରା ବୃଦ୍ଧି ପଡ଼ୋଶୀଙ୍କ ପାଇଁ ଆଖିରେ କଣ୍ଟା ହୋଇଛି। ତେଣୁ ଏହି ତ୍ରିମେଣ୍ଟ ଭାରତ ବିରେଧୀ ଷଡ଼ଯନ୍ତ୍ର ରଚନା କରିଚାଲିଛନ୍ତି। ହଠାତ୍ କିଛି ବିପଦ ସୃଷ୍ଟି ନହେଲେ ମଧ୍ୟ ସେମାନଙ୍କ ଲୋଲୁପ ଦୃଷ୍ଟି ପ୍ରତି ଆମକୁ ସତର୍କ ହେବାକୁ ପଡ଼ିବ।

# ଆଉ ଏକ ସଂସ୍କାର ଅପେକ୍ଷାରେ

**ଗୌରୀ ପ୍ରସାଦ ମହାପାତ୍ର**

ନିକଟରେ ଆମେ ବିଶ୍ୱର ଚତୁର୍ଥ ଅର୍ଥନୈତିକ ମହାଶକ୍ତିର ମାନ୍ୟତା ପାଇଛୁ। ଏହାର ଆଧାର ଓ ଗଣିତ ଯାହା ହେଉ ନା କାହିଁକି ସରକାରଙ୍କ ପାଇଁ ଆତ୍ମୋପଲବ୍ଧିର ଆଉ ଏକ ସୁଯୋଗ ସୃଷ୍ଟି କରିଛି ଏବଂ ପ୍ରଚାରସର୍ବସ୍ୱ ଭାରତୀୟ ରାଜନୀତି ପାଇଁ ପ୍ରଭାବଶାଳୀ ଇନ୍ଧନ ଯୋଗାଇଛି। କିନ୍ତୁ ସାମାଜିକ-ଆର୍ଥିକ ବୈଷମ୍ୟ ଭରା ଭାରତର ଅର୍ଥନୀତିକୁ ସୂକ୍ଷ୍ମ ଅନୁଶୀଳନ କଲେ ଆଶ୍ଚର୍ଯ୍ୟ-ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନଟିଏ ଉଠେ ଯେ ଆମେ କ'ଣ ସତରେ ଚତୁର୍ଥ? ଅର୍ଥନୀତିର କେତେକ ମୌଳିକ ତତ୍ତ୍ୱ ଏବଂ ବିଶ୍ୱ ବଜାର-ଅର୍ଥନୀତିରେ ଭାରତର ସ୍ଥିତିକୁ ବାଦ୍ ଦେଇ ଏହି ପ୍ରଶ୍ନର ଉତ୍ତର ଖୋଜିବା ନିରର୍ଥକ ଓ ନିରାଧାର।

ଯଦି କେବଳ ଉତ୍ପାଦନ ଓ କାରବାର(ନୋମିନାଲ୍ ଜିଡିପି)କୁ ଆଧାର ରୂପେ ନେଇ ଭାରତୀୟ ଅର୍ଥନୀତିର ମୂଲ୍ୟାଙ୍କନ କରାଯାଏ ତେବେ ଆମେ ନିଶ୍ଚିତ ଭାବେ ବିଶ୍ୱରେ ଚତୁର୍ଥ। କିନ୍ତୁ ନୋମିନାଲ୍ ଜିଡିପି ଅର୍ଥନୈତିକ ଅଭିବୃଦ୍ଧିର ବାସ୍ତବ ମୂଲ୍ୟାୟନ ନୁହେଁ, ଯାହାର ସବିଶେଷ ବିଶ୍ଳେଷଣ ସୀମିତ ସ୍ଥାନରେ ସମ୍ଭବ ନୁହେଁ। ଏତିକି କହିଲେ ଯଥେଷ୍ଟ ହେବ ଯେ ଯଦି ଅର୍ଥନୈତିକ ଶକ୍ତିର ଆଧାର ନୋମିନାଲ୍ ଜିଡିପି ହୁଏ ତେବେ ଆମେ ୨୦୦୯ରେ ଜାପାନ୍‌କୁ, ୨୦୨୧ ରେ ଇଂଲଣ୍ଡକୁ ଟପି ଚତୁର୍ଥ ଅର୍ଥନୀତିର ମାନ୍ୟତା ବହୁପୂର୍ବରୁ ହାସଲ କରିସାରିଥିଲୁ। ତେଣୁ ଅର୍ଥନୀତିଜ୍ଞଙ୍କ ପାଇଁ ଭାରତର ସଦ୍ୟତମ ମାନ୍ୟତାରେ ସେଭଳି କିଛି ଉତ୍ସାହଜନକ ସଙ୍କେତ ନାହିଁ। ଅଧିକନ୍ତୁ ଭାରତକୁ ବିଶ୍ୱ ଅର୍ଥନୈତିକ ମହାଶକ୍ତି ମାନ୍ୟତା ପାଇବା ପାଇଁ ଆହୁରି ଅନେକ ବାଟ ଯିବାକୁ ଅଛି ଏବଂ ଏଥିପାଇଁ ଭାରତୀୟ ଅର୍ଥନୀତି ଆଉ ଏକ ସଂସ୍କାର ଅପେକ୍ଷାରେ ରହିଛି।

ଏବେ ଆମେ ଭାରତୀୟ ଅର୍ଥନୀତିର କେତେକ ମୌଳିକ ତଥ୍ୟ ଉପରେ କିଞ୍ଚିତ ଆଲୋଚନା କରିବା। ୧୯୪୭ରେ ଏକ ନିମ୍ନବିତ୍ତ ବା ଗରିବ ରାଷ୍ଟ୍ର ଭାବେ ଜନ୍ମ ନେଇଥିବା ଆମ ଦେଶ ୬୦ ବର୍ଷ ପରେ ଅର୍ଥାତ୍ ୨୦୦୭ ରେ ଯାଇ 'ନିମ୍ନ-ମଧ୍ୟବିତ୍ତ' ଦେଶ ଭାବେ ବିଶ୍ୱବ୍ୟାଙ୍କ ଦ୍ୱାରା ମାନ୍ୟତା ପାଇଲା। ପରବର୍ତ୍ତୀ ୧୮ ବର୍ଷ ପରେ ମଧ୍ୟ ଆମେ ପରବର୍ତ୍ତୀ ସୋପାନକୁ ଉନ୍ନୀତ ହୋଇପାରିନାହୁଁ। ମଧ୍ୟବିତ୍ତ ଶ୍ରେଣୀ ବର୍ଗରେ ପହଞ୍ଚିବା ପାଇଁ ମୁଣ୍ଡପିଛା ହାରାହାରି ଆୟ ୪, ୫୧୬ ଆମେରିକୀୟ ଡଲାର ହେବା ଆବଶ୍ୟକ ଥିବା ବେଳେ ଗତ ୧୮ ବର୍ଷ ମଧ୍ୟରେ ଆମ ଦେଶର ମୁଣ୍ଡପିଛା ଆୟ ହାରାହାରି ୧, ୦୨୨ ଆମେରିକୀୟ ଡଲାରରୁ ମାତ୍ର ୨, ୭୦୦ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। 'ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ'ର ଆକଳନ ଅନୁଯାୟୀ, ଭାରତୀୟ ଅର୍ଥନୀତିର ସାମ୍ପ୍ରତିକ ଧାରା ଜାରି ରହିଲେ ଉଚ୍ଚ ମଧ୍ୟବିତ୍ତ ଦେଶର ମାନ୍ୟତା ପାଇଁ ୨୦୩୬ ମସିହା ପର୍ଯ୍ୟନ୍ତ ଏବଂ ଉଚ୍ଚବର୍ଗର ବା ୧୫ ଟ୍ରିଲିୟନ ଅର୍ଥନୀତିରେ ପହଞ୍ଚିବା ପାଇଁ ୨୦୪୭ ଯାଏଁ ଅପେକ୍ଷା କରିବାକୁ ପଡ଼ିବ। ସେହି ସମୟ ବେଳକୁ ଆମ ମୁଣ୍ଡପିଛା ଆୟ ୧୩, ୮୪୬ ଡଲାର ହେବାକୁ ପଡ଼ିବ। ଆମେରିକାର ମୁଣ୍ଡପିଛା ଆୟର ଏକ-ଚତୁର୍ଥାଂଶ ହାସଲ ପାଇଁ ଆମକୁ ଆହୁରି ୭୫ ବର୍ଷ ଯାଏଁ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ଏହି ସମୟ ଭିତରେ ବିଶ୍ୱ ଓ ଭାରତର ଅର୍ଥନୀତିର ସ୍ଥିରତା ଉପରେ ସବୁକିଛି ନିର୍ଭର କରୁଛି। ସେତେବେଳକୁ ଆମେରିକାର ଅର୍ଥନୀତି ଆହୁରି ୭ଗୁଣା ବଢ଼ି ଯାଇଥିବ।

ନୈରାଶ୍ୟର ବିଷୟ ହେଉଛି ବିଗତ ୩୦ ବର୍ଷ ଧରି ଭାରତର ହାରାହାରି ଅଭବୃଦ୍ଧି ହାର ୬% ରହିଛି। ୧୯୭୩-୧୯୮୨ ଏବଂ ୨୦୦୩-୨୦୧୨କୁ ଛାଡ଼ିଦେଲେ ଅର୍ଥନୈତିକ ହାରାହାରି ଅଭିବୃଦ୍ଧି ହାର ୯% ଉପରକୁ ଉଠି ପାରିନାହିଁ। ପ୍ରଖ୍ୟାତ୍ ଅର୍ଥନୀତିଜ୍ଞ ରଘୁରାମ ରାଜନ୍‌ଙ୍କ ଆକଳନ ଅନୁଯାୟୀ ପ୍ରଚଳିତ ଧାରା ଅପରିବର୍ତ୍ତିତ ରହିଲେ ୨୦୬୦ ସୁଦ୍ଧା ଭାରତର ମୁଣ୍ଡପିଛା ଜିଡିପି ୧୦ ହଜାର ଡଲାର ହେବ, ଯାହା ବର୍ତ୍ତମାନର ଚୀନ୍ ତୁଳନାରେ ମଧ୍ୟ କମ୍। ବରିଷ୍ଠ ବିଜେପି ନେତା ରାମ ମାଧବ 'ଦ ନିଉ ୱାର୍ଲ୍ଡ: ୨୧ ସେଞ୍ଚୁରୀ ଗ୍ଲୋବାଲ୍ ଅର୍ଡର ଆଣ୍ଡ ଇଣ୍ଡିଆ' ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ୧୦% ଅଭିବୃଦ୍ଧି ହାରରେ ବଢ଼ିଲେ ଯାଇ ଭାରତ ବିକଶିତ ଅର୍ଥନୀତି ହୋଇପାରିବ।

ସେହିପରି ଚଳିତ ଦଶନ୍ଧି ସୁଦ୍ଧା ଆମକୁ ମଧ୍ୟବିତ୍ତ ଦେଶର ମାନ୍ୟତା ପାଇବାକୁ ହେଲେ ସବୁରାଜ୍ୟର ମୁଣ୍ଡପିଛା ଆୟ ହାରାହାରି ୪, ୧୯୫ ଡଲାର ପାଖାପାଖି ପହଞ୍ଚିବା ଆବଶ୍ୟକ। ପଶ୍ଚିମ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କ ତୁଳନାରେ ଅବଶିଷ୍ଟ ଭାରତର ହାରାହାରି ମୁଣ୍ଡପିଛା ଆୟ ଏବେ ନିମ୍ନ-ମଧ୍ୟବିତ୍ତ ଠାରୁ ମଧ୍ୟ କମ୍। କେବଳ ଦିଲ୍ଲୀର ମୁଣ୍ଡପିଛା ଆୟ ୫୫୭୯ ଡଲାର ଥିବା ବେଳେ ତେଲଙ୍ଗାନାର ୪୩୦୬, କର୍ଣ୍ଣାଟକର ୪୦୨୧, ହରିଆଣାର ୩୯୩୪, ତାମିଲନାଡ଼ୁର ୩୮୦୭ ଡଲାର ରହିଛି। ଅପରପକ୍ଷରେ ବିହାରର ମୁଣ୍ଡପିଛା ଆୟ ୭୨୯ ଡଲାର ଥିବା ବେଳେ ଛତିଶଗଡ଼ ୧୭୮୦, ପଶ୍ଚିମବଙ୍ଗ ୧୮୬୧, ଓଡ଼ିଶା ୧୯୭୦ ଡଲାର ରହିଛି। ଏପରିକି ବାଂଲାଦେଶ ଓ ନେପାଳର ହାରାହାରି ଆୟଠାରୁ ଉତ୍ତରପ୍ରଦେଶ ଓ ବିହାରର ହାରାହାରି ଆୟ କମ୍। ଏହି ଆଞ୍ଚଳିକ ବୈଷମ୍ୟଭରା ସ୍ଥିତିରେ ଆମେ ବୃହତ୍ ଅର୍ଥନୈତିକ ଶକ୍ତି ହେବା କେମିତି?

ବିଗତ ୧୫ ବର୍ଷ ମଧ୍ୟରେ ଜନସଂଖ୍ୟାର ସର୍ବୋଚ୍ଚ ସମ୍ପଦଧାରୀ ୧୫% ରୁ ୫୦% ମଧ୍ୟରେ ଥିବା ଗୋଷ୍ଠୀଙ୍କ ଆୟ ସ୍ଥାଣୁ ହୋଇଯାଇଛି। ମାଗଣା ଯୋଜନା ଓ ରିହାତି ଯୋଗୁଁ ଅର୍ଥନୀତିର ସବୁଠାରୁ ନିମ୍ନ ବର୍ଗରେ ଥିବା ଜନସଂଖ୍ୟାଙ୍କ ଆୟ ବଢ଼ିଛି। କିନ୍ତୁ ୧୮ ରୁ ୩୬ ବର୍ଷ ବର୍ଗର ୧୨୦ ନିୟୁତ ଲୋକଙ୍କ ପାଖରେ ନା ପର୍ଯ୍ୟାପ୍ତ ଶିକ୍ଷା ଅଛି ନା ରୋଜଗାର। କୃଷିରେ ଶ୍ରମିକ ନିୟୋଜନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ବେଳେ ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ବିନିର୍ମାଣର ଅବଦାନ ଗତ ୩୦ ବର୍ଷର ସର୍ବନିମ୍ନ ସ୍ତରକୁ ଖସି ଆସିଛି। କେବଳ ଅଣସଂଗଠିତ ଓ ଅନୌପଚାରିକ କ୍ଷେତ୍ରରେ ଉତ୍ପାଦନ ଓ ନିଯୁକ୍ତି ହାର ବଢ଼ିଛି। ଆମ ଦେଶରେ ସ୍ମାର୍ଟଫୋନ୍, ଦୁଇ-ଚାରିଚକିଆ ଗାଡ଼ିର ଉତ୍ପାଦନ ଓ ବିକ୍ରିକୁ ଛାଡ଼ିଦେଲେ ବଜାର ଅର୍ଥନୀତିରେ ଚାହିଦା ହ୍ରାସ ପାଇବାରେ ଲାଗିଛି। ଏଥିଯୋଗୁଁ ଯୋଗାଣକାରୀଙ୍କ ଲାଭ ସହିତ ବାସ୍ତବ ଓ ମୁଦ୍ରାସ୍ଫୀତି ଆଧାରିତ ମଜୁରୀ ହାର ଉଦ୍‌ବେଗଜନକ ଭାବେ କମିବାରେ ଲାଗିଛି। ନିବେଶ ସଂକୁଚିତ ହୋଇଛି। ଋଣ ପରିଶୋଧ କରିବା ଲାଗି କମ୍ପାନୀମାନେ ସରକାରୀ ସହାୟତା ଉପରେ ନିର୍ଭର କରୁଛନ୍ତି। ସରକାର ଅନେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରି ନେଉଥିବାରୁ ପ୍ରତିଭୂତି ବଜାରର ସରକାରୀ ରାଜକୋଷକୁ ଯୋଗଦାନ କମିବାରେ ଲାଗିଛି। ଆମ ଅର୍ଥନୀତିର ଆଉ ଏକ ବିଡ଼ମ୍ବନା ହେଉଛି ଆଭ୍ୟନ୍ତରୀଣ ଉତ୍ପାଦନ କେବଳ ଦେଶର ୧୫% ଧନିକଙ୍କ ଚାହିଦା ମେଣ୍ଟାଇବାରେ ସକ୍ଷମ ଥିବା ବେଳେ ଗରିବ ଜନକଲ୍ୟାଣ, ଜୀବନଧାରଣ ଓ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି।

ବିଶ୍ୱର ଅର୍ଥନୈତିକ ଶକ୍ତି ହେବା ପାଇଁ ପ୍ରଥମେ ନିମ୍ନ-ମଧ୍ୟବିତ୍ତର ଲକ୍ଷ୍ମଣରେଖା ଡେଇଁ ଆମେ ମଧ୍ୟବିତ୍ତ ମାନ୍ୟତା ହାସଲ କରିବା ନିହାତି ଆବଶ୍ୟକ। ଏଥିପାଇଁ ସର୍ବପ୍ରଥମେ ଚାହିଦାକୁ କ୍ରମଶଃ ଅଣସଂଗଠିତ ନିମ୍ନଗୁଣବତ୍ତା ସମ୍ପନ୍ନ ସୁଲଭ ସାମଗ୍ରୀରୁ ମହଙ୍ଗା ଓ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଔପଚାରିକ କ୍ଷେତ୍ରକୁ ଉନ୍ନୀତ କରିବା ଜରୁରୀ। କିନ୍ତୁ ବର୍ତ୍ତମାନ ଦେଶର ୮୦ କୋଟି ପରିବାର ବିନା ରିହାତିରେ ଜୀବନଧାରଣର ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇବାରେ ଅକ୍ଷମ। ଏଭଳି ସ୍ଥିତିରେ ବଜାର ଅର୍ଥନୀତି ବିକଶିତ ହେବ କେମିତି? ଦ୍ୱିତୀୟତଃ, କୌଣସି ରାଷ୍ଟ୍ରର ଅର୍ଥନୈତିକ ଶକ୍ତି ଓ ସ୍ଥାନ 'ପର୍ଚ୍ଚେଜିଂ ପାୱାର ପାରିଟି' ଅନୁଯାୟୀ ନିର୍ଦ୍ଧାରିତ ହୋଇଆସୁଛି। ଆୟ ସମାନ ଥିଲେ ମଧ୍ୟ ଭୌଗୋଳିକ ସ୍ଥିତି ଓ ସମୟ ଅନୁଯାୟୀ ବଜାରମୂଲ୍ୟ ଓ ଜୀବନଧାରଣର ମାନରେ ତାରତମ୍ୟ କିଭଳି ସାମଗ୍ରିକ ଭାବେ ଆଞ୍ଚଳିକ ଅର୍ଥନୀତିକୁ ପ୍ରଭାବିତ କରୁଛି ତାହା 'ପର୍ଚ୍ଚେଜିଂ ପାୱାର ପାରିଟି' ସୂଚକାଙ୍କ ନିର୍ଦ୍ଧାରଣ କରୁଛି। ଉଦାହରଣ ସ୍ୱରୂପ ସମାନ ବେତନଧାରୀ ଦୁଇଜଣ ପେସାଦାରଙ୍କ ମଧ୍ୟରୁ ଜଣେ ମେଟ୍ରୋ ସହରରେ, ଆଉ ଜଣେ 'ଖ' ବର୍ଗର ସହରରେ ରହିଲେ। କୌଣସି ପଦୋନ୍ନତି କିମ୍ବା ବେତନ ବୃଦ୍ଧି ବିନା ପାଞ୍ଚ ବର୍ଷ ପରେ ମେଟ୍ରୋ ସହରବାସୀ ପେସାଦାରଙ୍କ ଅର୍ଥନୈତିକ ସ୍ଥିତି ତୁଳନାରେ 'ଖ' ବର୍ଗ ସହରବାସୀ ପେସାଦାରଙ୍କ ଆର୍ଥିକ ସ୍ଥିତି ଉନ୍ନତ ରହିବ; ଅଥଚ ସେହି ସମୟ ମଧ୍ୟରେ 'ଖ' ବର୍ଗ ସହରର ସାମଗ୍ରିକ ଜିଡିପିଠାରୁ ମେଟ୍ରୋ ସହର ଅର୍ଥନୈତିକ ଅଭିବୃଦ୍ଧି ହାର ବହୁ ଗୁଣା ଅଧିକ ବଢ଼ିଯାଇଥିବ। ଏହି ଆଧାରରେ ଆମର ଅର୍ଥନୀତି ବିଶ୍ୱର ପ୍ରଥମ ପାଞ୍ଚ ସ୍ଥାନରୁ କାହିଁ କେତେ ଦୂରରେ ରହୁଛି। ୨୦୨୧ ରେ ନୋମିନାଲ୍ ଜିଡିପିରେ ଆମେ ଇଂଲଣ୍ଡକୁ ଟପିସାରିଥିଲୁ। କିନ୍ତୁ ସେତେବେଳେ ଇଂଲଣ୍ଡର ମୁଣ୍ଡପିଛା ଜିଡିପି ୪୬, ୧୧୫ ଡଲାର ଥିବା ବେଳେ ଆମର ଥିଲା ୨, ୨୫୦ ଡଲାର। ବର୍ତ୍ତମାନ ସେ ଦେଶର ମୁଣ୍ଡପିଛା ଜିଡିପି ୫୪, ୯୪୯ ଥିବା ବେଳେ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ପାଇ ମଧ୍ୟ ଆମର ମୁଣ୍ଡ ପିଛା ଜିଡିପି ୨, ୮୭୯ ଡଲାର ରହିଛି। ତେଣୁ ଏ ଦିଗରେ ଆମକୁ ମାତ୍ରାଧିକ ଉତ୍ସାହିତ ନ ହୋଇ ଆହୁରି ଅନେକ ବାଟ ଚାଲିବାର ଅଛି। ଏଥିପାଇଁ ଚୀନ୍‌କୁ ଉଦାହରଣ ଓ ପ୍ରେରଣା ରୂପେ ନିଆଯାଇପାରେ। ଉଲ୍ଲେଖନୀୟ ପ୍ରଗତି ଏବଂ ନୋମିନାଲ୍ ଜିଡିପିରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ମାନ୍ୟତା ସତ୍ତ୍ୱେ ସେ ଦେଶ ଏ ପର୍ଯ୍ୟନ୍ତ ଉଚ୍ଚବିତ୍ତ ବର୍ଗରେ ପହଞ୍ଚିପାରିନାହିଁ।

ଆମ ଦେଶରେ ବିଗତ ୧୦ ବର୍ଷ ଭିତରେ କୌଣସି ନୀତିଗତ ସଂସ୍କାର ହୋଇନାହିଁ। ଯାହାକିଛି ଆଂଶିକ ସଂସ୍କାର ହୋଇଛି ତାହା ବଡ଼ କମ୍ପାନୀଙ୍କୁ ସୁହାଇଛି ଏବଂ ଛୋଟ କମ୍ପାନୀଙ୍କୁ କ୍ଷତିଗ୍ରସ୍ତ କରିଛି। ତେଣୁ ଏକ ବୃହତ୍ ସଂସ୍କାର ବିନା ଅର୍ଥନୈତିକ ମହାଶକ୍ତିର ମର୍ଯ୍ୟାଦା ଓ ବାସ୍ତବତା ଆମ ପାଇଁ କେବଳ ଏକ ସ୍ୱପ୍ନ ହୋଇ ରହିଯିବ। ଆମକୁ ମନେ ରଖିବାକୁ ହେବ ଯେ ମାନ୍ୟତା ଓ ମର୍ଯ୍ୟାଦା ଭିତରେ ଫରକ ଅନେକ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ସର୍ବଭାରତୀୟ ପ୍ରଶାସନିକ ସେବା: ରାଷ୍ଟ୍ରନିର୍ମାଣର ଇସ୍ପାତ ଢାଞ୍ଚା

**ରଞ୍ଜନ କୁମାର ରାୟ**

ଏକ ରାଷ୍ଟ୍ରର ମାନ ନିର୍ଦ୍ଧାରଣ କେବଳ ଏହାର ଭୌଗୋଳିକ ସ୍ଥିତି ଦ୍ୱାରା ନୁହେଁ, ବରଂ ଏହାର ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା, ନିରପେକ୍ଷତା ଏବଂ ସ୍ଥିରତା ଦ୍ୱାରା କରାଯାଏ। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଅଖିଳ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଓଏସ୍) ପ୍ରଶାସନ ଏବଂ ସମ୍ବିଧାନର ତୃତୀୟସ୍ତମ୍ଭର ମେରୁଦଣ୍ଡ ଭାବରେ କାର୍ଯ୍ୟ କରିଛି, କେନ୍ଦ୍ର-ରାଜ୍ୟ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ ଓ ସୁନିଶ୍ଚିତ କରିଛି, ଶାସନ-ନାଗରିକଙ୍କ ମଧ୍ୟରେ ବ୍ୟବଧାନକୁ ଦୂର କରିଛି। ଭାରତୀୟ ପ୍ରଶାସନିକ ସେବା ଓ ଅଧିକାରୀଙ୍କ ଅବଦାନ ଏହା ପ୍ରମାଣିତ ଓ ପ୍ରତିଫଳିତ କରେ ଯେ କିପରି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦୃଷ୍ଟିକୋଣ ଏକ ଦୃଢ଼, ଏକୀକୃତ ଓ ପ୍ରତିକ୍ରିୟାଶୀଳ ରାଷ୍ଟ୍ରର ପ୍ରଶାସନିକ ବ୍ୟବସ୍ଥାକୁ ମାର୍ଗଦର୍ଶନ କରି ଚାଲିଛି।

ଏକ ନୂତନ ସ୍ୱାଧୀନ ରାଷ୍ଟ୍ରର ଭଙ୍ଗୁରତାକୁ ଠିକ୍ ରୂପେ ଅନୁମାନ କରି ଏକ ବୃତ୍ତିଗତ, ନିରପେକ୍ଷ ଏବଂ ପ୍ରଭାବଶାଳୀ ନାଗରିକ ସେବା ଉପରେ ଗୁରୁତ୍ୱ ଦେଇଥିଲେ, ଯାହା ସ୍ୱାଧୀନ ଭାରତର ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ଏକ ସୁଦୃଢ଼ ଇସ୍ପାତ ଢାଞ୍ଚା ରୂପେ କାର୍ଯ୍ୟ କରିବ। ଏହି ଢାଞ୍ଚା ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ରାଜ୍ୟ ସହିତ ସଂଯୋଗ କରିବ, ନୀତିଗୁଡ଼ିକୁ ସମାନ ଭାବରେ କାର୍ଯ୍ୟକାରୀ କରିବାରେ ସମନ୍ୱୟ ରକ୍ଷା କରିବ ଏବଂ ଆର୍ଥିକ-ସାମାଜିକ ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବ। ସର୍ଦ୍ଦାର ପଟେଲ ବୁଝିପାରିଥିଲେ ଯେ ଅଖଣ୍ଡ ଭାରତର ସାର୍ବଭୌମତ୍ୱର ସୁରକ୍ଷା ପାଇଁ କେବଳ ରାଜନୈତିକ ଏକତା ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ଏପରି ଏକ ସୁଦୃଢ଼ ବ୍ୟବସ୍ଥା, ଯେଉଁଥିରେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ନୀତିଗୁଡ଼ିକୁ ବ୍ୟବାହାରିକ ଶାସନରେ ରୂପାନ୍ତରିତ କରିପାରିବେ, ସ୍ଥାୟୀ ଶାନ୍ତି ବାହାଲ କରିପାରିବେ ଏବଂ ଅଭିବୃଦ୍ଧିକୁ ସୁଦୃଢ଼ କରିପାରିବେ।

ସର୍ବଭାରତୀୟ ସେବା ଅଧିକାରୀମାନଙ୍କୁ ଜିଲ୍ଲା



ଓ ରାଜ୍ୟଗୁଡ଼ିକରେ ନିଯୁକ୍ତ କରାଯାଇଛି, ଯାହାଦ୍ୱାରା ସରକାର ନେଉଥିବା ନୀତିଗତ ନିଷ୍ପତ୍ତି ଏବଂ ଜନତାଙ୍କ ପହଞ୍ଚି ଉଭୟଙ୍କ ମଧ୍ୟରେ ସଂଯୋଗ ରକ୍ଷା କରିପାରୁଛି। ନିର୍ବାଚନ ତଦାରଖ ଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ, ସେମାନେ ଆଇନର ଶାସନ, ସମାନତା ଏବଂ ଜାତୀୟ ଏକତାକୁ ବଜାୟ ରଖିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ସେମାନଙ୍କର ଉପସ୍ଥିତି ନିଶ୍ଚିତ କରେ ଯେ ଶାସନ କେବଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ କେନ୍ଦ୍ରିତ ନୁହେଁ, ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ପ୍ରକଳ୍ପରେ ଭାଗୀଦାର କରିଥାଏ। ଅନେକ ଅଞ୍ଚଳରେ ଅଧିକାରୀମାନେ ବିପର୍ଯ୍ୟୟ ପ୍ରଶମନ, ସ୍ଥାନୀୟ ଯୋଜନା ଏବଂ ସାମାଜିକ ପଦକ୍ଷେପରେ ଅତିରିକ୍ତ ଭୂମିକା ଗ୍ରହଣ କରନ୍ତି, ଯାହା ସର୍ଦ୍ଦାର ପଟେଲ୍‌ଙ୍କ ପରିକଳ୍ପିତ ଇସ୍ପାତ ଢାଞ୍ଚାର ବହୁମୁଖୀ ପ୍ରଭାବକୁ ପ୍ରତିଫଳିତ କରେ।

ଏହା ପ୍ରାକୃତିକ ବିପର୍ଯ୍ୟୟ, ନାଗରିକ ଅଶାନ୍ତି, ମହାମାରୀ ପରି ସ୍ଥିତିରେ ସର୍ବଭାରତୀୟ ସେବା ଅଧିକାରୀମାନେ ନିରନ୍ତରତା, ସମନ୍ୱୟ ଓ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଆସୁଛନ୍ତି। ସ୍ଥାନୀୟ ବାସ୍ତବତା ସହିତ କେନ୍ଦ୍ରୀୟ ନିର୍ଦ୍ଦେଶାବଳୀକୁ ସମନ୍ୱିତ କରିବାର ସେମାନଙ୍କର କ୍ଷମତା ଭାରତକୁ ଆଭ୍ୟନ୍ତରୀଣ ଆହ୍ୱାନର ମୁକାବିଲା କରିବାକୁ ଏବଂ ବିବିଧତାରେ ଏକତା ବଜାୟ ରଖିବାକୁ ପ୍ରେରଣା ଓ ଉତ୍ସାହ ଦିଏ। ଆସାମର ବନ୍ୟାଠାରୁ ଗୁଜରାଟର ଭୂମିକମ୍ପ ପର୍ଯ୍ୟନ୍ତ ସଙ୍କଟ ସମୟରେ ଦେଶର ସ୍ଥିରତା, ଅତ୍ୟାବଶ୍ୟକ ସେବା ପ୍ରଦାନ ସୁନିଶ୍ଚିତ କରିବା ସହିତ ସାମ୍ପ୍ରଦାୟିକ ସଦ୍‌ଭାବନା, ଶାନ୍ତି ଓ ସ୍ଥିରତା ରକ୍ଷା କରିବାରେ ଏହି ଅଧିକାରୀଙ୍କ ଭୂମିକା ଅପରିହାର୍ଯ୍ୟ ଓ ପ୍ରଶଂସନୀୟ।

ପ୍ରଶିକ୍ଷଣ, ପ୍ରଶାସନ ଓ ନାଗରିକମାନଙ୍କ ସହିତ ଦୈନନ୍ଦିନ ପାରସ୍ପରିକ ସମ୍ପର୍କ, ସମନ୍ୱୟ ଓ ଭାବ ବିନିମୟ ମାଧ୍ୟମରେ ଭାରତୀୟ ସେବା ବିଭାଗଗୁଡ଼ିକ ସହଭାଗୀ ଦାୟିତ୍ୱ ଏବଂ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରନ୍ତି। ଅଧିକାରୀମାନେ ବିଭିନ୍ନ ଗୋଷ୍ଠୀ ଓ ବିବାଦ ସମାଧାନରେ ମଧ୍ୟସ୍ଥତା କରନ୍ତି ଏବଂ ନୀତିଗୁଡ଼ିକର ସମାବେଶୀ ରୂପାୟନକୁ ନିଶ୍ଚିତ କରନ୍ତି, ଯାହା ଦ୍ୱାରା ଶାସନରେ ସମନ୍ୱୟ ଓ ବିଶ୍ୱାସ ଉଭୟକୁ ସୁଦୃଢ଼ କରିଥାଏ। ଏହି ଦୈନନ୍ଦିନ କାର୍ଯ୍ୟ ସାମାଜିକ ସଂହତିକୁ ସୁଦୃଢ଼ କରେ ଏବଂ ଆଇନ, ନ୍ୟାୟ ଓ ସାର୍ବଜନିତ ମୂଲ୍ୟବୋଧ ପ୍ରତି ସମ୍ମାନକୁ ପ୍ରୋତ୍ସାହିତ କରେ, ଯାହା ଏକ ରାଷ୍ଟ୍ରୀୟ ଏକତାର ଭିତ୍ତିକୁ ସୁଦୃଢ଼ କରେ।

ଏକ ଅଖଣ୍ଡ ଭାରତ ପାଇଁ ଦୃଢ଼ ଅନୁଷ୍ଠାନ ଅତ୍ୟାବଶ୍ୟକ - ସର୍ଦ୍ଦାର ପଟେଲ୍‌ଙ୍କ ଏହି ଦୂରଦୃଷ୍ଟି, ବିଶ୍ୱାସ ଓ ଦୃଷ୍ଟିଭଙ୍ଗୀକୁ ସର୍ବଭାରତୀୟ ସେବାଗୁଡ଼ିକ ପ୍ରମାଣିତ କରେ। ସେମାନେ ଦୃଷ୍ଟିକୋଣକୁ କାର୍ଯ୍ୟରେ, ନୀତିକୁ ପ୍ରୟୋଗରେ ଏବଂ ବିଚାରଧାରାକୁ ମୂର୍ତ୍ତ ଜାତୀୟ ସଂହତିରେ ରୂପାନ୍ତରିତ କରନ୍ତି। ରାଷ୍ଟ୍ରୀୟ ଏକତା ଦିବସରେ, ରାଷ୍ଟ୍ର ନିର୍ମାଣରେ ସେମାନଙ୍କର ଅବଦାନ ଯେକୌଣସି ରାଜନୈତିକ କିମ୍ବା ସାଂସ୍କୃତିକ ପ୍ରୟାସ ପରି ଗୁରୁତ୍ୱପୂର୍ଣ୍ଣ। ସେମାନେ ନିଶ୍ଚିତ କରନ୍ତି ଯେ ସମନ୍ୱୟ, ନ୍ୟାୟ ଓ ଜାତୀୟ ସେବାର ଆଦର୍ଶ ଦେଶର ପ୍ରତ୍ୟେକ କୋଣରେ ଜୀବନ୍ତ ରହିବ।

ଭୁବନେଶ୍ୱର, ମୋ: 7008973541

# ବାସ୍ତବବାଦୀ ସାଧିକା ସୀତାଦେବୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ବାସ୍ତବବାଦ ପ୍ରସଙ୍ଗ ଉତ୍‌ଥାପିତ ହେବା ମାତ୍ରକେ ପାଶ୍ଚାତ୍ୟ ପୃଥିବୀର ସ୍ୱଭାବବାଦୀ ଓ ବାସ୍ତବବାଦୀ ସାହିତ୍ୟିକ ଆନ୍ଦୋଳନର ଚିତ୍ର ସଚେତନ ପାଠକମାନଙ୍କ ମାନସ ପଟରେ ଚିତ୍ରିତ ହୋଇଉଠିବା ସ୍ୱାଭାବିକ। ମାତ୍ର ଭାରତୀୟ ବାସ୍ତବତାବାଦ ସମ୍ପର୍କରେ ଯେଉଁ ଗଭୀର ଓ ବିସ୍ତୃତ ଚିନ୍ତନ ମନ୍ଥନ ଆବଶ୍ୟକ, ଏହା ଆଶାନୁରୂପ ଉପସ୍ଥାପିତ ହୋଇପାରିନାହିଁ। କିନ୍ତୁ ବିଶିଷ୍ଟ ସାହିତ୍ୟ ସାଧିକା ସୀତାଦେବୀ ଖାଡ଼ଙ୍ଗା ଯେ ତତ୍କାଳୀନ ସାହିତ୍ୟ ଜଗତରେ ଥିଲେ ପ୍ରକୃତ ବାସ୍ତବତାବାଦୀ ଉଚ୍ଚମାନର ସାହିତ୍ୟ ସାଧିକା -ଏହା ସ୍ୱକୀୟ ବିଚାରବୋଧ ଦ୍ୱାରା ନିର୍ଣ୍ଣୟ କରିପାରିବା ଏକ ଗୌରବଦୀପ୍ତ ଅନୁଭବ।

ସୀତାଦେବୀ ଯେଉଁ ସାମାଜିକ ପରିବେଶ ମଧ୍ୟରେ ଜନ୍ମ ନେଲେ ସେଥିରେ ଚତୁର୍ଦ୍ଦିଗରେ ଘେରି ରହିଥିଲା ରକ୍ଷଣଶୀଳତାର ବହଳ କଳା ପରଦା। ସେଇ ଅନ୍ଧକାରାବୃତ୍ତ ବାତାବରଣକୁ ସେହି ନାରୀ ପ୍ରତିଭା ହିଁ ବିନମ୍ରତା ସହ ଅତିକ୍ରମ କରିଯାଇପାରନ୍ତି, ଯାହାଙ୍କ ହୃଦୟକୁ ଆଲୋଡ଼ିତ କରିପାରେ ବାହାର ସଂସାରର ଅସଂଗତି ଓ ଅଚେତନତା। ତାହା ହୋଇ ନଥିଲେ ସୀତାଦେବୀ କିପରି ରଚନା କରିପାରିଥା'ନ୍ତେ 'ମନ୍ଦିର ପ୍ରବେଶ' ପରି ନାଟକ! ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିଥା'ନ୍ତେ କେଉଁ ଜୀବନୀ-ଶକ୍ତି ବଳରେ!! ସୃଷ୍ଟି କରିପାରିଲେ କିପରି 'ସଂସ୍କାରକ' ଶୀର୍ଷକ ଗଳ୍ପ ଅଥବା ଭିକ୍ଷୁକ ସମସ୍ୟା ପରି ପ୍ରବନ୍ଧ!!!

ସୀତାଦେବୀ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଛନ୍ତି ଅନ୍ତରର ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ବଳରେ। କବିତା, ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଏକାଙ୍କିକା, ଶିଶୁ ସାହିତ୍ୟ, ସାହିତ୍ୟ ସମାଲୋଚନା ଆଦି ସମସ୍ତ ପ୍ରକାର ଲେଖାରେ ନିଜସ୍ୱ ମୌଳିକ ଦୃଷ୍ଟିଭଙ୍ଗୀର ବଳିଷ୍ଠ ପରିଚୟ ଦେଇ ପାରିଛନ୍ତି ସେ। 'ଦାସୀର ଭାଗ୍ୟ, ' 'ଦୁଃଖୀ', 'ଭୁଲ', 'ବୃଥା ଗର୍ବ' ଆଦି ଅନେକ ଗଳ୍ପର ସ୍ରଷ୍ଟା ସେ। ନାଟକ ମଧ୍ୟରେ ରହିଛି 'ମନ୍ଦିର ପ୍ରବେଶ, ' 'ନିଷ୍ପତ୍ତି', 'ଜନ୍ମତିଥି', 'ଉପନ୍ୟାସ 'ପୌଷ୍ୟପୁତ୍ର', 'ଅଗ୍ରଜ', 'ପ୍ରତ୍ୟାବର୍ତ୍ତନ', କବିତା - 'ଶାନ୍ତିନିକେତନ', 'ପାନ୍ଥଶାଳା', 'ନୈବେଦ୍ୟ' ଆତ୍ମଜୀବନୀ - 'ମୋର ଜୀବନ ସ୍ମୃତି' ଆଦି ବିପୁଳ ସୃଷ୍ଟିର ତାଲିକା ହୋଇଯାଇ ପାରିବ ଦୀର୍ଘାୟିତ। ଗଦ୍ୟ ହେଉ ଅବା ପଦ୍ୟ, ସମାଜର ସମସ୍ୟା ଲେଖନ୍ତୁ ଅଥବା ନିଜ ବ୍ୟକ୍ତିନିଷ୍ଠ ଉପଲବ୍ଧି ବ୍ୟକ୍ତ କରନ୍ତୁ -ସର୍ବତ୍ର ତାଙ୍କ ଅନ୍ତରାତ୍ମାର ପରିଶୁଦ୍ଧତା ପ୍ରତିବିମ୍ବିତ।

ନିଜକୁ ସମସ୍ତ ପ୍ରକାରର ସଂକୀର୍ଣ୍ଣତାରୁ ମୁକ୍ତ ନ କଲେ, ବାଗଦେବୀ ତାଙ୍କ ସୂକ୍ଷ୍ମ ବୀଣାତାରର ମୂର୍ଚ୍ଛନାରେ ପ୍ରାଣ-ପ୍ରକୋଷ୍ଠରେ କାହିଁକି ଓ କିପରି ସୃଷ୍ଟି କରିବେ ସୃଜନିକାର ମର୍ମଧ୍ୱନି? ସୀତାଦେବୀ କି ଆନ୍ତରିକ ଭାବରେ ଗାଇଛନ୍ତି ଅନ୍ତରର ଅନୁଭୂତି! ସେ କହନ୍ତି - 'ଦେଇଛ ଅନେକ ପାଇଲୁ ସେ ସବୁ ହୋଇଛୁ ପରିପୂର୍ଣ୍ଣ, କେଉଁ କୋଣେ ଯଦି ଦ୍ୱେଷ ରୋଷ ଥାଏ, ଅବିଳମ୍ବେ କର ଚୂର୍ଣ୍ଣ / ଦୁଃଖ ଅବସାଦ ଆସି କେଉଁକ୍ଷଣେ ଗ୍ରାସ କରିଦେଲେ ପ୍ରାଣ, କେତେବେଳେ କେଉଁ ବେଶେ ଆସି ପ୍ରଭୁ କର ମୋତେ ପରିତ୍ରାଣ।' - 'ପାନ୍ଥଶାଳା' କବିତାରେ ପ୍ରକାଶିତ ତାଙ୍କର ଏହି ନିବେଦନ କି ମର୍ମସ୍ପର୍ଶୀ!

ଆତ୍ମକଥା ରଚନା ବେଳେ କି ନମ୍ରତାର ସହ ସେ ବିମୋଚନ କରିଦେଉଛନ୍ତି ଜୀବନାନୁଭୂତିର ଗୋଟିଏ ପରେ ଗୋଟିଏ ସ୍ତର! ପ୍ରତିଭା ସାମାଜିକ ସମର୍ଥନ ଲାଭ କରି ପ୍ରସ୍ଫୁଟିତ ହୁଏ ନାହିଁ। ସାମାଜିକ ସଂକୀର୍ଣ୍ଣତାକୁ ଅସ୍ୱୀକାର କରି ହିଁ ସେ ପ୍ରଜ୍ୱଳିତ ହୋଇଉଠେ - ତାହାର ପ୍ରତୀକ ସୀତାଦେବୀ। ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି' ମଧ୍ୟରେ ନିଜ ନିଷ୍କଳୁଷ ନିର୍ମଳ ଆତ୍ମାକୁ ଆବିଷ୍କାର କରିଛନ୍ତି ସେ। ସେହି ଭାବନାରେ ଲେଖିଛନ୍ତି କେତେ ଗୀତିଧର୍ମୀ କବିତା। ପାଠକର ଜାଣିବା ସକାଶେ ତାହାକୁ ଅନୁବାଦ ଆଖ୍ୟା ଦେଇଛନ୍ତି ସିନା; କିନ୍ତୁ ସେଥିରେ ତାଙ୍କରି ଆତ୍ମାନୁଶୀଳନ ହିଁ ରହିଛି ପ୍ରଚ୍ଛନ୍ନ। କେହି କେହି ତାଙ୍କ କବିତାରେ କବିଙ୍କ ବ୍ୟକ୍ତିସତ୍ତାଟିକୁ ଖୋଜି ପାଉଥିବା ବେଳେ ଗଦ୍ୟସୃଷ୍ଟିରେ ସମାଜ ସଚେତନ ଶିଳ୍ପୀ ସତ୍ତାକୁ ଲକ୍ଷ୍ୟ କରିପାରନ୍ତି। ବାସ୍ତବରେ ଏହି ବ୍ୟକ୍ତି ସତ୍ତା ଆଉ ସାମାଜିକ ପରିବର୍ତ୍ତନର ଆହ୍ୱାନ ଦେଉଥିବା ସାହସିନୀ ସୀତାଙ୍କ ମଧ୍ୟରେ କୌଣସି ତାରତମ୍ୟ ହିଁ ନାହିଁ। ପୁଣି ଶିଳ୍ପକଳା ଦୃଷ୍ଟିରୁ ତାଙ୍କ କଥା ସାହିତ୍ୟରେ ପୂର୍ଣ୍ଣତାର ଅନୁଭବ ଆମେ ଯେଉଁମାନେ କରିପାରୁନା, କଳାର ରହସ୍ୟ ଉନ୍ମୋଚନ ନିମିତ୍ତ ଆମ ଚେତନାର ମୁକୁଳନ ଅସମାପ୍ତ। ଭାରତୀୟ ବାସ୍ତବତାବାଦ ବୋଲି ନ କହି ବାସ୍ତବତାବୋଧ ବୋଲି କୁହାଯାଇପାରେ। ବାସ୍ତବବାଦ ମଧ୍ୟରେ ଏକାତ୍ମ ହୋଇ ରହିଥାଏ ଆଦର୍ଶବାଦ, ଯାହା ସୀତାଦେବୀ ଖାଡ଼ଙ୍ଗାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ପ୍ରକୃତ କୀର୍ତ୍ତି।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅନାହାରରେ ଆଖି ବୁଜିଲେ...

ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ସରପଞ୍ଚ କନକଲତା ସର୍ଦ୍ଦାରଙ୍କ ସହ ଯୋଗାଯୋଗ କରାଯାଇଥିଲା। ତାଙ୍କର କିଛି କାଗଜପତ୍ର କିଛି ନଥିଲା; ସେଥିପାଇଁ ରାସନ କାର୍ଡ କଟିଯାଇଥାଇପାରେ ବୋଲି ସେ କହିଛନ୍ତି।

ଏ ସଂପର୍କରେ ଖବର ପାଇ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶରେ ବିଧାୟକ ଦଳ ଉପନେତା ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ପିସିସି ସଂଗଠନ ସୃଜନ ଅଭିଯାନ ଉପସଭାପତି ସୁଧାଂଶୁ ଦେଓ, ମୁଖପାତ୍ର ହିମାଂଶୁ ଲେଙ୍କା, ବିଧାୟକ ପ୍ରାର୍ଥୀ ଇଂ.ବିଭୂଭୂଷଣ ରାଉତ, ଡିସିସି ସଭାପତି ମାଗୁଣି ଜେନା, ପିସିସି ମହିଳା ସମ୍ପାଦକ ସ୍ୱର୍ଣ୍ଣଲତା ବାନରା, ଆଦିବାସୀ ନେତା ହିନ୍ଦୁ ଜାମୁଦା ଓ ସ୍ଥାନୀୟ ସଂଗଠକ ଗୀତାଞ୍ଜଳି ମହାନ୍ତ ପ୍ରମୁଖ ଗାଁକୁ ଗସ୍ତ କରି ସେଠାରେ ରହୁଥିବା ମାଙ୍କେଡିଆ ବସ୍ତିବାସିନ୍ଦାଙ୍କ ଦୟନୀୟ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାର ଓ କେନ୍ଦ୍ରସରକାର ଯେଉଁ କାଳିଆପାଣି ଖଣି ଅଞ୍ଚଳରୁ ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ପାଉଛନ୍ତି ତା'ରି କୋଳରେ ରହୁଥିବା ଏହି ଆଦିବାସୀମାନେ ଆଜି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଇ-କେୱାଇସି ଅପ୍‌ଡେଟ ନାଁରେ ପ୍ରତିଦିନ ଅନେକ ଲୋକ ଭୋକ ଉପାସରେ ମୃତ୍ୟୁବରଣ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ରିସା ମାଙ୍କଡ଼ିଆଙ୍କ ମୃତ୍ୟୁ ଅନାହାରଜନିତ ବୋଲି ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛି କଂଗ୍ରେସ।

### ଗାଜାରେ ପୁଣି...

ମୃତକଙ୍କ ମଧ୍ୟରେ ମହିଳା ଓ ।।ଛୋଟପିଲା ସାମିଲ ରହିଛନ୍ତି ବୋଲି ଗାଜା ହସ୍ପିଟାଲ ତରଫରୁ କୁହାଯାଇଛି। ୨୦ ଦିନ ତଳେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ସେପ୍ଟେମ୍ବର ୨୯ରେ ୨୦ଶ ସୂତ୍ରୀ ଶାନ୍ତି ଯୋଜନା ଉପସ୍ଥାପନା କରାଯାଇଥିଲା। ଅକ୍ଟୋବର ୯ରେ ହମାସ ଏଥିରେ ସମ୍ମତି ପ୍ରକାଶ କରିଥିଲା।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ହମାସ ଗାଜାରେ ରହିଥିବା ଇସ୍ରାଏଲ ସୈନିକଙ୍କ ଉପରେ ଆକ୍ରମଣ କରୁଛି ଓ ମୃତ ପଣବନ୍ଦୀଙ୍କୁ ଫେରାଇବା ନେଇ ହୋଇଥିବା ଚୁକ୍ତିର ଉଲ୍ଲଂଘନ କରୁଛି। ହମାସ ରେଡ ଲାଇନ୍ ପାର କରିଛି ଓ ଏବେ ହମାସକୁ ମୂଲ୍ୟ ଦେବାକୁ ହେବ ବୋଲି ସେ କହିଛନ୍ତି। ସେପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଙ୍ଗଳବାର ରାତିରେ ହମାସ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ହମାସ ସବୁ ଅଭିଯୋଗକୁ ଖଣ୍ଡନ କରିଛି। ଏବେ ଇସ୍ରାଏଲ ଗାଜାରେ ମାନବିୟ ସହାୟତାକୁ ରୋକିବା ସହ ଗାଜାର ଅଞ୍ଚଳରେ ନିଜର ଅକ୍ତିଆର ବୃଦ୍ଧି କରିବା ଓ ହମାସ ନେତାଙ୍କ ଉପରେ ଆକ୍ରମଣ କରୁଥିବା କୁହାଯାଉଛି।

### ୪ ପୁଲିସ କର୍ମଚାରୀ...

ହେଲିକପଟର। ପୁଲିସ ଏହି ଅଞ୍ଚଳରେ ପ୍ରବେଶ କରିବା ମାତ୍ରେ ରେଡ୍ କମାଣ୍ଡ ଗ୍ୟାଙ୍ଗର ସଦସ୍ୟ ସେମାନଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ପୁଲିସକୁ ରୋକିବା ପାଇଁ ସେମାନେ ସଡ଼କ ଉପରେ ଜଳୁଥିବା ବ୍ୟାରିକେଡ୍ ମଧ୍ୟ ଲଗାଇଥିଲେ। ସେମାନେ ଡ୍ରୋନରୁ ବୋମା ମାଡ଼ ମଧ୍ୟ କରିଥିଲେ। ଏହାର ଜବାବରେ ପୁଲିସ ମଧ୍ୟ ସେମାନଙ୍କ ଉପରକୁ ଗୁଳିମାଡ଼ କରିଥି ଲା। ଆକାଶମାର୍ଗରୁ ହେଲିପଟର ଓ ଡ୍ରୋନରୁ ମଧ୍ୟ ମାଫିଆଙ୍କ ଉପରେ ବୋମା ମାଡ଼ କରାଯାଇଥିଲା। ପୁଲିସ ଓ ଅପରାଧୀ ମଧ୍ୟର ସଂଘର୍ଷ ଯୋଗୁଁ ମୋଟ୍ ଉପରେ ୬୪ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରେ ୪ ଜଣ ପୁଲସ କର୍ମଚାରୀ ସାମିଲ ଅଛନ୍ତି।

ସୂଚନାଯୋଗ୍ୟ ଯେ ଗୋଟିଏ ବର୍ଷ ପୂର୍ବରୁ ପୁଲିସ ଏହି ଅପରେସନ ଆରମ୍ଭ କରିବାକୁ ଯୋଜନା କରିଥିଲା। ଏହି ଅପସରେସନରେ ପୁଲିସ ୮୦ ଜଣଙ୍କୁ ଗିରଫ କରିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ଆଖାପାଖ ଅଞ୍ଚଳରେ ରହୁଥିବା ୩ ଲକ୍ଷ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଏହି ଅଞ୍ଚଳକୁ ରେଡ୍ କମାଣ୍ଡର ମୁଖ୍ୟ ଠିକଣା ବୋଲି କୁହାଯାଉଛି। ଏହି ଅଞ୍ଚଳରେ ନିଶାଦ୍ରବ୍ୟ ଓ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ବହୁଳ ଭାବେ କରାଯାଇଥାଏ। ଏହି ଅପରେସନ୍‌ରେ ୨୦୦ କିଲୋରୁ ଅଧିକ ଡ୍ରଗ୍ସ, ଅନେକ ରାଇଫଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଦୁଷ୍କର୍ମ ପରେ...

ଉଦ୍ଦେଶ୍ୟରେ ତାଙ୍କ ମୁହଁକୁ ପୋଡି ଦିଆଯାଇଥିବା ଆଲୋଚନା ହେଉଛି। ସମସ୍ତ ଦିଗକୁ ଅନୁଧ୍ୟାନ କରି ପୁଲିସ ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ କଥା ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ମଳୟ ପଣ୍ଡା ସୂଚନା ଦେଇଛନ୍ତି।

### ବାତ୍ୟା ଗଲା...

ରେକର୍ଡ କରାଯାଇଥିବା ବେଳେ ଗଜପତି ଜିଲ୍ଲାର ଗୋଷାଣୀଠାରେ ସର୍ବାଧିକ ୧୫୦.୫ ମିମି ଏବଂ ଗଞ୍ଜାମ ଜିଲ୍ଲାର ପାତ୍ରପୁର ୧୭୦.୪ ମିମି. ବର୍ଷା ରେକର୍ଡ କରାଯାଇଛି। ଏହି ବର୍ଷା ସହ ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୩୧ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ନେଇ ପାଣିପାଗ କେନ୍ଦ୍ର କହିଛି।

ସୂଚନା ଥାଉ କି, ବାତ୍ୟା 'ମୋନ୍ଥା' ମଙ୍ଗଳବାର ରାତି ପ୍ରାୟ ୭ଟାରେ ମଛଲିପଟନମ୍-କଳିଙ୍ଗପଟନମ୍ ମଧ୍ୟରେ କାକିନାଡ଼ା ଦକ୍ଷିଣ ଦିଗକୁ ନର୍ସାପୁରମ୍‌ଠାରେ ସ୍ଥଳଭାଗ ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗର ସୂଚନା ମୁତାବକ, ପାଖାପାଖି ୫ଘଣ୍ଟା ଧରି ଏହି ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିଥିଲା। ଏହା ଆଇଏମ୍‌ଡିର ନିର୍ଦ୍ଧାରିତ କାକାନାଡ଼ାର ପ୍ରାୟ ୧୦୦ କିମି ଦୂରରେ ସ୍ଥଳଭାଗ ଅତିକ୍ରମ କରିଛି। ଟ୍ରାକ୍‌ରେ ସାମାନ୍ୟ ପରିବର୍ତ୍ତନ କାରଣରୁ ଓଡ଼ିଶାରେ ବର୍ଷାର ପରିମାଣ କମ୍ ରହିଛି। ବାତ୍ୟା ବାହ୍ୟବଳୟରେ ବାଦଲ ଖଣ୍ଡକୁ ଛାଡ଼ିଦେଲେ ବାତ୍ୟାର ପ୍ରମୁଖ ଅଂଶ ଓଡ଼ିଶାଠାରୁ ଯଥେଷ୍ଟ ଦୂରରେ ରହିଛି। ଫଳରେ ରାଜ୍ୟରେ ଆଶା କରାଯାଉଥିବା ବର୍ଷା ଓ ପବନର ପରିମାଣ ଅପେକ୍ଷାକୃତ କମ୍ ରହିଛି। ବର୍ତ୍ତମାନ ଏହା ଘଣ୍ଟା ପ୍ରତି ୧୫ କିମି ବେଗରେ ଆନ୍ଧ୍ରପ୍ରଦେଶ ସଂଲଗ୍ନ ତେଲଙ୍ଗାନା ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ଉତ୍ତର ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି।

ଅନ୍ୟପଟେ ଆସନ୍ତା ୨ ତାରିଖରୁ ରାଜ୍ୟରେ ଶୀତ ଆରମ୍ଭ ହେବ। ଏଥିପାଇଁ ପାଗ ଅନୁକୂଳ ହେବାରେ ଲାଗିଛି। ବର୍ତ୍ତମାନ ରାଜ୍ୟରେ ପାଗ ମେଘୁଆ ରହୁଛି। ରାଜ୍ୟକୁ ସମୁଦ୍ର ପବନ ଆସୁଥିବାରୁ ତାପମାତ୍ରା ଅଧିକ ରହିଛି। ଆକାଶରୁ ମେଘ ହଟିଲେ, ତାପମାତ୍ରା ହଠାତ୍ କମିବ। ଏହା ସହିତ ବର୍ତ୍ତମାନର ଅବପାତ ଝାଡ଼ଖଣ୍ଡ ଓ ବିହାରମୁହାଁ ହେବ। ସମାନ ଭାବେ ମହାରାଷ୍ଟ୍ର ଉପରେ ୧ତାରିଖ ବେଳକୁ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହା ଫଳରେ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ ବାୟୁ ବହିବ। ତେଣୁ ୨ ତାରିଖଠାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୫ରୁ ୬ ଡିଗ୍ରୀ ହ୍ରାସ ପାଇ ପହିଲି ଶୀତ ଅନୁଭୂତ ହେବ। ପରେ ୬ ତାରିଖରୁ ୨-୩ ଦିନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିବାର ଥିଲେ ମଧ୍ୟ ଏହାପରେ ତାପମାତ୍ରା ପୁଣି ହ୍ରାସ ପାଇବ ଓ ଶୀତ ଜାରି ରହିବ।

### 'ମୋନ୍ଥା'ରେ ୩୩ ବ୍ଲକ୍...

ଆଦି ଅଧିକାରୀମାନେ ଆଣିବେ। ଫଳରେ ଅନଲାଇନରେ ତୁରନ୍ତ କ୍ଷତିପୂରଣ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ବାତ୍ୟାରେ ୩୩ଟି ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ୩୬୨ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ୧୮୭୩୨ ଜଣ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଯେଉଁ ସ୍ଥାନରେ ବିଦ୍ୟୁତ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଥିଲା ସେସବୁକୁ ପୁନଃସଂସ୍ଥାପିତ ଓ ସ୍ୱାଭାବିକ କରାଯାଇପାରିଛି। ଯେଉଁଠାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା, ସେଠାରେ ତୁରନ୍ତ ଗଛ କାଟି ରାସ୍ତା ସଫା କରାଯାଇଛି। ୩୧ ତାରିଖ ବେଳକୁ ପରିସ୍ଥିତି ସ୍ୱାଭାବିକ ହୋଇଯିବ। ୩୦ ପରଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ।

ବାତ୍ୟା ମୁକାବିଲା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୭୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବରେ ସ୍ଥାନାନ୍ତର କରାଯାଇଥିଲା। ଏତଦ୍‌ବ୍ୟତୀତ ୨୧୯୮ ଜଣ ଆସନ୍ନ ପ୍ରସବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା'ଗୃହକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏବେ ସେମାନେ ସେଠାରେ ସୁରକ୍ଷିତ ଅଛନ୍ତି ଏବଂ କେତେକ ମାତୃତ୍ୱ ଲାଭ କରିଛନ୍ତି। ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଅଞ୍ଚଳରେ ୬୦ଟି ଡାକ୍ତରୀ ଦଳ ନିୟୋଜିତ କରାଯାଇଥିବାବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁଚିକିତ୍ସା ଦଳ ନିୟୋଜିତ ହୋଇଥିଲେ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି।

### ପ୍ରଚାର ମଇଦାନକୁ...

ନବୀନ ଦ୍ୱିତୀୟ ଥର ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବା ସହ ଖରିଆର ରୋଡଠାରୁ ନୂଆପଡା ଯାଏଁ ବିଶାଳ ରୋଡ ଶୋ କରିବେ। ନବୀନଙ୍କ ନୂଆପଡ଼ା ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ପରେ ଦଳର ନେତା, କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବେଶ୍ ଉତ୍ସାହିତ ଅଛନ୍ତି। ଏପଟେ ନବୀନଙ୍କ ଗସ୍ତ ଏବଂ ନିର୍ବାଚନ ପ୍ରଚାରକୁ ନେଇ ମତ ରଖିଛନ୍ତି ରାଜନୈତିକ ସମୀକ୍ଷକ। ସାଧାରଣ ଲୋକଙ୍କ ମଧ୍ୟରେ ନବୀନ ବାବୁଙ୍କର ଯାଦୁ, ପ୍ରଭାବ ଏବେବି ଅପରିବର୍ତ୍ତିତ ରହିଛି। ନବୀନ ପଟ୍ଟନାୟକଙ୍କ ପ୍ରଚାର ନିଶ୍ଚିତ ଭାବେ ସ୍ନେହାଙ୍ଗିନୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି।

### ବିକ୍ରି ହେବ...

ପାଇଁ ଆଲୋଚନାକୁ ଏବେ ତୀବ୍ର କରିଛି। ଏହି କାରବାର କିପରି ଆଗକୁ ବଢ଼ିବ ତାହା ମଧ୍ୟ ସ୍ଥିର କରାଯାଉଛି। ଏହା ଏକ ଯୋଗ୍ୟ ସଂସ୍ଥାଗତ ପ୍ଲେସମେଣ୍ଟ (କ୍ୟୁଆଇପି) କିମ୍ବା ଓପନ୍ ଫର ସେଲ୍ (ଓଏଫ୍‌ଏସ୍) ମାଧ୍ୟମରେ ହୋଇପାରେ। ଏକ ସୂତ୍ର କହିଛି ଯେ ଆଗାମୀ ସପ୍ତାହଗୁଡ଼ିକରେ ନିର୍ଦ୍ଧାରିତ ରୋଡ ଶୋ'ରେ ନିବେଶକଙ୍କ ଚାହିଦା ଉପରେ ଆଧାର କରି ନିଷ୍ପତ୍ତି ନିଆଯିବ। ତେବେ ଏ ସମ୍ପର୍କରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି ଯେ ଏହି ପ୍ରସଙ୍ଗ ବର୍ତ୍ତମାନ ବିଚାରାଧୀନ ରହିଛି, କିନ୍ତୁ ତାହା ଉପରେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

### ଗାଣ୍ଡିଆରେ ଧନ...

ଚିନ୍ତା ପ୍ରକଟ କରିଛନ୍ତି। ଅପରପକ୍ଷେ ନିଜ ନିଜ ବିଭାଗର ବଜେଟ ଖର୍ଚ୍ଚକୁ ଧ୍ୟାନ ଦେବା ପରିବର୍ତ୍ତେ, ମନ୍ତ୍ରୀମାନେ କିଛିଦିନ ହେଲା ନୂଆପଡ଼ାରେ ଉପ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି। ପ୍ରାୟ ୮ ଜଣ ମନ୍ତ୍ରୀଙ୍କୁ ଜୋନୱାରୀ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ କେତେକ ମନ୍ତ୍ରୀ ମଧ୍ୟ ସହଯୋଗୀ ଭୂମିକାରେ ରହିଛନ୍ତି। ଆସନ୍ତା ୯ ତାରିଖ ଯାଏଁ ସେମାନେ ନୂଆପଡ଼ାରେ ରହିବାକୁ ଥିବାବେଳେ ଏପଟେ ବିଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇ ପଡ଼ିଲାଣି। ଦଳ ସହ ମନ୍ତ୍ରୀମାନେ ନିଜ ବିଭାଗ ମଧ୍ୟ ଗୁରୁତ୍ୱ ଦେବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

### ୧୩ ଲକ୍ଷ ଟଙ୍କା...

ସମୟରେ ସେ କହିବା ଅନୁଯାୟୀ ୧୩ ଜଣ ପୁରୁଷ ଓ ୫ ଜଣ ମହିଳା ଏଜେଣ୍ଟ / ସୁପରଭାଇଜର ମୋଟ ୧୮ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଥିବା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଆଜି ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେମାନଙ୍କୁ ପୁଲିସ ଅଟକ ରଖି ଅଧିକ ତଦନ୍ତ କରୁଛି। ଏହାସହ ଚାରପାଲିର ଭାଗ୍ୟଶ୍ରୀ ମହାନନ୍ଦଙ୍କଠାରୁ ୧୩ ଲକ୍ଷ ଟଙ୍କା ଜବତ କରାଯାଇଥିବା ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୩ ତାରିଖ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ସେମାନଙ୍କଠାରୁ ୬୨ ଲକ୍ଷ ଟଙ୍କା ଜବତ କରିଥିଲା।

ଏସ୍‌ପି ଶ୍ରୀ ଭାମୁଙ୍କ ସୂଚନା ଅନୁଯାୟୀ, ବୁର୍ଲା ଥାନାରେ ଚାକିରୀ ଠକେଇକୁ ନେଇ ରୁଜୁ ହୋଇଥିବା କେସ ନଂ. ୪୬୪ ତା ୨୩-୧୦-୨୦୨୫ରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାହୁଲକୁ ରିମାଣ୍ଡରେ ଆଣି ପଚରାଉଚୁରା କରାଗଲା। ପଚରାଉଚୁରା ସମୟରେ ରାହୁଲ କହିଥିବା ନାମଗୁଡ଼ିକ ଯାଞ୍ଚ କରାଗଲା। ୧୮ ଜଣ ଏଜେଣ୍ଟ / ସୁପରଭାଇଜରଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଯେଉଁ ଭୁବନେଶ୍ୱରର ଜଣେ ମାଷ୍ଟର ମାଇଣ୍ଡ ଅଛନ୍ତି ବୋଲି କହୁଥିଲେ ତାହା ମିଛ ଏବଂ ସେ ନିଜେ ମାଷ୍ଟର ମାଇଣ୍ଡ ବୋଲି ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଭୁବନେଶ୍ୱରର ଜଣେ ବ୍ୟକ୍ତି ବୋଲି କହୁଥିବାବେଳେ ନିଜ ବାପାଙ୍କ ନମ୍ବର ଦେଇ ଅଭିଯୁକ୍ତ ରାହୁଲ ଫୋନ୍‌କୁ ସ୍ୱିଚ୍‌ଅଫ୍ କରି ଦେଇଥିଲା। ରାହୁଲ ଓରଫ ସମ୍ରାଟ ସାହୁ ମାଷ୍ଟର ମାଇଣ୍ଡ ହୋଇଥିବାବେଳେ ତାଙ୍କସହ ପଦ୍ମା ତାଣ୍ଡି ଓ ଭାଗ୍ୟଶ୍ରୀ ମହାନନ୍ଦ ରହିଛନ୍ତି ବୋଲି ଏସ୍‌ପି କହିଥିଲେ। ଚାରପାଲି ଗାଁର ଭାଗ୍ୟଶ୍ରୀ ମହାନନ୍ଦଙ୍କଠାରୁ ୧୩ ଲକ୍ଷ ଟଙ୍କା ଏବଂ ଆଧାରକାର୍ଡ, ବ୍ୟାଙ୍କ ପାସବୁକ ଆଦି ଜବତ କରାଯାଇଛି। ସେ ୪୯୨ ଜଣ ଲୋକଙ୍କୁ ନିୟୋଜିତ କରି ଟଙ୍କା ନେଇଥିଲେ। ଏସ୍‌ପି କହିଛନ୍ତି, କୌଣସି କାମ ହେଉନଥିବାବେଳେ ଟଙ୍କା ନେବାପରେ କେବଳ ଫଟୋ ଉଠାଇ ତାହାକୁ ଅପ୍‌ଲୋଡ କରାଯାଉଥିଲା। ଚାକିରୀ ଦେଇ ବିନା କାମରେ ଦରମା ଦେଉଥିଲେ, ଏଭଳି କୋଉଠି ବି ସମ୍ଭବ ନୁହେଁ। ଲୋକମାନେ ଯାଇ ଏସ୍‌ଏମ୍‌ସିରେ ପଚାରିବା କଥା। ଏଭଳି କ୍ଷେତ୍ରରେ ସମ୍ପୃକ୍ତ ବିଭାଗକୁ ଯାଇ ଯାଞ୍ଚ କରନ୍ତୁ ନଚେତ୍ ପୁଲିସ ପାଖକୁ ଆସିଲେ ପୁଲିସ ଯାଞ୍ଚ କରି ସତ୍ୟାସତ୍ୟ ବାହାର କରିବ। ଚାକିରୀ କ୍ଷେତ୍ରରେ ଲୋକମାନେ ସଜାଗ ଓ ସତର୍କ ହେବା ଆବଶ୍ୟକତା ରହିଛି ବୋଲି ଏସ୍‌ପି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ମହାନଗର ନିଗମରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଆରମାକ୍ସ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଲୋକଙ୍କ ପାଖରୁ ଟଙ୍କା ନେଉଥିଲା। ସଫେଇ କର୍ମଚାରୀ ଭାବେ ଚାକିରୀ କରିବାକୁ ହେଲେ ପ୍ରାଥମିକ ଭାବେ ଜଣ ପିଛା ୧୨ ହଜାର ଟଙ୍କା ଦେବାକୁ ପଡୁଥିଲା। ପରେ ଉକ୍ତ ସଂସ୍ଥା ଦିନକୁ ଘଣ୍ଟେ କାମ କଲେ ୪ ଶହ ଟଙ୍କା ଦେଉଥିଲା। ଏପରି ଭାବରେ ସମ୍ବଲପୁର, ବରଗଡ଼ ଓ ସୋନପୁର ଜିଲ୍ଲାର ପ୍ରାୟ ୨ ହଜାର ଲୋକଙ୍କ ପାଖରୁ ଏହି ସଂସ୍ଥା ଠକେଇ କରିଛି। ଏହି ମାମଲାରେ ବୁର୍ଲା ପୁଲିସ ପ୍ରଥମେ ଦୁଇ ଅଭିଯୁକ୍ତ ସମ୍ବଲପୁର ବଡ଼ବଜାରର ରାହୁଲ ଓରଫ ସମ୍ରାଟ ରାୟ ଏବଂ ସତୁପାଲି ଗାଁର ପଦ୍ମାବତୀ ତାଣ୍ଡିଙ୍କୁ ଗତ ୨୩ ତାରିଖ ଗିରଫ କରି କୋର୍ଟଚାଲାଣ କରିଥିଲା। ଗତ ୨୭ ତାରିଖ ମୁଖ୍ୟ ଅଭିଯୁକ୍ତ ରାହୁଲକୁ ପୁଲିସ ଦୁଇଦିନିଆ ରିମାଣ୍ଡରେ ଆଣି ପଚରାଉଚୁରା କରିଥିଲା।

**ଟିଟିଲାଗଡ ପାଉମେକ୍ସ ଷ୍ଟିଲ କାରଖାନା ଡିଜିଏମ ହତ୍ୟା ଘଟଣା**

## ୫ ଅଭିଯୁକ୍ତଙ୍କୁ ଜାମିନ

କଟକ,୨୯ ।୧୦(ସମିସ): ଟିଟିଲାଗଡ଼ ପାଉମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କ ହତ୍ୟା ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ଜଣଙ୍କର ଜାମିନ ଖାରଜ କରିଛନ୍ତି। ମହତାବ ଖାରସେଲର ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଅନ୍ୟ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ନାଗ, ଅନ୍ତରାମ ବିଶି, ବୀରେନ୍ଦ୍ର ବାଗ, ଗରୁଡ଼ଧ୍ୱଜ ସାହୁ ଓ ମଦନ ଜାଲଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫୦ ହଜାର ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ଏମାନଙ୍କୁ ଜାମିନରେ ଛାଡ଼ିବେ ବୋଲି ଜଷ୍ଟିସ ଗୌରୀଶଙ୍କର ଶତପଥୀ ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୧୧ରେ ଟିଟିଲାଗଡ଼ରେ ଥିବା ପାଉମେକ୍ସ ଷ୍ଟିଲ କାରଖାନାର ଡିଜିଏମ ରାଧେଶ୍ୟାମ ରାୟଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡରେ ସଂପୃକ୍ତ ୫୨ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୫ ଜଣଙ୍କ ବିରୋଧରେ ଅଦାଲତରେ ମାମଲା ଶୁଣାଣି ହୋଇଥିଲା। ଏଥିମଧ୍ୟରୁ ମାତ୍ର ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ।

■ **ହାଇକୋର୍ଟରେ ରାଜ୍ୟ ସରକାରଙ୍କ ଜବାବ ଦାଖଲ**

## ସରକାରୀ ଜମି ଜବରଦଖଲମୁକ୍ତ ପାଇଁ ଆକ୍ସନପ୍ଲାନ ପ୍ରସ୍ତୁତ

କଟକ,୨୯।୧୦(ସମିସ): ସରକାରୀ ଜମିର ସୁରକ୍ଷା ଓ ଜବରଦଖଲରୁ ମୁକ୍ତ ପ୍ରସଂଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ନୀତିଗତ ନିଷ୍ପତ୍ତି ନିଆଯିବା ସହ ସରକାରୀ ଜମି ଜବରଦଖଲ ପ୍ରସଂଗରେ ସରକାର ଶୂନ୍ୟ ଶହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ହାଇକୋର୍ଟରେ ଆଜି ରାଜ୍ୟ ସରକାରଙ୍କ ତରଫରୁ ଜବାବ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଞ୍ଚଳରେ ସରକାରୀ ଜମିରେ ଥିବା ଏକ ରାସ୍ତାକୁ ଜବରଦଖଲ କରାଯାଇଥିବା ଅଭିଯୋଗ ନେଇ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ସରକାର ପକ୍ଷ ରଖିଛନ୍ତି। ଅତିରିକ୍ତ ସରକାରୀ ଓକିଲ ଦେବାଶିଷ ତ୍ରିପାଠୀ ମାମଲା ଶୁଣାଣି ବେଳେ ଏହା ଦର୍ଶାଇଥିଲେ। ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ସବୁ ଜିଲ୍ଲାପାଳଙ୍କୁ ଅଗଷ୍ଟ ୨୨ରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଓ ଏହା ସହିତ ସଂଲଗ୍ନ ଆକ୍ସନ ପ୍ଲାନର କପି ହାଇକୋର୍ଟରେ ଉପସ୍ଥାପନ କରିଥିଲେ ଏଜିଏ। ଜବରଦଖଲରେ ରହିଥିବା ସରକାରୀ ଜମିର ଚିହ୍ନଟ ଓ ଉଚ୍ଛେଦ ପାଇଁ ରାଜସ୍ୱ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ଉପରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା।

ସରକାରୀ ଜମିର ସୁରକ୍ଷାକୁ ପ୍ରାଥମିକତା ଦେଇ ସୁରକ୍ଷା ବାଡ ନିର୍ମାଣ କରିବା ଓ ଫଳକ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଉଲ୍ଲେଖ କରାଯାଇଥିଲା। ଦର୍ପଣ ତହସିଲ ଅଞ୍ଚଳରେ ଜବରଦଖଲ ଉକ୍ତ ରାସ୍ତା ରହିଥିବା ତଦନ୍ତରୁ ଜଣାପଡିବା ପରେ ଜବରଦଖଲମୁକ୍ତ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଥିଲା। ଏହି ପ୍ରକ୍ରିୟା ଶୀଘ୍ର ସଂପୂର୍ଣ୍ଣ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ସୁଦର୍ଶନ ସାମଲ ଓ ଅନ୍ୟମାନଙ୍କ ତରଫରୁ ଦାୟର ଏଜନସ୍ୱାର୍ଥ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କପିଳ ଚରଣ ନାୟକ ମାମଲା ପରିଚାଳନା କରୁଥିଲେ।


**AFFIDAVIT**

I P S Priyadarsini, w/o- Manoranjan Swain, (D/o- Prasanta Kumar Mohapatra, as mentioned in Adhar Card) Resident of Ayatpur, Dist/PO- Cuttack, Pin- 754131, Odisha declare by this Affidavit No. CF. No.66 dated-25/09/25 that My daughters name in her Birth Certificate ( Regd. No. 571/2011, Regd. Date 11/ 01/2011) issued by Registrar Birth and Death, C.M.C Cuttack has been entered incorrect as "Priyanshi Priyadarsni" instead of "Priyanshi Priyadarshni" and henceforth she shall be known as **"Priyanshi Priyadarshni"** for all future purposes.

**AFFIDAVIT**

I P S Priyadarsini ,w/o- Manoranjan Swain (D/o- Prasanta Kumar Mohapatra as mentioned in Adhar Card)Resident of Ayatpur, Dist/PO- Cuttack, Pin- 754131, Odisha hereby declare vide Affidavit No. C.F No. 67 dated 25/09/25 that My name has been entered incorrect in my daughter's Birth Certificate as "P.S Priyadarshini" instead of "P S Priyadarsini".I declare that "P.S Priyadarshini" and "P S Priyadarsini" is the same person and my correct name **"P S Priyadarsini"** shall be used for future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 27/10/2025 I Ratnakara Behera, Address Subash Nagar Basthi, Dumduma Housing Board Colony, Po: Dumduma, P.S. Khandagiri, Bhubaneswar, Dist – Khordha, Odisha, 751019 declare that I have changed the name of my daughter from Adyasa Behera to Adyasha Priyadarshini, Henceforth, she shall be known as **Adyasha Priyadarshini.**

**Ratnakara Behera**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 27/10/2025 I Ratnakara Behera, Address Subash Nagar Basthi, Dumduma Housing Board Colony, Po: Dumduma, P.S. Khandagiri, Bhubaneswar, Dist – Khordha, Odisha, 751019 declare that I have changed the name of my son from Sai Satyam Behera to Kumar Saisatyam Behera, Henceforth, he shall be known as **Kumar Saisatyam Behera.**

**Ratnakara Behera**

**AFFIDAVIT**

By virtue of an affidavit sworn before Executive Magistrate, Kutra, Dtd. 28/10/2025, I, LALITA NAIK, Address Vill./P.O.-Katang, P.S.- Kutra, Dist.- Sundargarh (Odisha), Pin-770023 declare that I have changed my name from LALITA AMAT to LALITA NAIK. Henceforth I shall be known as LALITA NAIK for all purposes.

**Sd/- Lalita Naik**

**AFFIDAVIT**

By virtue of an affidavit sworn before the Executive Magistrate/ Notary Public, Kantabanji, I, Manju Hianl, W/o- Shibraju Hianl, At/P.O: Chaulsukha, P.S. Kantabanji, Dist. Balangir do hereby declare that my correct name is Manju Hianl W/o- Shibraju Hianl. That in some of my documents, my name has been wrongly mentioned as Khiramani Nag. That both the names Manju Hianl, W/o- Shibraju Hianl and Khiramani Nag is one and the same person, i.e., myself.

**AFFIDAVIT**

I Renu Mishra, D/o- Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/3175, Po- Budheswari Colony Ps- Mancheswar, Bhubaneswar- 751006, Dist Khordha, Odisha, declares by this affidavit No.357, on dated 15.10.2025 that now onwards I shall be known as **RENUBALA MISHRA** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an Executive Magistrate Bhubaneswar affidavit No. 33 on dated 28.10.2025. I Jayanti Mishra D/o- Harihara Panda, resident of Plot No- A/60, BJB Nagar, Bhubaneswar, Dist- Khordha, Odisha PIN- 751014, declare that after marriage my name has been changed from Jayanti Panda to Jayanti Mishra. Henceforth I shall be known as **JAYANTI MISHRA** W/o Ranjan Kumar Mishra for all future purposes.

**AFFIDAVIT**

I, Krishna Kumar Mundra, aged about 42 years, S/o- Late Kailash Nath Mundra, resident of Main Road, Jharsuguda, PO/PS/Dist- Jharsuguda, PIN- 768201, Odisha declared by this affidavit No. 11, dtd- 28/10/2025 that now onwards I shall be known as **KRISHNA MUNDRA** for all future purposes.

**AFFIDAVIT**

I, Reena Mahapatra, aged about 43 years, W/o- Sachindra Saraf, resident of At/Po- Laikera, Ps- Laikera, Dist- Jharsuguda , Odisha, PIN- 768215, declare by this affidavit No. 2202, dtd- 28.10.2025, that now onwards I shall be known as **RINA SARAF** for all future purposes

**AFFIDAVIT**

I, Somya Prakash Parida S/o Kishor Chandra Parida, Resident of Plot No-771/3559, Oscar Vihar, Raghunathpur, Dist-Khordha, Odisha PIN- 751024, declare by this affidavit No 79AA 143399, dated-15.10.2025 that now onwards I shall be known as **SOUMYA PRAKASH PARIDA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 909 Dtd.30.07.2025, I, Rama Harijan, S/o- Hari Harijan resident of Vill.- Dhepaguda, Po.- Agnipur, Ps./Dist.- Nabarangpur, Odisha, state that, I have changed my minor son's name from **ASISHA HARIJAN** to **ASISH JOSHUA**. Henceforth she will be known as **ASISH JOSHUA** for all future purposes.

Sd/- Rama Harijan

**OFFICE OF THE PRINCIPAL-CUM-SECRETARY**
**BABA H.K. DAS, (DEGREE) MOHAVIDYALAYA**
At/Po - Markandpur, Dist- Jajpur, Pin-755062
E-Mail- babahkdasdegree.mohv@gmail.com.

**WANTED**

Guest Lecturers in subject Pol. Science & Junior Clerk (Computer Ability) are wanted for immediate engagement. The retired faculties and Non-teaching staff members below the age of 69 Years may apply through HIMS Portal on or before 31.10.2025.
The Salary for the above Cited Posts will be as per the notification of DHE. Odisha vide letter No- 57198 and 57203 on dated 23.10.2025
**Sd/-** Principal-cum-Secretary, Baba H.K. Das (Degree) Mahavidyalaya, Markandpur, Jajpur

**AFFIDAVIT**

I, Mahua Roy, W/o- Amitava Roy, resident of Flat no-14NB, Nilakantha Block, Mani Tribhuvan, Nandankanan road, Patia, Raghunathpur, Bhubaneswar, Dist- Khurda PIN-751024, Odisha declared by this affidavit No-784, dtd- 28/10/2025 that now onwards I shall be known as **MOHUYA ROY** for all future purposes

**AFFIDAVIT**

By virtue of an affidavit sworn before the Executive Magistrate, Padampur, I, Mayadhar Patel, At- Kurlubahal, Po- Melchhamunda, Dist- Bargarh, Pin–768035 do have changed my minor son's name from Kshireswari Patel to Kshireswar Patel. Henceforth he shall be known as **Kshireswar Patel** for all purposes.

**Sd/- Mayadhar Patel**

**AFFIDAVIT**

By virtue of an affidavit sworn before Executive Magistrate, Kutra, dated. 28.10.2025, I, Minati Majhi, W/o - Sreedhar Majhi, permanent resident of Vill.- Kunmendra, P.O.- Salangabahal, P.S.- Raiboga, Dist.- Sundargarh (Odisha), Pin-770033 declare that I have changed my minor son's name from SWATIK MAJHI to SWASTIK MAJHI. Henceforth, he shall be known as SWASTIK MAJHI for all purposes.

**Sd/- Minati Majhi**

**OFFICE OF THE PRINCIPAL**
**PRIYADARSHINI INDIRA DEGREE COLLEGE**
**JUNAGARH, DIST: KALAHANDI**
E-mail: pidmahavidyalaya@gmail.com

**WANTED**

Engagement of Guest Faculty Lecturers in the subject of Odia and Education including 01 no. of Junior Clerk, 01 no. of Demonstrator in Geography are wanted on contractual and temporary basis.The retired faculties and Non-Teaching members below the age of 69 years may apply through HRMS portal on or before 31.10.2025 as per letter No. 5719 and No.- 57203 dated 23.10.2025, the remuneration for the above positions shall be paid as per the approved norms.

**Sd/- Principal-cum-Secretary**
P.I. Degree College, Junagarh

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack vide no. 2553/ 25 Dtd.29.10.2025, I, Trinath Pidikaka, S/o- Late Jagabanhu Pidikaka resident of Naringipanga, Po.- Dukum, Ps.- Bissam Cuttack, Dist.- Rayagada, Odisha, PIN- 765019 state that, I have changed my minor daughter's name from **BANA PIDIKAKA** to **BANDHANA PIDIKAKA**. Henceforth she will be known as **BANDHANA PIDIKAKA** for all future purposes.

Sd/-Trinath Pidikaka

**AFFIDAVIT**

By virtue of an affidavit sworn before the Executive Magistrate, Khariar, I, Debasish Chinmaya Nag, S/o- Jyoti Charan Nag resident of at ward no.- 01, Missionpada, Po.- Khariar, Dist.- Nuapada, Pin- 766107, Odisha state that, I have lost my Bachelor of Pharmacy Certificate, Pharmacy licence,10th Board Certificate, +2 Board Certificate with +2 Marksheet with other relevant Certificates theft during travelling in train.

**AFFIDAVIT**

I Deepak Ranjan Samanta, S/o- Late Harekrishna Samanta, resident of Amalapada, PO/PS- Angul, Dist- Angul, Pin-759122, Odisha declare by this affidavit No-3437, dated- 29/10/2025 that now on wards I shall be known as **DEEPAK RANJAN SAMANT** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no. 908 Dtd.30.07.2025, I, Rama Harijan, S/o- Hari Harijan resident of Vill.- Dhepaguda, Po.- Agnipur, Ps./Dist.- Nabarangpur, Odisha, state that, I have changed my name from **RAMA HARIJAN** to **RAMA JOSHUA**. Henceforth she will be known as **RAMA JOSHUA**, S/o- Hari Harijan for all future purposes.

**AFFIDAVIT**

I, Sanghamitra Panigrahi, W/o- Ranjit Kumar Panda, resident of At- Prem Nagar, 5th Lane, Berhampur, Dist.- Ganjam, Pin: 760002, Odisha declare by this affidavit No. 73AA 332781, Dtd: 19.07.2025 that now onwards I shall be known as **SANGHAMITRA PANDA** for all future purposes.

Leadership and beyond
दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ଲିଜ୍ ସୂତ୍ରରେ ବ୍ୟବସାୟିକ ଗୃହ ଆବଶ୍ୟକ**

**ଟେଣ୍ଡର ରେଫ. ସଂ: ବିବିଏସ୍‌ଆରଓ/ଝାରସୁଗୁଡା ଓଓ ସ୍ଥାନାନ୍ତର/ସନ୍ଧାନ/ଚୟନ/୫୫୦୯୦୪/୦୦୨**

ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍, କ୍ଷେତ୍ରୀୟ କାର୍ଯ୍ୟାଳୟ, ଏହାର ଝାରସୁଗୁଡା ଅପରେଟିଂ କାର୍ଯ୍ୟାଳୟ ନିମନ୍ତେ ନିମ୍ନଲିଖିତ ସ୍ଥାନରେ ୧୦୦୦-୧୨୦୦ ବର୍ଗଫୁଟ କାର୍ପେଟ ଏରିଆ ବିଶିଷ୍ଟ ତଳ କିମ୍ବା ପ୍ରଥମ ମହଲାରେ ଥିବା ବ୍ୟବସାୟିକ ଗୃହ ଲିଜ୍ ଭିତ୍ତିରେ ଉଭମୁଦ ଦିଆ ଲଫାପାରେ (ବୈଷୟିକ ବିଡ୍ ଏବଂ ଆର୍ଥିକ ବିଡ୍ ନିମନ୍ତେ ପୃଥକ) ପ୍ରସ୍ତାବମାନ ଆମନ୍ତ୍ରିତ କରୁଛି।

**ଅବସ୍ଥିତି:** ଆବଶ୍ୟକୀୟ ପାର୍କିଂ ଏରିଆ ସହିତ ଏହି ଗୃହ ମୁଖ୍ୟତଃ ସରବାହାଲ ଠାରୁ ବେହେରାମାଳ ଛକ, ଝାରସୁଗୁଡାରେ ହୋଇଥିବା ଆବଶ୍ୟକ।

ଟେଣ୍ଡର କାଗଜପତ୍ର (ଝାରସୁଗୁଡା ଅପରେଟିଂ କାର୍ଯ୍ୟାଳୟ, ୧ମ ମହଲା, ମିଶ୍ର ମାର୍କେଟ କମ୍ପ୍ଲେକ୍ସ, ମଙ୍ଗଳା ବଜାର ରୋଡ) କାର୍ଯ୍ୟାଳୟରୁ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୫.୩୦ ମଧ୍ୟରେ ସୋମବାରରୁ ଶୁକ୍ରବାର ସମସ୍ତ କାର୍ଯ୍ୟ ଦିବସରେ ସଂଗ୍ରହ କରିପାରିବେ। ଏହି ଟେଣ୍ଡର ସୂଚନା କଂପାନୀର ୱେବସାଇଟ୍: **www.newindia.co.in (public notice section)**ରୁ ମଧ୍ୟ ଡାଉନ୍‌ଲୋଡ୍ କରାଯାଇପାରିବ।

**ଟେଣ୍ଡର ଦାଖଲ କରିବାର ଅନ୍ତିମ ତାରିଖ: ୧୭.୧୧.୨୦୨୫ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ।**

ସ୍ୱା/- ଉପ ମହା-ପ୍ରବନ୍ଧକ

## ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିବିର ଉଦ୍‌ଯାପିତ

# ଯୁବ ରେଡ୍‌କ୍ରସ ସମାଜ ସେବା ପାଇଁ ସୁଯୋଗ ସୃଷ୍ଟି କରିଥାଏ

ଭବାନୀପାଟଣା,୨୯ ।୧୦(ସମିସ)



ବୋର୍ଡା ସ୍ଥିତ ଚନ୍ଦ୍ରିକା ଜୈନ ଡିଗ୍ରୀ ମହାବିଦ୍ୟାଳୟରେ ତ୍ରି-ଦିବସୀୟ ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡିଲେଶ୍ୱର ନିଆଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର କୁଳସଚିବ ଡ. ଗୁଣନିଧି ନାଏକ, ସମ୍ମାନିତ ଅତିଥି ଭାବେ ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ମେଜର ଜୟଦେବ ସାହୁ ଯୋଗଦେଇ ଯୁବ ରେଡକ୍ରସର ମହନୀୟ ନୀତି ଓ ଆଦର୍ଶ ମାନବ ଜୀବନର ବ୍ରତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଆବାହକ ସଂପାଦକ ସଞ୍ଜିବ କୁମାର ସାହୁ ସ୍ୱାଗତ ଅଭିଭାଷଣ ଓ ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଶିବିରର ସଫଳତାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ।

ଯୁବ ରେଡକ୍ରସ୍ ପରାମର୍ଶଦାତା ସୁଧିର କୁମାର ପଣ୍ଡା ମଞ୍ଚ ପରିଚାଳନା ,ଶିବିର ଉପ ନିର୍ଦ୍ଦେଶକ ସଞ୍ଜିବ କୁମାର ଶଗରିଆ ଧନ୍ୟବାଦ ଅର୍ପଣ କରିଥିବାବେଳେ ମୋହନ ଚରଣ ବିଷି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା ଥିଲେ। ଶିବିରର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୁହାନୀ ପ୍ରଧାନ ଏବଂ କୁରୁକ୍ଷେତ୍ର ଗଉଡଙ୍କୁ ପୁରସ୍କୃତ କରାଯାଇଥିଲା ଓ ଶିବିରରେ ପ୍ରଶଂସନୀୟ ସହାୟତା ପାଇଁ କ୍ୟାପଟେନ ଭବାନୀ ଶଙ୍କର ପଣ୍ଡା, ଡ. ନୃସିଂହାନନ୍ଦ ସାସମଲ, ଆୟୋଜକ ମହାବିଦ୍ୟାଳୟର କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କଣ୍ଠ ସଂଗୀତ, ନୃତ୍ୟ ସାଧାରଣ ଜ୍ଞାନ, ଓଡ଼ିଆ ଟାଇପିଙ୍ଗ, ସମ୍ବାଦ ପାଠନ, ଗଳ୍ପ ଲିଖନ ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିରରେ ରେଡକ୍ରସର ଇତିହାସ, ବିକାଶ ଓ ମୌଳିକ ନୀତି ବିଷୟରେ ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା, ପ୍ରାଥମିକ ଚିକିତ୍ସା ବିଷୟରେ ଶାନ୍ତନୁ କୁମାର ପରିଡ଼ା ଓ ମୋହନ ଚରଣ ବିଶି, ବିପର୍ଯ୍ୟୟ ପରିଚାଳନା ଗିରିରାଜ ଗହିର, କଳାହାଣ୍ଡି ପୋଲିସ ତରଫରୁ ସର୍ବେଶ୍ୱର ସାମନ୍ତରାୟ ଓ ହେମନ୍ତ କୁମାର ପାତ୍ର ସାଇବର ନିରପତ୍ତା ବିଷୟରେ,ସଡ଼କ ସୁରକ୍ଷା ସଚେତନତା ବିଷୟରେ ସରୋଜ କୁମାର ପଟ୍ଟଯୋଶୀ ଓ ରାଜେନ୍ଦ୍ର ପ୍ରଧାନ, ମହିଳା ସଶକ୍ତିକରଣ ବିଷୟରେ ମହେନ୍ଦ୍ର କୁମାର ଯୋଶୀ, ରକ୍ତଦାନର ଆବଶ୍ୟକତା ଓ ମହତ୍ୱ ବିଷୟରେ ସୁଧିର କୁମାର ପଣ୍ଡା, ଯୌନ ପ୍ରତିରୋଧ ଆଇନ ସଚେତନତା ବିଷୟରେ ସଞ୍ଜିବ କୁମାର ସାହୁ, ଯୋଗ ଓ ପ୍ରାଣାୟାମ ବିଷୟରେ ସୀତାକାନ୍ତ କର ଶିକ୍ଷା ତଥା ତାଲିମ ପ୍ରଦାନ କରାଯାଇଥିଲା। ଶିବିରର ତୃତୀୟ ଦିବସରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୋଟ ୨୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଶିବିରରେ ବିଭିନ୍ନ ମହାବିଦ୍ୟାଳୟରୁ ୧୩୭ ଜଣ ସ୍ୱେଚ୍ଛାସେବୀ ଓ ପରାମର୍ଶଦାତା ଅଂଶ ଗ୍ରହଣ କରିଥିଲେ।ଶିବିର ଆୟୋଜନରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଯୁବ ରେଡକ୍ରସ୍ ପରାମର୍ଶଦାତା, ମହାବିଦ୍ୟାଳୟର ଅଧ୍ୟାପିକା ଡ.ଜୟନ୍ତୀ ମହାନ୍ତି, ମନୋଜ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ସାହୁ, ମାନସୀ ନାଏକ,ଚନ୍ଦ୍ରଧ୍ୱଜ ନାଏକ, ସଂଜୟ କୁମାର ରଣା, ହସିନା ଭୋଇ, ପ୍ରକାଶ ଚନ୍ଦ୍ର ଭୋଇ, ବଜରଙ୍ଗ ନାଗ, ବଂଶୀଧର ସାହୁ,ସୁରେଶ ଚନ୍ଦ୍ର ନାଏକ, ରିମା ଛତର, ଜଗଦିଶ ଛତର, ପ୍ରଦିପ କୁମାର ଛତର, ବିଦୁର ଗହୀର, ମନମୋହନ ଗହୀର, ରମେଶ ଚନ୍ଦ୍ର ଛୁରା ପ୍ରମୁଖ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ବାତ୍ୟା ମୋନ୍ଥା ପାଇଁ ଚାଷୀ ହତାଶ

ଲାଞ୍ଜିଗଡ,୨୯ ।୧୦(ସମିସ):ସାରା ରାଜ୍ୟରେ ବାତ୍ୟା 'ମୋନ୍ଥା'କୁ ନେଇଁ ଲୋକେ ଯେତେ ଚିନ୍ତିତ ରହିଥିଲେ ଏବେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତର ଚାଷୀ ଚାଷକୁ ନେଇଁ ସେତିକି ଚିନ୍ତିତ ଅଛନ୍ତି। ବାତ୍ୟା 'ମୋନ୍ଥା' ଯୋଗୁଁ ତିନି ଦିନ ଧରି ଝିପିଝିପି ବର୍ଷା ସାଙ୍ଗକୁ ପବନ ବହୁ ଥିବାବେଳେ ଧାନ,ମାଣ୍ଡିଆ, କୋସଲା, ଓ ଡାଲି ଜାତୀୟ ଫସଲ ବିରି,ଝୁଡୁଙ୍ଗ, କଟିଙ୍ଗ ଏବେ ବର୍ତ୍ତମାନ ଗଜା ହେବାର



ଆଶଙ୍କା ଦେଖା ଦେଲାଣି। ଲାଞ୍ଜିଗଡ଼ ବ୍ଲକ୍ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀମାନେ ମୁଖ୍ୟତଃ ଧାନ,ମାଣ୍ଡିଆ, କୋସଲା ସମେତ ପଡୁଚାଷ ଉପରେ ନିର୍ଭର କରିଥାନ୍ତି। ହେଲେ ବାତ୍ୟା ଜନିତ ଲଗାଣ ବର୍ଷା ଯୋଗୁଁ ଚାଷୀ ଏବେ ଚାଷପାଇଁ ହତାଶ ହୋଇ ପଡିଛନ୍ତି। ସୂଚନା ମତେ ବେନଗାଁ ପଞ୍ଚାୟତ ଉପର ଦାମାଘଟି ଗାଁର ସହଦେବ ହରିଜନ ଧାନ ଅମଳ ପାଇଁ ଧାନବିଲରେ ଧାନକାଟି ଥିବା ବେଳେ,ସେହିପରି ସୁଶାନ୍ତ ହରିଜନ ଓ ପଦ୍ମଥୋପ ଗାଁର ଶ୍ରୀକାନ୍ତ ନାଏକଙ୍କ ଧାନ ବିଲରେ ପାଣି ଜମି ରହିଛି ଯାହାଫଳରେ ଧାନ ଗଜା ହେବାର ଆଶଙ୍କା ଦେଖା ଦେଇଛି ସେହିପରି ଦମାଘାଟିର ଶାନ୍ତି ହରିଜନ ଏକ ଏକର ମାଣ୍ଡିଆ ଚାଷ କରିଥିବା ବେଳେ ଲଗାଣ ବର୍ଷା ଯୋଗୁଁ ମାଣ୍ଡିଆ ଫସଲ ମଧ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଲାଞ୍ଜିଗଡ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ସ୍ଥିତି ଦେଖାଦେଇଥିବା ବେଳେ ବେଳେ ଚାଷୀ କ୍ଷତିପୂରଣ ଦାବିକରିଛନ୍ତି। ତେବେ ଏନେଇ ପ୍ରଶାସନ ପକ୍ଷରୁ ଏବେ ଯାଏଁ କୌଣସି କ୍ଷୟକ୍ଷତିର ଆକଳନ ହୋଇନଥିବା ସୂଚନା ମିଳିଛି। ଏହାକୁ ନେଇଁ ବେନଗାଁ ପଞ୍ଚାୟତ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ନିହାତି ଭାବେ କ୍ଷୟକ୍ଷତିର ଆକଳନ କରାଯିବ ଓ ଯାହାର ଯାହାବି କ୍ଷୟକ୍ଷତି ହୋଇଛି ଆକଳନ ପରେ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## କପିଲାଭଟା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା

ବଙ୍ଗୋମୁଣ୍ଡା,୨୯ ।୧୦(ସମିସ): କପିଲାଭଟା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜ୍ଞାନ ମେହେରଙ୍କ ସଭାପତିତ୍ୱରେ ନାଏବ ସରପଞ୍ଚ ଝସକେତନ ସାହୁ, ମାଁ ସାହାଜି ଯୁବକ ସଂଘର ସମ୍ପାଦକ ହୁଲେଶ୍ୱର ହଂସ, ଯୁବନେତା ତେଜରାଜ୍ ଭୋଇ, ଧର୍ମେନ୍ଦ୍ର ଦାସ, ଶୁଭାକର ନାଗ ପ୍ରମୁଖ ସାମିଲ ହୋଇଥିଲେ। ପଞ୍ଚାୟତର ବିଭିନ୍ନ ଗାଁର ଉନ୍ନତି ପାଇଁ ଉନ୍ନୟନ ଖସଡ଼ା କରାଯାଇଛି। ଏଥିରେ ବିଭିନ୍ନ ଗାଁର ୱାର୍ଡ ସଭ୍ୟ ସାମିଲ ହୋଇଥିଲେ।

## ମହାକାର୍ତ୍ତିକ ପୁରାଣ ପାଇଁ କଳସ ଯାତ୍ରା

ଭବାନୀପାଟଣା,୨୯ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ଦର୍ପଣସାଗରପଡାରେ ଚଳିତ ବର୍ଷ ଚତୁର୍ଥ ବର୍ଷ କାର୍ତ୍ତିକ ପୁରାଣ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ସନ୍ଧ୍ୟା ସମୟରେ ଦର୍ପଣ ସାଗରପଡାରୁ କଳସ ଯାତ୍ରା ବାହାରି ପୁରୁଷୋତ୍ତମ ସାଗରକୁ ପହଞ୍ଚି ପୂଜାର୍ଚ୍ଚନା ପରେ ପୁଣି ଦର୍ପଣ ସାଗର ପଡାରେ ପହଞ୍ଚିଥିଲା। ଏହି କଳସ ଯାତ୍ରାରେ ଦର୍ପଣ ସାଗର ପଡା ସମେତ ଆଖପାଖ ଅଞ୍ଚଳର ଶହ ଶହ ମହିଳା, ପୁରୁଷ , ଯୁବକଯୁବତୀ ସାମିଲ ହୋଇଥିଲେ। ଚଳିତ ମାସ ୨୯ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ମହା କାର୍ତ୍ତିକ ପୂଜା ଅନୁଷ୍ଠିତ ହେବ। ଦୀର୍ଘ ସାତଦିନ ଧରି କାର୍ତ୍ତିକ ପୁରାଣ ପଢାଯିବ। ଚଳିତ ବର୍ଷ କର୍ତ୍ତା ଭାବରେ ଦିବ୍ୟ ନାରାୟଣ ବିଶି ଓ ତାଙ୍କ ଧର୍ମପତ୍ନୀ ଦମୟନ୍ତୀ ବିଶି କାର୍ଯ୍ୟ ତୁଲାଉଥିବାବେଳେ ପୂଜକ ଭାବରେ ଶ୍ରୀନିବାସ ମୁଣ୍ଡ ସମସ୍ତ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହା ସହ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହିତ ନଭେମ୍ବର ୪ ତାରିଖ ସନ୍ଧ୍ୟାରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବ ଉଦ୍ୟୋଗୀ ତାଲିମ ଶିବିର

ଭବାନୀପାଟଣା,୨୯ ।୧୦(ସମିସ): ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ଉଦ୍ୟୋଗୀ ସୃଷ୍ଟି କରିବା, ଉଦ୍ୟୋଗୀ ତାଲିମ ଦକ୍ଷତା ବୃଦ୍ଧି, ଉଦ୍ୟୋଗୀ ଜ୍ଞାନ ଓ କୌଶଳର ସଚେତନତା କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଲଘୁ ଓ ଶିଳ୍ପ ଉଦ୍ୟୋଗ ବିଭାଗ କଳାହାଣ୍ଡି ଭବାନୀପାଟଣା ଶାଖାରୁ ସେଣ୍ଟ୍ରାଲ ଟୁଲ ରୁମ ଓ ଟ୍ରେନିଂ ସେଣ୍ଟରର କାର୍ଯ୍ୟକର୍ତ୍ତା ଓ ତାଲିମଦାତା ମାନସ ରଞ୍ଜନ ମହନ୍ତ ଓ ସ୍ନେହା ସିଂହ ତାଲିମ ପ୍ରଦାନ କରିଥିଲେ। ସରକାରଙ୍କ ଉଦ୍ୟୋଗୀ ସୃଷ୍ଟି ବ୍ୟବସ୍ଥା ସୁବିଧା ଓ ଦକ୍ଷତା ବୃଦ୍ଧି ଦିଗରେ ବିଭିନ୍ନ ସୁବିଧା ବିଷୟରେ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଯୁବ ଓ ଛାତ୍ରମାନଙ୍କୁ ଚାକିରି ପଛରେ ନ ଗୋଡାଇ ଯୁବ ଓ ସଫଳ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ଦେଇଥିଲେ।ଏନ୍ଏସ୍ଏସ୍ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢୀ, ଶୁଶାନ୍ତ ଦାଶ, ଫାଲଗୁନୀ ପ୍ରଧାନୀ, ପୁରୀତ ରଣା, ମୀନକେତନ ସାହୁ, ଅଧ୍ୟାପିକା ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଦୀନବନ୍ଧୁ ନାଗ ଓ ସୁନୀଲ ଗହୀର ସହଯୋଗ କରିଥିଲେ।

## ସୁନିଲ ମେମୋରିଆଲ କ୍ୟାରମ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭବାନୀପାଟଣା,୨୯ ।୧୦(ସମିସ): ସ୍ଥାନୀୟ କ୍ୟାରମ କ୍ଲବ୍‌ରେ କଳାହାଣ୍ଡି କ୍ୟାରମ ଆସୋସିଏସନର ଆଇନ ପରାମର୍ଶ ଦାତା କୁନାଲ ବେହେରାଙ୍କ ସଂଯୋଜନାରେ କଳାହାଣ୍ଡି କ୍ୟାରମ ସଂଘର ସହଯୋଗରେ ସଂଘର ସ୍ୱର୍ଗତ ସଦସ୍ୟ ସୁନିଲ ବିଶ୍ୱାଳଙ୍କ ଅକାଳ ବିୟୋଗରେ ତାଙ୍କର ସ୍ମୃତିରେ "ଦ୍ୱିତୀୟ ସୁନିଲ ମେମୋରିଆଲ କ୍ୟାରମ ପ୍ରତିଯୋଗିତା " ଉଦ୍‌ଯାପିତ ହୋଇଯାଇଅଛି। ଦୁଇଦିନ ଧରି ଚାଲିଥିବା ପ୍ରତିଯୋଗିତାର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ଦାସ ଉପସ୍ଥିତ ରହିଥିବା ବେଳେ ସଂଘର ସଭାପତି ପ୍ରଦୀପ କୁମାର ଦାସ, ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ ଏବଂ ପୂର୍ବତନ ଜିଲ୍ଲା ଚାମ୍ପିୟନ ଅନିଲ ଦୀପ ଉପସ୍ଥିତ ରହିଥିଲେ। କିଶୋର ଅଗ୍ରୱାଲ ପ୍ରତିଯୋଗିତାର ସଂଯୋଜକ ରହିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଅବଦୁଲ ଖାଁ ମୁଖ୍ୟ ରେଫରୀ ଭାବରେ ଏବଂ ବରିଷ୍ଠ ଉପସଭାପତି ପ୍ରଭାତ ବ୍ରହ୍ମା ପ୍ରତିଯୋଗିତାର ସହ ସଂଯୋଜକ ଭାବରେ ସହଯୋଗ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ସମୀର ପଟ୍ଟନାୟକ, ସଞ୍ଜୟ ମିଶ୍ର, ଶଶାଙ୍କ ପାତ୍ର, ସୁଶାନ୍ତ ପ୍ରଧାନୀ, ସୁଶାନ୍ତ ମହାନ୍ତି,ଠାକୁର ବାଗ,ଶିବୁ ଦାସ,ମୁକେଶ ବଗର୍ତ୍ତୀ, ବାବୁଲା ଗହୀର, ରୋହିତ ମିଶ୍ର, ନିଶିକାନ୍ତ ବେହେରା, ପ୍ରଜ୍ଞାଦୀପ୍ତ ମାଝୀ,ବଂଶୀରାଜ ନାଏକ, ତାପସ,ବିକ୍ରମ ମୁଣ୍ଡ,ସନ୍ତୋଷ ବେହେରା, ଜୀବନ ଜ୍ୟୋତି ବାଗ,ରକି ବାଗ ଏବଂ ଅନ୍ୟାନ୍ୟ ସଦସ୍ୟ ଗଣ ବିଭିନ୍ନ ଦାୟିତ୍ୱ ନେଇ ସହଯୋଗ କରିଥିଲେ। କ୍ୟାରମ ଯୁଗ୍ମ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଶ୍ୟାମ ମହାନନ୍ଦ ଓ ସୌମ୍ୟ ରଞ୍ଜନ ତ୍ରିପାଠୀ ଉପବିଜେତା ହୋଇଥିବା ବେଳେ କ୍ଷୀରୋଦ ମୁଣ୍ଡ ଓ ସମ୍ପଦ ମୁଣ୍ଡ ବିଜେତା ହୋଇଥିଲେ।

## କନ୍ଧମାଳରେ ଗଞ୍ଜେଇକଟା ଅଭିଯାନ ଆରମ୍ଭ

କନ୍ଧମାଳ,୨୯ ।୧୦(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା ଓ ଘଣ୍ଟାପଡା ଥାନା ଅଞ୍ଚଳରେ ଗଞ୍ଜେଇ କଟା ଅଭିଜାନ ଆରମ୍ଭ ହୋଇଯାଇଛି। ବୌଦ୍ଧ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ ଚାଷ ବଢ଼ିବାରେ ଲାଗିଛି। ଜିଲ୍ଲାପାଳ ଓ ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ କନ୍ଧମାଳ ଥାନା ଅଧିକାରୀ ରଞ୍ଜିତ କୁମାର ମୁନଙ୍କ ନେତୃତ୍ୱରେ ଆର୍‌ବିଆଇ ଫୋର୍ସ, ବନବିଭାଗ କର୍ମଚାରି ମିଳିତ ଭାବେ ଲାଖପର୍ବତ ରିଜର୍ଭ ଜଙ୍ଗଲରେ ୫୧ ଏକର ଗଞ୍ଜେଇ ଗଛ କାଟି ନଷ୍ଟ କରିଥିବା କନ୍ଧମାଳ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଘଣ୍ଟାପଡା ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କ ନେତୃତ୍ୱରେ କନେଷ୍ଟବଲ, ଆଇଆରବି ଓ ବନବିଭାଗ କର୍ମଚାରିଙ୍କ ଦ୍ୱାରା ପଢେଲ ରିଜର୍ଭ ଜଙ୍ଗଲରେ ୫୦ ଏକର ଗଞ୍ଜେଇ ଗଛ କଟା ଯାଇଥିବା ଘଣ୍ଟାପଡା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳି ସମାଜର ବୈଠକ



ଧର୍ମଗଡ଼,୨୯ ।୧୦(ସମିସ):କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ପର୍ଲା ଧାନମଣ୍ଡି ଠାରେ ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳି ସମାଜ ତରଫରୁ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଇଷ୍ଟଦେବତା ଈଶ୍ୱର ପାର୍ବତୀ ଏବଂ ଶିକ୍ଷାର ଜନକ ଜ୍ୟୋତିବା ଫୁଲେ ଓ ସାବିତ୍ରୀ ବାଇ ଫୁଲେଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା କଦଳୀମୁଣ୍ଡା ଗ୍ରାମ ର ଗଁହଟିଆ ଚିତେଶ୍ୱର ବୋଡକିଆଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ସଭାପତି ଅମିନ ରଣା ମୁଖ୍ୟଅତିଥି ଭାବରେ କଳାହାଣ୍ଡି ପଣ୍ଡରାମାଳି ସେବା ସଂଘର ସଭାପତି ଈଶ୍ୱର ପୁଝାରୀ, ମୁଖ୍ୟବକ୍ତା ଆଇନ ପରାମର୍ଶଦାତା ଦୁର୍ଗା ପ୍ରସାଦ ନାଏକ,କୂଳପତି ପ୍ରକାଶ ଚନ୍ଦ୍ର ନାଏକ,ସଂପାଦକ ବିଷ୍ଣୁ ପ୍ରସାଦ ବୋଡେକ,ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ,ବରିଷ୍ଠ ସମାଜ ସେବି ରାଜେନ୍ଦ୍ର ଭୋଇ,ରତନ ନାଏକ,ଧର୍ମଗଡ଼ ନଗର ଯୁବ ବାହିନୀ ସଭାପତି ସ୍ୱୋମ୍ୟ ରଞ୍ଜନ ନାଏକ ,ଶ୍ରୀକାନ୍ତ ନାଏକ,ବୁଦ୍ଧିରାମ ବୋଡକିଆ , କଦଳୀମୁଣ୍ଡା ସରପଞ୍ଚ ଘନକେଶୀ ବୋଡକିଆ,ସମିତି ସଭ୍ୟା ଜୟମଣି ବୋଡକିଆ, ପ୍ରସାଦ ନାଏକ, ଝସକେତନ ପରି, କ୍ଷିତି ରାମ ନାଏକ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ହୋଇଥିଲେ। ଅତିଥିମାନେ ସମାଜର ସବୁ କ୍ଷେତ୍ରରେ ବିକାଶ ଯେପରି ଶିକ୍ଷା, ସ୍ୱାସ୍ଥ୍ୟ,ସାମାଜିକ ଚଳଣି ରେ ଥିବା କୁସଂସ୍କାର,ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଏକ ବିକଶିତ ସମାଜ ଗଠନ ପାଇଁ ପରାମର୍ଶ ଦେବା ସହ ଏକ ସଂଗଠିତ ସମାଜ ଗଠନ ପାଇଁ ଅଭିଭାଷଣ ପ୍ରଦାନ କରିଥିଲେ।

ପଣ୍ଡରାମାଳି ସମାଜର ଯୁବକ ଘନଶ୍ୟାମ ମଶ୍ରା ଯିଏକି ୩୫ଥର ରକ୍ତଦାନ କରି ନିରୀହ ବ୍ୟକ୍ତିଙ୍କ ଜୀବନ ରକ୍ଷା କରିଥିବାରୁ ତାଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।ସଭାକୁ ସେତୁରାମ ଭକ୍ତ ପରିଚାଳନା କରିଥିବା ବେଳେ ସୁମନ୍ତ ବଣିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭାର ଦିତୀୟାର୍ଦ୍ଧ ରେ ସଭାପତି ଈଶ୍ୱର ପୁଝାରୀଙ୍କ ଦ୍ୱାରା ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳି ସମାଜର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା।ଏଥିରେ ଦଣ୍ଡପାଟ ଆଞ୍ଚଳିକ ପଣ୍ଡରାମାଳି ସମାଜ ର ସଭାପତି ଭାବରେ ସେତୁ ରାମ ଭକ୍ତ, ଉପସଭାପତି ଭବାନୀ ଶଙ୍କର ଭୋଇ,ପଦ୍ମବନ ବିଶି,କୁଶଧ୍ୱଜ ନାଏକ,ସଂପାଦକ ଓ ସହ ସମ୍ପାଦକ ଭାବେ ପରମାନନ୍ଦ ନାଏକ, ସୁବାଷ ବୋଡକିଆ, ଲକ୍ଷ୍ମଣ ମଶ୍ରା,ଐରାବତ ନାଏକ, ଦୁର୍ଯୋଧନ ଲିମଗୋଛିଆ ଓ କୋଷାଧ୍ୟକ୍ଷ ଭାବରେ କବିରାମ ଲିମଗୋଛିଆ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ।

ଶେଷରେ ସଂପାଦକ ସୁବାଷ ବୋଡକିଆ ନିମନ୍ତ୍ରିତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଳୟ ଲିମଗୋଛିଆ, ଜଗତ ରାମ ଲିମଗୋଛିଆ,ଅଜିତ ବୋଡକିଆ, ପୁର୍ଣ୍ଣଚନ୍ଦ୍ର ବୋଡକିଆ ସଭା କାର୍ଯ୍ୟରେ ସହଯୋଗ କରିଥିଲେ।

## ତେଲନଦୀ ପୀଠରେ ଛଟ୍‌ପୂଜା

କେସିଙ୍ଗା,୨୯ ।୧୦(ସମିସ):ମୁଖ୍ୟତଃ ପୂର୍ବ ଉତ୍ତର ଭାରତୀୟ ଓ ମୁଖ୍ୟତଃ ବିହାରୀ ସଂପ୍ରଦାୟଙ୍କ ମୁଖ୍ୟପର୍ବ ଛଟ ପୂଜା। ପୂଜା କାର୍ତ୍ତିକ ମାସ ଶୁକ୍ଳପକ୍ଷ ଷଷ୍ଠୀ ଦିନରୁ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟଦାନ କରି ଆରମ୍ଭ ହେଉଥିବା ଉକ୍ତ ପର୍ବ ଚାରିଦିନ ଧରି ପାଳନ କରାଯାଇଥାଏ।ପ୍ରଥମ ଦିନ ସୂର୍ଯ୍ୟାସ୍ତରୁ ଆରମ୍ଭ ହୋଇଥିବା ପୂଜା ଚତୁର୍ଥ ଦିନ ସୂର୍ଯ୍ୟୋଦୟରେ ସମାପ୍ତି ହୋଇଥାଏ। ଛଟ ପୂଜା ପାଳନ ପାଇଁ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ତେଲନଦୀ ପୀଠରେ ଦେଖାଯାଇଥିଲା। ବ୍ରତଧାରି ମହିଳାଙ୍କ



ମେଳି। ଭୋର ୪ ଟାରୁ ଅଞ୍ଚଳରେ ଥିବା କିଛି ପୂର୍ବ ଉତ୍ତର ଭାରତୀୟ ମହିଳା ଓ କିଛି ସ୍ଥାନୀୟ ମହିଳାମାନେ ସ୍ଥାନୀୟ ନଦୀଘାଟରେ ପୂଜାର୍ଚ୍ଚନା କରିଥିଲେ। ହେଲେ ନଦୀ ଘାଟରେ ରାସ୍ତା ରେ ତଳକୁ ଓହ୍ଲାଇବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସୁବ୍ୟବସ୍ଥା ନ ଥିବାରୁ ମହିଳାଙ୍କୁ ବହୁ ଅସୁବିଧାରର ସମ୍ମୁଖୀନ ହେବାକୁ ପଡିଥିଲା।

## ଚର୍ଚ୍ଚାରେ ପୁଣି କଳମପୁର ପୁଲିସ
## ଥାର୍ଡ ଡିଗ୍ରୀରେ ଆହତ ଯୁବକ ଏସ୍‌ଡିପିଓଙ୍କ ଦ୍ୱାରସ୍ଥ

କଳମପୁର,୨୯ ।୧୦(ସମିସ):କଳାହାଣ୍ଡି ଜିଲ୍ଲା କଳମପୁର ଥାନା ପୁଲିସ ଏବେ ଅଞ୍ଚଳରେ ସର୍ବଦା ଚର୍ଚ୍ଚାରେ ରହି ଆସୁଛି, କେତେବେଳେ ନାବାଳିକା ଝିଅକୁ ବାପ ଘରକୁ ପଠାଇ ଦେଇ ଚର୍ଚ୍ଚାରେ ରହି ଆସୁଥିବା ବେଳେ କେତେବେଳେ ନାବାଳିକା ମୃତ୍ୟୁ ଖବର ଯାଣିନପାରିବା ଅଭିନୟ କରି ଚର୍ଚ୍ଚାରେ ରହୁଛି। ପୁଣି ବୃଦ୍ଧାଙ୍କ ଦୁର୍ଘଟଣାର ସମାଧାନ କରି ଚର୍ଚ୍ଚିତ ହୋଇ ଚାଲିଥିବା ବେଳେ ଏବେ ସେଥିରେ ଅନେକ ମାମଲା ଛନ୍ଦି ହୋଇପଡ଼ିଛି। ଥାନା ଭିତରେ ଥାର୍ଡ ଡିଗ୍ରୀ ଘଟଣା ଥାନା ହେବାର ପ୍ରଥମ ଘଟଣା ବୋଲି କୁହାଯାଉଛି। ଆହତ ବ୍ୟକ୍ତି ଧର୍ମଗଡ଼ ଏସଡିପିଆରଓଙ୍କ ଠାରେ ଫେରାଦ ହୋଇଥିବା ଶୁଣିବାକୁ ମିଳୁଛି। ଜନୈକା ୧୪ବର୍ଷିୟା ନାବାଳିକା ଜନୈକ ଯୁବକ ସହିତ ଫେରାର ଥିବା ବେଳେ ଏ ପର୍ଯ୍ୟନ୍ତ ଉଦ୍ଧାର କରାଯାଇ ପାରିନାହିଁ। ଏହା ସହିତ ବାଲି ବ୍ୟବସାୟୀ ପାଇଁ ପୋଲିସର ଦ୍ୱାର ଉନ୍ମୁକ୍ତ ଥିବା ବେଳେ ଭାରିଯାନ ଚଳାଚଲ ପାଇଁ ଅତିଷ୍ଠ ହୋଇ ଚାଷୀମାନେ ଅଟକ ରଖିଥିବା ହାଇୱା ବାଲି ଗାଡି ଛାଡିଦେବା ପଛରେ କି ଉଦ୍ଦେଶ୍ୟ ଥିଲା ତାହା ସେମାନଙ୍କୁ ଜଣା, ବିଷ କ୍ରିୟା ଯୋଗୁଁ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଲା ହେଲେ ପୁଲିସ ପାଖରେ ସୂଚନା ନାହିଁ। ଏସମସ୍ତ ଘଟଣା ପ୍ରାୟ ପାଖାପାଖି ସମୟରେ ଚାଲି ଆସୁଥିବା ବେଳେ ଉପରିସ୍ଥ ଅଧିକାରୀ ନୀରବ ଦର୍ଶକ ସାଜିଛନ୍ତି। ସମସ୍ତ ଘଟଣାବଳୀକୁ ନିରିଖେଇ ଦେଖିଲେ ଏହାରି ପଛରେ ଲୁଚି ରହିଥିବା ଖେଳ କାହାକୁ ଅଛପା ହେଉନାହିଁ। ତଥାପି ଜନସାଧାରଣରେ ପୁଲିସ ଆମ ପୁଲିସ ବୋଲି ପଥପ୍ରାନ୍ତ ସଭା ଆୟୋଜନ କରୁଛି ଏହାଠାରୁ ଆଉ ବିଡ଼ମ୍ବନା କଣ ହୋଇପାରେ। କିଛି ଦିନ ତଳେ ଆସ୍ଥା ହରାଉଛି କଳମପୁର ପୁଲିସ ଶିର୍ଷକ ଖବର ପ୍ରକାଶ ହେବା ପରେ ମଧ ପୁଲିସର କାଇଦା କାନୁନର ପରିବର୍ତ୍ତନ ହୋଇପାରି ନାହିଁ। ଏସବୁର ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟତା ଲୋକଲୋଚନକୁ ଆସି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

## ଲାବ୍ ଟେକ୍‌ନିସିଆନ୍ ତିରୁପତି ମୁଣ୍ଡଙ୍କ ପରଲୋକ

ଧର୍ମଗଡ଼,୨୯ ।୧୦(ସମିସ):ଧର୍ମଗଡ଼ ଅଞ୍ଚଳର ଲୋକପ୍ରିୟ ଲେବ ଟେକନିସିଆନ ତିରୁପତି ମୁଣ୍ଡ(୪୫)ଙ୍କ ଆଜି ଧର୍ମଗଡ ସରକାରୀ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାରରେ କାର୍ଯ୍ୟରତ ଥିବା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ସକାଳେ ସେ ରକ୍ତଭଣ୍ଡାରକୁ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥଲେ।ହଠାତ ଅସୁସ୍ଥ ଅନୁଭବ କରି ତଳେ ପଡ଼ି ଯାଇଥିଲେ। ଉପସ୍ଥିତ ଥିବା ଅନ୍ୟ କର୍ମଚାରୀ ତାଙ୍କୁ ଡାକ୍ତରଖାନାର ଜରୁରୀ ଚିକିତ୍ସା କକ୍ଷକୁ ନେଇଥିଲେ।ଡାକ୍ତରଖାନାରେ ଉପସ୍ଥିତ ଥିବା ସବୁ ବିଭାଗର ଡାକ୍ତରମାନଙ୍କ ଆପ୍ରାଣ ଉଦ୍ୟମ ସତ୍ତ୍ୱେ ତାଙ୍କର ଜୀବନ ରକ୍ଷା କରାଯାଇପାରି ନ ଥିଲା।ରକ୍ତଭଣ୍ଡାର ରେ କାର୍ଯ୍ୟରତ ଜଣେ କାର୍ଯ୍ୟଦକ୍ଷ, ନିଷ୍ପାପର ଓ ସେବାଭାବୀ କର୍ମଚାରୀ ଭାବେ ସେ ସବୁ ମହଲରେ ଆଦୃତ ଥିଲେ।ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ସହର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଡାକ୍ତରଖାନାରେ ରୁଣ୍ଡ ହୋଇ ଶେଷ ଦର୍ଶନ କରିଥିଲେ।ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଏନ୍ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି,ବ୍ରଜମୋହନ ପଞ୍ଚଦେବ ରାଧାକୃଷ୍ଣ ମନ୍ଦିରର ଉପ ସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ରକ୍ତଭଣ୍ଡାରର କାର୍ଯ୍ୟକାରିଣୀ ସଦସ୍ୟ ତଥା ସାମାଜିକ କର୍ମୀ ହୃଷିକେଶ ମିଶ୍ର,ସରକାରୀ ଓକିଲ ରାଜେନ୍ଦ୍ର ମୁନି,ଜଗନ୍ନାଥ ସେବାସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ,ଆଇନଜୀବୀ ପ୍ରଦୀପ ଦାସ, ସୁବାସ ପାଣିଗ୍ରାହି ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରି ତାଙ୍କର ଅମର ଆରାର ସଦଗତି କାମନା କରିଛନ୍ତି।

## ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ଭେଟଘାଟ 'ସମର୍ପଣ'

ବଲାଙ୍ଗୀର,୨୯ ।୧୦(ସମିସ): ବଲାଙ୍ଗୀର ଜିଲ୍ଲାର ଅଗ୍ରଣୀ ସମାଜ ସେବୀ ସଂଗଠନ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ବାର୍ଷିକ ଭେଟଘାଟ କାର୍ଯ୍ୟକ୍ରମ 'ସମର୍ପଣ' ଆୟୋଜିତ ହୋଇଯାଇଛି। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭବେ ବିଜେପି ନେତା ଗୋପାଲଜି ପାଣିଗ୍ରାହୀ, ବଲାଙ୍ଗୀର ପୌରଧ୍ୟକ୍ଷା ଲିକା ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବିଜେଡି ନେତା ଲକ୍ଷ୍ମଣ ମେହେର, ସ୍ୱରାଜ ମିଶ୍ର, କିଶୋର ରଥ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ପାୟଲ ନାଗ, ବବୁଲୁ ମିଶ୍ର, ଅମରଜିତ୍ ପଟେଲ, ସ୍ୱସ୍ତିରେଖା ନାୟକ, ଦିବ୍ୟମ କେଜରିୱାଲ୍, ଦେବେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗୋଷ୍ଠା ଅଷ୍ଟମୀ ପୂଜା ପାଇଁ କଳସ ଯାତ୍ରା

ସିନାପାଲି,୨୯ ।୧୦(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ହାତିବନ୍ଧା ପଞ୍ଚାୟତ ଚଲନା ଗ୍ରାମରେ ଗୋଷ୍ଠାଷ୍ଟମୀ ପୂଜା ଅବସରରେ କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଶୋଭା ଯାତ୍ରାରେ ବାହାରି ନିକଟସ୍ଥ ଗାଁ ପୋଖରୀରେ ପୂଜାର୍ଚ୍ଚନା କରି ପବିତ୍ର ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗୋଷ୍ଠାଷ୍ଟମୀ ପୂଜାର କର୍ତ୍ତା ଭାବରେ ହରିହର ବାଗ ଓ ତାଙ୍କ ସହଧର୍ମିଣୀ ସାବିତ୍ରୀ ବାଗ ଦାୟିତ୍ୱ ନେଇଥିବା ବେଳେ ପୂଜକ ଭାବରେ ଈଶ୍ୱର ପଣ୍ଡା ଓ ଅରବିନ୍ଦ ଠାକୁର ଦାୟିତ୍ୱ ନେଇଥିବା ଜଣାପଡିଛି।ପୂଜା ୩୧ ତାରିଖ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ନୂଆପଡ଼ା ଉପନିର୍ବାଚନ ପାଇଁ ବ୍ୟାପକ ତଲାସୀ

## ୧ କୋଟି ୮ ୯ ଲକ୍ଷ ୬୬ ହଜାର ଟଙ୍କା ମୂଲ୍ୟର ନଗଦ ଓ ବିଭିନ୍ନ ଦ୍ରବ୍ୟ ଜବତ

ନୂଆପଡା,୨୯ ।୧୦(ସମିସ)



ନୂଆପଡା ବିଧାନସଭା ଉପନିର୍ବାଚନକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ପାଇଁ ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ବିଭାଗ ତରଫରୁ ମିଳିତ ଭାବରେ ବ୍ୟାପକ ତଲାସୀ ଅଭିଯାନ ଚାଲିଛି କ୍ଷ ଅକ୍ଟୋବର ୨୭ ତାରିଖ ପର୍ଯ୍ୟନ୍ତ ଅବକାରୀ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୬୯ଲିଟର ବିଅର, ୩୮ ଲିଟର ବିଦେଶୀ ମଦ,୪୬୬୫ ଲିଟର ହାତ ରନ୍ଧା ମଦ,୧୧୨୬ ଲିଟର ବାହାର ଭାଟି ମଦ,୨୬ କେଜି ଗଞ୍ଜେଇ,୧୪.୫ଲି କଫ ସିରପ୍ ଏବଂ ୧.୧୧.୩୫୦କେଜି ମହୁଲ ପୋଚ ଜବତ କରିଛନ୍ତି।ଏସବୁର ଆନୁମାନିକ ମୂଲ୍ୟ ୭୯ ଲକ୍ଷ ୫୨ହଜାର ୬୪୨ ଟଙ୍କା ହେବ।ଏହା ସହିତ ୫ଟି ବାଇକ୍ ଏବଂଏକ ଚାରିଚକିଆ ଯାନ ମଧ ଅବକାରୀ ବିଭାଗ ଜବତ କରିଛି। ବର୍ତ୍ତମାନ ସୁଦ୍ଧା ୧୫୧ଟି ଅବକାରୀ କେଶ ରୁଜୁ ହୋଇଛି ଓ ୯୦ଜଣଙ୍କୁ ଗିରଫ କରାଯାଇଛି।ସେହିପରି ଆୟକର ବିଭାଗ ୯୦ ଲକ୍ଷ ଟଙ୍କା,ବ୍ୟବସାୟିକ କର ଓ ସେବା ଏବଂ ଦ୍ରବ୍ୟକର ବିଭାଗ ୧୨ ହଜାର ଟଙ୍କା ଜବତ ଏବଂ ଆଦାୟ କରିଛନ୍ତି। ଏହି ସମୟରେ ପୁଲିସ ବିଭାଗ ୧୪୮୦ଲି ରନ୍ଧା ମଦ,୨୩ କେଜି ଗଞ୍ଜେଇ ଏବଂ ୩୪,୬୪୦ ଟଙ୍କା ଓ ସାମଗ୍ରୀ ଜବତ କରିଛନ୍ତି। ଏସବୁର ମୂଲ୍ୟ ୮ ଲକ୍ଷ ୬୩ ହଜାର ଟଙ୍କା ହେବ। ସର୍ଭେଲାନ୍ସ ଟିମ୍ ୯ ଲକ୍ଷ ୩୭ ହଜାର ୫୦୦ ଟଙ୍କା ଏବଂ ଫ୍ଲାଇଙ୍ଗ ସ୍କ୍ୱାର୍ଡ ୨ ଲକ୍ଷ ଟଙ୍କା ଜବତ କରିଛନ୍ତି।ଏହିପରି ସାମଗ୍ରିକ ଭାବରେ ନିର୍ବାଚନ ଅବ୍ୟବହିତ ପୂର୍ବରୁ ସମସ୍ତ ବିଭାଗ ସମ୍ମିଳିତ ଉଦ୍ୟମରେ ୧ କୋଟି ୮ ୯ ଲକ୍ଷ ୬୬ ହଜାର ୯ ଟଙ୍କାର ରେକର୍ଡ ସଂଖ୍ୟକ ସାମଗ୍ରୀ ଓ ଦ୍ରବ୍ୟ ଜବତ ହୋଇଛି। ନିର୍ବାଚନ ସମୟରେ ବେଆଇନ ଟଙ୍କା ,ଦ୍ରବ୍ୟ ଓ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

# ପିତୃହନ୍ତାକୁ ଆଜୀବନ କାରାଦଣ୍ଡ

## ପ୍ରମାଣ ଅଭାବରୁ ସହଯୋଗୀ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୨୯।୧୦(ସମିସ):** ଏକ ନର ହତ୍ୟା ମାମଲାର ବିଚାର କରି ଜିଲ୍ଲା ଓ ଦୌରା ଜଜ୍ ଦେବାଶିଷ ରାଉତ ବୁଧବାର ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ରାୟ ପ୍ରକାଶ କରିଛନ୍ତି। ଗତ ୨୦୧୮ ଜାନୁଆରୀ ୨୨ ତାରିଖରେ ରିଆମାଳ ଥାନା ଅଧୀନ ବଡଝରଣ ଗାଁର ରଞ୍ଜନ ବେହେରା ଜମି ଭାଗବଣ୍ଟାକୁ କେନ୍ଦ୍ରକରି ନିଜ ପିତା ଖଗେଶ୍ୱର ବେହେରାଙ୍କୁ ଏକ କୋଡି ଦ୍ୱାରା ହତ୍ୟା କରିଥିଲା। ଏହି ଘଟଣାରେ ନିଷାବିରା ଗାଁର ଗଙ୍ଗା ଦେହୁରୀ ଏବଂ ରାଜକିଶୋର ଦେହୁରୀ ଅଭିଯୁକ୍ତ ରଞ୍ଜନକୁ ସହାୟତା କରିଥିଲେ। ଏହାକୁ କେନ୍ଦ୍ର କରି ରିଆମାଳ ଥାନାରେ ହତ୍ୟା ମାମଲା ରୁଜୁ ହେଇଥିଲା। ତତ୍କାଳୀନ ରିଆମାଳ ଥାନାଧିକାରୀ ସୁଦର୍ଶନ ଜେନା ତଦନ୍ତ କରିବା ସହ ଉପଯୁକ୍ତ ପ୍ରମାଣ ସଂଗ୍ରହ କରି ଅଦାଲତରେ ପ୍ରଦାନ କରିଥିଲେ। ଅଦାଲତ ସାକ୍ଷ୍ୟ, ଦସ୍ତାବିଜ, ବୈଷୟିକ ଓ ବିଧି ବିଜ୍ଞାନ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ରଞ୍ଜନକୁ ଆଜୀବନ କରାଦଣ୍ଡାଦେଶ ଶୁଣାଇଛନ୍ତି। ତେବେ ପ୍ରମାଣ ଅଭାବେ ଗଙ୍ଗା ଦେହୁରୀ ଏବଂ ରାଜକିଶୋର ଦେହୁରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ହାତୀ ଉପଦ୍ରବରେ ଧାନ ଚାଷ ନଷ୍ଟ

**କୁଣ୍ଢେଇଗୋଲା, ୨୯।୧୦(ସମିସ)**

ରିଆମାଳ ବନାଞ୍ଚଳ ଅଧୀନ କୁଣ୍ଢେଇଗୋଲା ଗାଁରେ ହାତୀପଲ ଦ୍ୱାରା ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଗତକାଲି ଏକ ହାତୀପଲ କୁଣ୍ଢେଇଗୋଲା ଗାଁକୁ ପଶିଆସି ଧାନ ବିଲରେ ଅମଳ କ୍ଷମ ଧାନ ଖାଇବା ସହ ମାଡି ଦଳି ଚକଟି ପକାଇଥିଲେ। ଏହାଦ୍ୱାରା ଏକର ଏକର ଧାନ ଫସଲ ନଷ୍ଟ ହୋଇଛି। ଗାଁର ଲିଙ୍ଗରାଜ ସାହୁ, ଉଦୟ ପ୍ରଧାନ, ନିତ୍ୟାନନ୍ଦ ଧଳ, ପିତାମ୍ବର ସାହୁ, ଡମ୍ବରୁ ପ୍ରଧାନ, ଶରତ ପାଇକରାୟ, ଗୌତମ୍ ବେହେରା, ଗଜେନ୍ଦ୍ର ପ୍ରଧାନ, ସୁନ୍ଦର ପ୍ରଧାନ, ପିଣ୍ଟୁ ପ୍ରଧାନ, ବନି ବେହେରାଙ୍କ ସମେତ ଅନେକ ଚାଷୀଙ୍କର ଧାନ ଫସଲ ନଷ୍ଟ ହୋଇଛି। ଅଞ୍ଚଳରେ ଗତ କିଛିଦିନ ଧରି ହାତୀ ଉପଦ୍ରବ ଜାରି ରହିଛି। ଗ୍ରାମବାସୀ ବାରମ୍ବାର ବନ ବିଭାଗ ନିକଟରେ ଅଭିଯୋଗ କଲେ ମଧ ବନ ବିଭାଗ କର୍ଣ୍ଣପାତ କରୁନଥିବା ଅଞ୍ଚଳର



ଚାଷୀ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ ହାତୀ ଯୋଗୁଁ ଅଞ୍ଚଳରେ ଏକାଧିକ ଲୋକଙ୍କ ଜୀବନ ଯାଇଛି। ପୁଣି ଏବେ ଫସଲ ଅମଳ ସମୟରେ ହାତୀପଲ ଯୋଗୁଁ ଫସଲ ନଷ୍ଟ ଚାଷୀକୁଳର ନିଦ ହଜାଇଛି। ତେଣୁ ଯଥାଶୀଘ୍ର ବନ ବିଭାଗ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ ଦାବି ହୋଇଛି।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଷ୍ଟ୍ରୋକ୍ ଦିବସ

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ବରିଷ୍ଠ ନାଗରିକ କାର୍ଯ୍ୟାଳୟ ଠାରେ ବିଶ୍ୱ ଷ୍ଟ୍ରୋକ ଦିବସ ପାଳିତ ହୋଇଯାଇଛି। ବୟୋଜ୍ୟେଷ୍ଠ ନାଗରିକ



ମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବଂଶୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ସୂର୍ଯ୍ୟା ପ୍ରକାଶ ସାହୁ, ଏପିଡେମିଲୋଜିଷ୍ଟ ଡ.ଭବାନୀ ଶଙ୍କର ମଲ୍ଲିକ, ଆସିଷ୍ଟାଣ୍ଟ ମ୍ୟାନେଜର ଅମିୟ ସାହୁ ଓ ଭାରପ୍ରାପ୍ତ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପ୍ରମୁଖ ଷ୍ଟ୍ରୋକ, ଏହାର ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଅଲୋଚନା କରିଥିଲେ। ଷ୍ଟ୍ରୋକର ଲକ୍ଷଣ ଦେଖାଗଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ସହ ମଧୁମେହ ଓ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ଦ୍ୱାରା ଷ୍ଟ୍ରୋକ ପ୍ରତିରୋଧ କରାଯାଇପାରିବ ବୋଲି ବୁଝାଇଥିଲେ। ସେହିପରି ଷ୍ଟ୍ରୋକରୁ ସୁରକ୍ଷା ପାଇଁ କମ୍ ଲୁଣର ବ୍ୟବହାର, ଅଧିକ ତନ୍ତୁଯୁକ୍ତ ଖାଦ୍ୟ ଓ କମ ଚର୍ବି ଯୁକ୍ତ ଖାଦ୍ୟ ଗ୍ରହଣ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀ ଶତପଥୀ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ କମିଟିର ସଭାପତି ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ବରିଷ୍ଠ ନାଗରିକ କମିଟି ସମ୍ପାଦକ ଗୌରହରି ଷଡଙ୍ଗୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗୋବିନ୍ଦପୁର ଗୋଶାଳାରେ ଗୋ ଗାୟତ୍ରୀ ଯଜ୍ଞ ଓ କର୍ମଶାଳା

**ଝାରସୁଗୁଡ଼ା, ୨୯।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଗୋବିନ୍ଦପୁର ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ ପାଳନ ହୋଇଛି। ସମ୍ପୂର୍ଣ୍ଣ ରୀତିନୀତିର ହୋମଯଜ୍ଞ, ପୂଜାର୍ଚ୍ଚନା କରି ଗୋ ଗାୟତ୍ରୀ ଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ସପତ୍ନୀକ ଗୌରବ ଭୋଇ ଦାୟିତ୍ୱ ତୁଲାଇଥିଲେ। ଏହାସହ କୀର୍ତ୍ତନ ମଧ୍ୟ ହୋଇଥିଲା। ଏହାପରେ ଗୋପାଳନ ଏବଂ ଜୈବିକ କୃଷି ବିଷୟବସ୍ତୁ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦେଶୀ ବିହନ ସଂରକ୍ଷକ ସୁଦାମ ସାହୁ ଏବଂ ଗାଁ ବିକାଶର ସପ୍ନେଶ୍ୱର ପ୍ରଧାନଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପାଳନ ଏବଂ ଜୈବିକ କୃଷି ଦ୍ୱାରା ଚାଷୀ କିପରି ଲାଭବାନ ହୋଇପାରିବେ ସେନେଇ ଆଲୋଚନା କରାଯାଇଥିଲା। ଗୋବିନ୍ଦପୁର ଏବଂ ଆଖାପାଖ ଅଞ୍ଚଳର ୧୦ରୁ ଊର୍ଦ୍ଧ୍ୱ ଗାଁରୁ ଗୋ ପ୍ରେମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କୋଲାବିରା ବ୍ଲକ୍‌ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କୋଲାବିରା, ୨୯।୧୦ (ସମିସ):** ଗରିବ ହିତାଧିକାରୀଙ୍କ ପାଇଁ ସରକାର ବିଭିନ୍ନ ସ୍ତରରେ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ସେଥି ମଧ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏକ ବିଶେଷ ଯୋଜନା। ଲୋକଙ୍କ ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ତାହା ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଫଳପ୍ରଦ ହୋଇପାରୁନାହିଁ। ଫଳରେ ହିତାଧିକାରୀ ଓ ଜନସାଧାରଣ ଯୋଜନାରୁ ବଞ୍ଚିତ ହେବା ସହିତ ଅନେକ ସମସ୍ୟା ଭୋଗୁଛନ୍ତି। କୋଲାବିରା ବ୍ଲକରେ ବ୍ଲକସ୍ତରୀୟ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସମସ୍ତ ବର୍ଗରୁ ଏଥିରେ ମାତ୍ର ୧୨୦ ଜଣ ପଞ୍ଜୀକରଣ କରିଥିଲେ। ପ୍ରଚାର ପ୍ରସାର ଅଭାବରୁ ଅଳ୍ପ ଲୋକ ଯୋଗ ଦେଇଥିବା କୁହାଯାଉଛି। ଏପରିକି ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ କରାଯାଇଥିବା ଚିଠିରେ ୨୯ ତାରିଖ ଗୁରୁବାର ବୋଲି ଦର୍ଶା ଯାଇଛି। ତେଣୁ ଲୋକେ ପ୍ରକୃତରେ ୨୯ ତାରିଖ ନା ଗୁରୁବାର ଏହାକୁ ନେଇ ଦ୍ୱନ୍ଦରେ ପଡ଼ିଥିଲେ। ତାଛଡା ଏସଂକ୍ରାନ୍ତରେ ଅଧିକ ଜାଣିବା ପାଇଁ କେତେକ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କୁ ଲୋକେ ସମ୍ପର୍କ କରିଥିଲେ ହେଁ ସଠିକ ଉତ୍ତର ପାଇନଥିବା ଅଭିଯୋଗ ହୋଇଛି। ଶିବିର ପରିଚାଳନା ସମୟ ସକାଳ ୯ଟାରୁ ହେବାର ସୂଚନା ପାଇ ଲୋକେ ଶିବିର ନିକଟରୁ ପହଞ୍ଚି ଥିଲେ। ମାତ୍ର ସାଢ଼େ ୧୦ଟା ପର୍ଯ୍ୟନ୍ତ ଶିବିରରେ କାହାରି ଦେଖାନଥିଲା। ଏପରିକି ସେହି ସମୟରେ ଟେଣ୍ଟ ଲଗା କାର୍ଯ୍ୟମଧ୍ୟ ସମ୍ପୂର୍ଣ୍ଣ ହୋଇ ନଥିଲା। ଯାହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷର ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ ଗାଡିରେ ପ୍ରଚାର କରାଯାଇଥିଲା। ମାତ୍ର ବ୍ଲକ ଜିପ୍‌ରେ କେବଳ ଗାଡିକୁ ଡ୍ରାଇଭର ନେଇ ବୁଲୁଥିବା ଦେଖିବାକୁ ମିଳିଥିଲା। ବ୍ଲକ ଅଧୀନରେ ଥିବା ସମସ୍ତ ୯ଟି ପଞ୍ଚାୟତକୁ ପ୍ରଚାର ପାଇଁ ଗାଡି ଯାଇ ନଥିବା ଜଣାପଡ଼ିଛି। ଏହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କରାଯାଇଥିବା ପ୍ରଚାର ପ୍ରସାର ହିତାଧିକାରୀ ପାଖରେ ପହଞ୍ଚିପାରିଲା ନାହିଁ। ଯେଉଁଥିପାଇଁ କମ ମାତ୍ରାରେ ହିତାଧିକାରୀ ପଞ୍ଜୀକରଣ କରିଥିଲେ। ହିତାଧିକାରୀମାନେ ସରକାରୀ ଯୋଜନାରୁ ଉପକୃତ ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ନିଦର୍ଶନ। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଗଲେ ବିଭାଗର ବ୍ଲକ ଅଧିକାରୀ ଓ କର୍ମଚାରୀ ସଜାଗ ହେବେ। ଆଗାମୀ ଦିନରେ ଦାୟିତ୍ୱବାନ ହେବେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ସଡକ ଦୁର୍ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କଡାକଡି ଚେକିଂ କରିବା ସହିତ ଟ୍ରାଫିକ ନିୟମ ପାଳନ ଉପରେ ନିଷ୍ପତ୍ତି ନିଆଯାଇଥିଲା। ରାସ୍ତାରେ ଅବୈଧ କଟିଂ କରିବା, ବିଭିନ୍ନ ଢାବାରେ ମାଦକ ଦ୍ରବ୍ୟ ଚେକିଂ କରିବା, ରଜାମୁଣ୍ଡା ବାଇପାସ ଛକ ଠାରେ ହାଇ ମାଷ୍ଟ ଲାଇଟ୍ ସ୍ଥାପନ ଓ ନୂତନ ବସ୍ ଟର୍ମିନାଲକୁ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଅବକାରୀ ଇନ୍ସପେକ୍ଟର ସନ୍ତୋଷ ସାହୁ, ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର, ସିଦ୍ଧାର୍ଥ ଗୁରୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲଇକେରା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ




**ଝାରସୁଗୁଡ଼ା, ୨୯।୧୦ (ସମିସ):** ଲଇକେରା ବ୍ଲକ ଓଡ଼ିଆପାଲି ଓପିଏମପି ବାଳିକା ଉଚ୍ଚ ବିଦ୍ୟାଳୟରେ ଲଇକେରା ପୁଲିସ ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ବୁଧବାର ପାଳିତ ହୋଇଛି। ଲଇକେରା ଥାନାଧିକାରୀ ଦିଲୀପ ବେହେରା ମୁଖ୍ୟ ଅତିଥି ଭାବେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଉମାବତୀ ବେହେରା ସଭାପତି କାର୍ଯ୍ୟ ତୁଲାଇ ଥିବା ବେଳେ ଶିକ୍ଷକ ଜିନେତରାମ କୁମ୍ଭାର ସଭା ସଂଯୋଜନା କରିଥିଲେ। ଛାତ୍ରୀମାନଙ୍କୁ ନେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ ଆଧାରିତ ବକ୍ତୃତା ପ୍ରତିଯୋଗିତାରେ ମୌସୁମୀ ନାଏକ ପ୍ରଥମ, ଡିଲେଶ୍ୱରୀ ବେହେରା ଦ୍ୱିତୀୟ ଓ ଲକ୍ଷ୍ମୀ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧ ପ୍ରତିଯୋଗୀତାରେ ମୌସୁମୀ ନାଏକ ପ୍ରଥମ, ଡିଲେଶ୍ୱରୀ ବେହେରା ଦ୍ୱିତୀୟ ଓ ସ୍ନେହା ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିନୋଦ ବିହାରୀ ସୁନ୍ୟାନି, ଅଜିତ ପଟେଲ, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକ ଓ ପ୍ରଶାନ୍ତ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ।

# ଘରୋଇ ହିଂସା ଆଇନ୍ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବୁଧବାର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହିଳାଙ୍କ ସୁରକ୍ଷା ଦିଗରେ ଘରୋଇ ହିଂସା ଆଇନ୍ ୨୦୦୫ ସନ୍ଦର୍ଭରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଧନଞ୍ଜୟ ମହନ୍ତ ଓ ସମ୍ମାନିତ ଅତିଥି ଭାବେ ଗୁଇନ୍ଦା ଡିଏସପି ପବିତ୍ର କିସାନ, ଜିଲ୍ଲା ପ୍ରକଳ୍ପ ପରିଚାଳକ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଶିବିରର ଶୁଭାରମ୍ଭ କରିଥିଲେ। ଘରୋଇ ହିଂସାରୁ ମହିଳା ସୁରକ୍ଷା ଆଇନ୍ ୨୦୦୫ ଉପରେ ଅବଗତ କରାଇଥିଲେ। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିତାର ସମ୍ପାଦକ ଅନୂପମା ରାଉତ, ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦକ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସପୋର୍ଟ ନିର୍ଦ୍ଦେଶକ, ସଖି କେନ୍ଦ୍ର ପରିଚାଳକ, ହବ୍ କର୍ମଚାରୀ ଓ ବାରକୋଟ ସ୍ଥିତ ଶକ୍ତି ସଦନ ଅଧିକ୍ଷକ ପ୍ରମୁଖ ଘରୋଇ ହିଂସା ଆଇନ୍ ୨୦୦୫ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମସ୍ତ ବ୍ଲକର ସିଡିପିଓ ଓ ମହିଳା ମାନେ ଉପସ୍ଥିତ ଥିଲେ।

# ସାର୍ବଜନୀନ ଦୁର୍ଗାପୂଜାର ପୁରସ୍କାର ବିତରଣ ଉତ୍ସବ

**ପଦ୍ମପୁର, ୨୯।୧୦(ସମିସ):** ପଦ୍ମପୁର ସାର୍ବଜନୀନ ଦୁର୍ଗାପୂଜା ଅବସରରେ ପ୍ରତିବର୍ଷ ଭଳି ଏବର୍ଷ ମଧ ଉପହାର ଯୋଜନା ଆୟୋଜିତ ହୋଇଯାଇଛି। କାଳୀପୂଜା ଦିନ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ସ୍ଥାନୀୟ ଭେଉଁରିଆ ଛକରେ ଏହାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ପ୍ରତାପ ମିଶ୍ର, ଉପସଭାପତି ଅଜିତ ଶତପଥୀ, ସମ୍ପାଦକ ଯୁଗଳ କିଶୋର ସାହୁ, କୋଷାଧ୍ୟକ୍ଷ ଯୋଗେଶ ସାହୁ ପ୍ରମୁଖ ଯୋଗଦେଇ ପ୍ରଥମ ପୁରସ୍କାର ବିଜେତା ଦିପ୍ତିପୁରର ଚାଉ ବିଶ୍ୱାଳଙ୍କୁ ପଲ୍ସର୍ ମୋଟର ସାଇକଲ, ଦ୍ୱିତୀୟ ଉପହାର ବିଜେତା ସୋଭାରାଣି ସିହ୍ନାଙ୍କୁ ଇଲେକ୍ଟ୍ରି ସ୍କୁଟି, ତୃତୀୟ ପୁରସ୍କାର ବିଜେତା ତାଲପାଲିର ଆର୍ଯ୍ୟା ଦାଶଙ୍କୁ ଏସି ପ୍ରଦାନ କରିଥିଲେ। ସେହିପରି ସମସ୍ତ ୩୬ଟି ଉପହାର ବିଜେତାଙ୍କୁ ପ୍ରଦାନ କରିଥିଲେ। ଉପହାର ଯୋଜନାର ମୁଖ୍ୟ ଜୟରାମ ମହାପାତ୍ର, ନବ ବରିହା, ବିଜୟ ବହିଦାର, ଶ୍ୟାମଳ ଦାଶ, ନରସିଂହ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିରୋଜ ସିହ୍ନା, ନାରାୟଣ ପୁରୋହିତ, ସୁଶୀଲ ଅଗ୍ରୱାଲ, ସୁନିଲ ଅଗ୍ରୱାଲ, ମହେଶ ବେହେରା, ବାବୁଲୁ ଦୋରା, ଭରତ ପଣ୍ଡା, ଅଚ୍ୟୁତାନନ୍ଦ ସେଠ୍ ଓ ସର୍ଯ୍ୟୁ ପଟ୍ଟନାୟକ ସହଯୋଗ କରିଥିଲେ।

# ଜିଲ୍ଲା କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ

**ଝାରସୁଗୁଡା, ୨୯।୧୦ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଝାରସୁଗୁଡା ଜିଲ୍ଲା କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ହୋଇଛି। ଜିଲ୍ଲା ଓ ଦୌରାଜଜଙ୍କ ତଥା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଜିଲ୍ଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସମେତ କର୍ମଚାରୀ ମାନେ ଶପଥ ପାଠ କରିଥିଲେ। ଅଧ୍ୟକ୍ଷ ଶ୍ରୀ ନାୟକ ଏହି ଅବସରରେ ସମସ୍ତଙ୍କୁ ନିଜର କର୍ମକ୍ଷେତ୍ରରେ ସାଧୁତା ଅବଲମ୍ବନ କରିବା ପାଇଁ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ପ୍ରାଧିକରଣ ସଚିବ ଅଲୋକମୟୀ ପ୍ରଧାନ କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନା କରିଥିଲେ।

# ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଉଦ୍‌ଘାଟିତ

**ପଦ୍ମପୁର, ୨୯।୧୦(ସମିସ):** ପଦ୍ମପୁର ଅଞ୍ଚଳ କଲେଜରେ ସ୍ନାତକୋତ୍ତର ବିଭାଗର ଉଦ୍‌ଘାଟନୀ ସମାରୋହ ସମ୍ମେଳନ କକ୍ଷରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉଚ୍ଚଶିକ୍ଷା, କ୍ରୀଡ଼ା, ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ବଲପୁରର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ସୁବିଧା ପାଇଁ ମୁଖ୍ୟ ଅତିଥି ୧୦୦ ଶଯ୍ୟା ବିଶିଷ୍ଟ ଏକ ବାଳିକା ଛାତ୍ରୀବାସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ପ୍ରଭାତ ମହାପାତ୍ର, ପ୍ରମୋଦ ତ୍ରିପାଠୀ, ତାର ପ୍ରସାଦ ଶତପଥୀ, ସନ୍ତୋଷ ମିଶ୍ର, ନବକୃଷ୍ଣ ମିଶ୍ର, ତାପିନି ପଣ୍ଡା, ଝୁନୁ ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସମାଜବାଦୀ ପ୍ରୀତେଶ ବୋହିଦାର, ଲକ୍ଷ୍ମଣ ମେହେର ଏବଂ ଅନ୍ୟମାନେ ସମାରୋହରେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୋଲାବିରା, ୨୯।୧୦(ସମିସ):** କୋଲାବିରା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ଭୀଷ୍ମଦେବ ଉଚ୍ଚ ବିଦ୍ୟାଳୟ, ପୋଖରାସାହ୍ଲେ ଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ଭୋଜରାଜ ପଟେଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପସାୟତ, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ବିଡିଏଚ୍ଏସ୍ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିର୍ମଳା ଶତପଥୀ, ସ୍କୁଲ ପରିଚାଳନା କମିଟି ସଭାପତି ନରେନ୍ଦ୍ର ଭୋଇ, କୋଲାବିରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାଘମରା କଲେଜ ପ୍ରିନ୍ସିପାଲ ମଧୁସୂଦନ ବଳବନ୍ତରାଏ ଅଭିଭାଷଣ ପ୍ରଦାନ କରିଥିଲେ। ବ୍ଲକ ଚେୟାରମ୍ୟାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ



ପରେ ପ୍ରତିଯୋଗିତା ଗୁଡିକ ଆରମ୍ଭ ହୋଇଥିଲା। ବକ୍ତୃତା, ସଙ୍ଗୀତ, ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ଓଡ଼ିଆ ହସ୍ତାକ୍ଷର, ପିଏମ୍ ପୋଷଣ ଚିତ୍ରକଳା, ଶିଳ୍ପ କଳା, ମଡେଲ୍ ୟୁନାଇଟେଡ ନେସନ ପାଭିଲିୟନ ବିଷୟ ଗୁଡିକରୁ ଜୁନିୟର, ସିନିୟର, ବରିଷ୍ଠ ଉଚ୍ଚ ମାଧ୍ୟମିକ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ବିଇଓ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ସମ୍ମାନିତ ଅତିଥି ଭାବେ କିର୍ମିରା ବିଇଓ ଜୟନାରାୟଣ ପଣ୍ଡା, ଝାରସୁଗୁଡ଼ା ବିଇଓ ଅନିଲ ପଟେଲ, ଲଇକେରା ବିଇଓ ହିମାଂଶୁ ବାଗ, ଶିକ୍ଷକ ସଚିନ୍ଦ୍ର ପଟେଲ, ଶିକ୍ଷା ନିର୍ଦ୍ଦେଶକ ତଥା ଝାରସୁଗୁଡ଼ା ନୋଡାଲ ଅଫିସର ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୋଡାମାଲ ହାଇସ୍କୁଲ ପ୍ରଥମ, କେଜି ବାଳିକା ହାଇସ୍କୁଲ ଦ୍ୱିତୀୟ, ସିଡିବି ହାଇସ୍କୁଲ ପରମାଣପୁର ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୨୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନେ ଆଗାମୀ ୩୧ ତାରିଖରେ ଜିଲ୍ଲା ସ୍ତରୀୟ ସୁରଭିରେ ଅଂଶଗ୍ରହଣ କରିବାକୁ ସୂଚନା ପ୍ରଦାନ କରାଯାଇଛି। ଶିକ୍ଷକ ଅଶୋକ ସାହୁ, ଲିଙ୍କନ ନାଏକ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପଦ୍ମିନୀ ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବେଲପାହାଡ଼ କପ୍ ଫୁଟବଲ୍**

# କିରାରମା ଓ କିସାନ ବ୍ରଦର୍ସ ବିଜୟୀ

**ଝାରସୁଗୁଡ଼ା, ୨୯।୧୦(ସମିସ)**

ବେଲପାହାଡ଼ ରେଫରୀ ଆସୋସିଏସନ ପକ୍ଷରୁ ସ୍ଥାନୀୟ ରତନ ଟାଟା ଷ୍ଟାଡିୟମ୍‌ରେ ଚାଲିଥିବା ୩ୟ ବେଲପାହାଡ଼ କପ୍ ଫୁଟବଲ୍ ୨୦୨୫ ପ୍ରତିଯୋଗିତାର ୫ମ ଦିନରେ କିରାରମା ଦଳ ଓ କିସାନ ବ୍ରଦର୍ସ ଦଳ ବିଜୟୀ ହୋଇଛନ୍ତି। ୫ମ ଦିନର ପ୍ରଥମ ଖେଳ କିରାରମା ଓ ଠୁଙ୍ଗିଆଡେରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ପକ୍ଷରୁ ୧-୧ ଗୋଲରେ ଡ୍ର ରହି ଖେଳଟି ଅମିମାଂସିତ ରହିଥିବା ବେଳେ ପେନାଲ୍ଟି ସୁଟ ଆଉଟରେ କିରାରମା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ସହିପରି ଦ୍ୱିତୀୟ ମ୍ୟାଚ୍ ବେଲପାହାଡ



କିଷାନ ବ୍ରଦର୍ସ ଓ ଗୁମାଡେରା ନୂଆପାଡା ଶିବ ଶକ୍ତି କ୍ଲବ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳଟି ଅମିମାଂସିତ ରହିଥିବା ବେଳେ ପରେ ଟ୍ରାଇ ବ୍ରେକର ଜରିଆରେ କିଷାନ ବ୍ରଦର୍ସ ଦଳ ୪-୩ ଗୋଲରେ ବିଜୟ ଲାଭ କରି ପରବର୍ତ୍ତୀ ଖେଳକୁ ଉନୀତ ହୋଇଛି। ଗିରିଶ ଚନ୍ଦ୍ର ଜୟପୁରିଆ ମ୍ୟାଚ୍ କମିଶନର ଥିବା ବେଳେ ରେଫରୀ ଭାବେ ରାଜ ମଣ୍ଡଳ, ଅଗସ୍ତି ହାତିପଟ୍ଟା, ମହେନ୍ଦ୍ର ବଗର୍ତ୍ତି, ଗିରିଶ ପ୍ରଧାନ, ସଞ୍ଜୟ ମିର୍ଦ୍ଧା, ନୀଳ ନାଏକ, ଅଭିଳାଷ ସାହୁ ଓ ତୁଷାର ଲୋହାର ଖେଳ ଗୁଡିକୁ ପରିଚାଳନା କରିଥିଲେ। ଅତିଥି ଭାବେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଡ.ସନ୍ତୋଷ ମିଶ୍ର, ସାମ୍ବାଦିକ ଡ.ସୁବାସ ଚନ୍ଦ୍ର ପ୍ରଧାନ, ବିଜେପି ନେତା ସଞ୍ଜୟ ସିଂ, ତପନକାନ୍ତ ଜେନା, ପୌର ଡାକ୍ତର ଦିଲୀପ ନାଏକଙ୍କ ସମେତ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ, ଦେବାଶିଷ ଆଇଚ, ବିଜୟ ପ୍ରଧାନ, ସନ୍ତୋଷ ସାହୁ, ସରୋଜ ମିର୍ଦ୍ଧା, ନବୀନ ସିଂ, ଜ୍ଞାନ ପଟ୍ଟନାୟକ, ମନୋଜ ମେହେର ପ୍ରମୁଖ ଯୋଗ ଦେଇଥିଲେ।

# ଶ୍ରୀଅନ୍ନ ଯୋଜନାରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ

**ଦେବଗଡ଼, ୨୯।୧୦(ସମିସ):** ଜିଲ୍ଲା କୃଷି ବିଭାଗ ପକ୍ଷରୁ ମିଲେଟ ମିଶନ ଅଧୀନ ଶ୍ରୀଅନ୍ନ ଯୋଜନାରେ ବୁଧବାର ଏକ ପ୍ରଦର୍ଶନୀ ଷ୍ଟଲ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଛି। ମାଣ୍ଡିଆ ପ୍ରସ୍ତୁତ ପୃଷ୍ଟିକର ଖାଦ୍ୟର ପ୍ରଚାର ପ୍ରସାର, ଦୈନନ୍ଦିନ ମାଣ୍ଡିଆର ବ୍ୟବହାର



ଓ ମାଣ୍ଡିଆକୁ ଜନାଦୃତ କରାଇବା ଏହାର ଲକ୍ଷ୍ୟ ରହିଥିଲା। ଶ୍ରୀଅନ୍ନ ଅଭିଯାନ ଯୋଜନା ପକ୍ଷରୁ ଲଇମୁରା ପଞ୍ଚାୟତ ଅଧୀନ ଲମ୍ବଡୁରା ଗାଁର ରାଧାରାଣୀ ନାରୀ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ, ବାଜରା ଓ ମାଣ୍ଡିଆରୁ ତିଆରି ହୋଇଥିବା ଖାଦ୍ୟ ପ୍ରଦର୍ଶନୀ ମଣ୍ଡପକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟର ବ୍ୟବହାର ଏବଂ ଏହାର ଉପକାରିତାକୁ ପ୍ରତି ଘରେ ପହଞ୍ଚାଇବାକୁ ନାରୀ ସଙ୍ଘ ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ।

# ଦୁର୍ଗମ ସୁନାବେଡ଼ାରେ ସ୍ନେହାଙ୍ଗିନୀଙ୍କ ପ୍ରଚାର





ନୂଆପଡ଼ା, ୨୯ ।୧୦(ସମିସ)

ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡିର ପ୍ରଚାର ସେତିକି ଜୋର ଧରୁଛି। ନିର୍ବାଚନ ମଣ୍ଡଳୀର ବଣପାହାଡ଼ ଘେରା ଅଞ୍ଚଳରେ ବୁଲି ବୁଲି ପ୍ରଚାର କରୁଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ

## ଆଦିବାସୀ, ବନବାସୀଙ୍କ ସହ ନେଲେ ସେଲ୍‌ଫି

ସ୍ନେହାଙ୍ଗିନୀ। ବୁଧବାର ଦିନ ସ୍ନେହାଙ୍ଗିନୀ ଜିଲ୍ଲାର ମାଓବାଦୀ ଉପଦ୍ରୁତ ସୁନାବେଡା ଏବଂ ସୋସେଙ୍ଗ ପଞ୍ଚାୟତରେ ପ୍ରଚାର କରିଛନ୍ତି। ପୂର୍ବାହ୍ନରେ ଦୀର୍ଘ ୩୦ କିମି ଦୂର ଜଙ୍ଗଲ ଇଲାକାରେ ନିଜର ଦଳୀୟ ସମର୍ଥକଙ୍କ ସହ ଆଦିବାସୀ ବନବାସୀଙ୍କ ଘରକୁ ଘର ଯାଇ ପ୍ରଚାର କରିଥିଲେ। ପ୍ରଥମେ ସୁନାବେଡା ଜଙ୍ଗଲରେ ପ୍ରବେଶ କରି ବସ୍ତିରେ ଜନସଭାରେ ଯୋଗ ଦେଇଥିଲେ।ସେଠାରେ ସ୍ଥାନୀୟ ଶତାଧିକ ଆଦିବାସୀ ପରିବାର ଲୋକ ସ୍ନେହାଙ୍ଗିନୀଙ୍କୁ ସ୍ୱାଗତ କରିଥିଲେ। ତାଙ୍କ ସହ ଜିଲ୍ଲାପରିଷଦ ସଭ୍ୟ ତଥା ଆଦିବାସୀ ନେତା ଭାନୁପ୍ରତାପ ସିଂ ମାଝୀ, ମୁରଲଧର ଭୋଇ ପ୍ରମୁଖ ସାମିଲ ଥିଲେ। ଆଦିବାସୀ ମହିଳାମାନେ ଆସି ଜମି ପଟ୍ଟା, ରୋଜଗାରକୁ ନେଇ ଗୁହାରି କରିଥିଲେ। ଆଜିକୁ ବହୁ ବର୍ଷ ଆମେ ପହରିଆଙ୍କୁ ଆଦିବାସୀ ମାନ୍ୟତା ନେଇ ଦାବି କରି ଆସୁଛୁ ହେଲେ କେହି ଶୁଣୁନାହାଁନ୍ତି ବୋଲି କହିଥିଲେ। ଏହା ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି। ଏହାପରେ ସୁନାବେଢ଼ା ବଜାର ଦେଖି ମାଁ ସୁନାଦେଇଙ୍କ ଦର୍ଶନ କରିଥିଲେ। ସାଲେବିଡିରେ ଏକ ଜନସଭାକୁ ଯୋଗଦେଇ ସମ୍ବୋଧିତ କରିଥିଲେ। ଏହା ପରେ ସୋସେଙ୍ଗରେ ନିର୍ବାଚନୀ ସଭାରେ ଯୋଗଦେଇ ପ୍ରଚାର କରିଥିଲେ।



# ବିଜେଡିର ପଞ୍ଚାୟତସ୍ତରୀୟ ବୈଠକ

ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ନୂଆପଡ଼ା ବ୍ଲକ ଧରମବନ୍ଧା ଓ ସାଇପଲା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସକ୍ରିୟ କର୍ମୀ, ସାଧାରଣଜନତାଙ୍କୁ ନେଇ ସଭା ଆୟୋଜିତ ହୋଇଥିଲା। ସମାବେଶରେ ଶତାଧିକ କର୍ମୀ ଉପସ୍ଥିତ ହୋଇ ବିଜେଡି ଦଳପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ସଭାକୁ ପୂର୍ବତନ ମନ୍ତ୍ରୀ ଓ ବିଜେଡି ବରିଷ୍ଠ ନେତା ପ୍ରତାପ ଜେନା, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାରକାମୀ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି, ବରିଷ୍ଠ ନେତା ସୁଶାନ୍ତ ମିଶ୍ର ପ୍ରମୁଖ ଉପନିର୍ବାଚନରେ ବିଜେଡିର ବିଜୟ ପାଇଁ ଆହ୍ୱାନ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା, ଆଦିବାସୀଙ୍କ ବିକାଶ ଦିଗରେ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହ ରାଜ୍ୟର ସର୍ବାଙ୍ଗୀନ ବିକାଶ ପଛରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ଦୃଷ୍ଟିଭଙ୍ଗୀ ହିଁ ମୁଖ୍ୟ ଶକ୍ତି ବୋଲି ନେତୃତ୍ୱ ମଣ୍ଡଳୀ ଅଭିଭାଷଣ ରଖିଥିଲେ। ଏହି ଅବସରରେ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଅବଦାନକୁ ସ୍ମରଣ କରି ତାଙ୍କ ସମାଜସେବା ଓ ଜନସେବାରେ ଦିଆଯାଇଥିବା ଅପୂର୍ବ ଅଂଶଦାନକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭା ମାଧ୍ୟମରେ ଦଳୀୟ ଏକତା, ସଂଗଠନ ଓ ଲୋକାଧାରା ସହ ସମ୍ପର୍କ ସୃଷ୍ଟିରେ ନୂଆ ଉତ୍ସାହ ଦେଖାଯାଇଥିଲା।ସଭାରେ ବିଜେଡି ଯୁବ ନେତା ଶିବାନନ୍ଦ ପରିଛା, ପ୍ରମୋଦ ପାଢ଼ୀ, ଗଙ୍ଗଦରାମ ସାହୁ, ଟୁମନ ପ୍ରଧାନ, ଚମନ ନିର୍ମଳ କର, ଆଶାରାମ ଦଣ୍ଡସେନ, ଟୁନେଶ ସାହୁ, ସୁଶାନ୍ତ ମିଶ୍ର, ମାୟାବତୀ ଜଗତ, ତୁଳସୀ ବେରିହା, ଲାଲେଶ୍ୱର ତାଣ୍ଡି, ବାଲକୁମାର ବରିହା, ଜ୍ଞାନସିଂ ମାଝୀ, ରୂପଲାଲ କେଉଁଟ, ଜାମୁଲାଲ ତାଣ୍ଡି ପ୍ରମୁଖ ସହ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ।



# ବିଜେପି ସରକାରଙ୍କ ଅମାନବିକ କାର୍ଯ୍ୟକୁ ବିରୋଧ

## ଗର୍ଜିଲେ ଅଦିବାସୀ

ନୂଆପଡ଼ା ଉପନିର୍ବାଚନ ଅଭିଯାନର ସଭାରେ ବହୁ ଅଦିବାସୀ ନେତାମାନେ ବିଜେପି ସରକାରର ଅମାନବିକ କାର୍ଯ୍ୟକୁ ତୀବ୍ର ପ୍ରତିବାଦ କରିଛନ୍ତି। ସଭାରେ ସାଂସଦ ନିରଞ୍ଜନ ବିଶି, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡୀ ଓ ରମେଶ ଚନ୍ଦ୍ର ମାଝି, ଦାସପଲ୍ଲା ବିଧାୟକ ରମେଶ ବେହେରା, ପଦ୍ମପୁର ବିଧାୟିକା ବର୍ଷା ରାଣୀ ସିଂ ବରିହା, ବରିଷ୍ଠ ଅଦିବାସୀ ନେତା ବିହାରୀ ଲାଲ ବିଶ୍ୱାଳ, ଜିଲ୍ଲା ସଭାପତି ଏବଂ ଜିଲ୍ଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂହ ମାଝି, ବିଂଝାଲ ସମାଜ ରାଜ୍ୟ ଅଧ୍ୟକ୍ଷ ହୃଷିକେଶ ବରିହା ଓ ଶବର ସମାଜ ନେତା ତେଜରାଜ ଶବର, ଭୋଜରାଜ ବରିହା, ହରପ୍ରସାଦ ମାଝୀ, ଛକନ ମାଝୀ ପ୍ରମୁଖ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦକୁ ବିଜେପି ସରକାର ନିଷ୍କ୍ରିୟ କରି ଦେଇଛି। ଏହି ପରିଷଦ ଅଦିବାସୀ ଭାଷା, ସଂସ୍କୃତି, ପ୍ରଥା ପରମ୍ପରା, ପାରମ୍ପରିକ ଜୀବିକା ଓ ପରିଚୟକୁ ସୁରକ୍ଷା କରିବା ପାଇଁ ଗଠିତ ହୋଇଥିଲା। ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦକୁ ଦୁର୍ବଳ କରିବା ଅଦିବାସୀ ସମାଜର ମୂଳ ପରିଚୟକୁ ଦୁର୍ବଳ କରିବା ସହିତ ସମାନ ବୋଲି ନେତାମାନେ କ୍ଷୋଭ ପ୍ରକାଶ କରିଛନ୍ତି।ରାଜ୍ୟ ଓ କେନ୍ଦ୍ର ସରକାରରେ ଏସ୍‌ଟି-ଏସ୍‌ସି ସମ୍ପ୍ରଦାୟ ପାଇଁ ସଂରକ୍ଷିତ ଖାଲି ପଦ ପୂରଣ କରୁ ନାହିଁ, ଫଳରେଯୁବ ଅଦିବାସୀ-ଦଳିତଙ୍କ ଶିକ୍ଷା ଓ ନିଯୁକ୍ତି ସୁଯୋଗକୁ ବଞ୍ଚିତ ହେଉଛନ୍ତି। ଆଦିବାସୀ ଅଭିଯୋଗ କଲେ ଯେ ବେସରକାରୀ ସଂସ୍ଥା, ବିଭାଗରେ ଏସ୍‌ସି-ଏସ୍‌ଟି ପାଇଁ ଆରକ୍ଷଣ ଲାଗୁ ହେଉ ନାହିଁ, ଯାହା ସମ୍ବିଧାନିକ ନୀତିର ଉଲ୍ଲଙ୍ଘନ ହେଉଛି.ଅଦିବାସୀ-ଦଳିତଙ୍କ ସାମ୍ବିଧାନିକ ଅଧିକାରକୁ ଦମନ କରିବା ଅନ୍ୟାୟ ଓ ଅମାନବିକ ନୀତି। ଅଦିବାସୀ ସମାଜ ଏକତାବଦ୍ଧ, ସଜାଗ ଓ ସଂଘବଦ୍ଧ ହେବା ପାଇଁ ଆଦିବାସୀ ସମାଜର କର୍ମକର୍ତ୍ତା ଆହ୍ୱାନ କରିଥିଲେ। ସଭାରେ ତୁଳକୁ ଶବର, ଦଶରୁ ବିଶ୍ୱାଳ, ମକଧ୍ୱଜ ବିଶ୍ୱାଳ, ହରପ୍ରସାଦ ଶବର, ରାମ ପୁନିତ ଶବର, ନରସିଂହ ଶବର, ଗଣେଶ ଶବର, ଦେବ ନାରାୟଣ ଶବର, ରାମ ବରିହା, ବିଜୟ ମାଝୀ, ସୋନକୁମାର ମାଝୀ, ଲୋକସିଂ ବରିହା, ଡମ୍ବରୁ ବରିହା, ଲଳିତ ବରିହା, ପ୍ରେମସିଂ ନାଏକ, ତୁଳସୀ ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପୁଲିସର ଚଢ଼ଉ

# ପୁଲିସ-କଂଗ୍ରେସ କର୍ମୀ ମୁହାଁମୁହିଁ

ସ୍ଥାନୀୟ ଖୁଣ୍ଟିଆ ଭବନରେ ଅବସ୍ଥାପିତ କଂଗ୍ରେସ କାର୍ଯ୍ୟାଳୟରେ ଦଳୀୟ ସଭା ଚାଲିଥିବା ବେଳେ ହଠାତ ପୁଲିସ ଚଢ଼ଉ କରିଥିଲା। ଯାହାକୁ ନେଇ ପୁଲିସ- କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ଦେଖାଦେଇଥିଲା। ପୁଲିସର ବିନା ଅନୁମତିରେ ସଭା ହେଉଥିବା ଖବର ପାଇ ଥାନାଧିକାରୀ ଗଙ୍ଗାଧର ମେହେର କଂଗ୍ରେସ କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।ସୂଚନାଯୋଗ୍ୟ ଯେ ପୂର୍ବାହ୍ନ ୧୧ଟା ସମୟରେ କଂଗ୍ରେସ ତରଫରୁ ସାମ୍ବାଦିକ ସମ୍ମିଳନୀ ଚାଲିଥିଲା।ହଠାତ ଶତାଧିକ ପୁରୁଷ ମହିଳାଙ୍କର ପ୍ରବେଶ ହୋଇଥିଲା।ପ୍ରବଳ କୋଳାହଳ ମଧ୍ୟ ହୋଇଥିଲା। ବିନାନୁମତିରେ ଜନସଭା ଚାଲିଥିବା ପୁଲିସ କହିଛି।ଅନ୍ୟପକ୍ଷରେ ଏହା ଦଳୀୟ ବୈଠକ ବୋଲି କଂଗ୍ରେସ ତରଫରୁ କୁହାଯାଇଥିଲା।ଆଗାମୀ ଦିନରେ କୌଣସି ବି ସଭା ସମିତି କଲେ ପୁଲିସକୁ ଅନୁମତିପତ୍ର ସକାଶେ ଅବେଦନ କରିବେ ବୋଲି ଥାନାଧିକାରୀ ବୁଝାଇଥିଲେ। ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଦଳୀୟ ପ୍ରାର୍ଥୀମାନଙ୍କର କାର୍ଯ୍ୟାଳୟ ରହିଛି। ହେଲେ କେତେକ ଦଳୀୟ କାର୍ଯ୍ୟାଳୟ ଗୁଡିକରେ ପ୍ରତିଦିନ ବହୁ ଦଳୀୟକର୍ମୀଙ୍କ ସହ ଅନ୍ୟ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଶାନ୍ତି ଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉଛି।



## ନୂଆପଡ଼ା ଉପନିର୍ବାଚନ

# ଉଚ୍ଚସ୍ତରୀୟ ସମୀକ୍ଷା କଲେ ଡେପୁଟି ନିର୍ବାଚନ କମିଶନର ଓ ମୁଖ୍ୟ ନିର୍ବାଚନ ଅଧିକାରୀ

ନୂଆପଡ଼ା, ୨୯ ।୧୦(ସମିସ)

ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ତ୍ରୁଟି ଶୂନ୍ୟ ଓ ସଫଳତାର ସହିତ ଅନୁଷ୍ଠିତ କରିବା ଲକ୍ଷ୍ୟ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ପଦକ୍ଷେପକୁ କ୍ରିୟାଶୀଳ କରାଯାଇଛି। ବୁଧବାର ଡେପୁଟି ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଓ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶା ଆରଏସ ଗୋପାଳନ ନୂଆପଡ଼ା ଜିଲ୍ଲା ପ୍ରଶାସନ ସହିତ ଆଭାସୀ ମାଧ୍ୟମରେ ଉପନିର୍ବାଚନ ସମ୍ପର୍କିତ ସମସ୍ତ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ସବିଶେଷ ସମୀକ୍ଷା କରିଛନ୍ତି। ଆଇଜି ପୁଲିସ ହିମାଂଶୁ ଲାଲ, ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ପ୍ରକାଶ ବିନ୍ଦୁ, ପୁଲିସ ପର୍ଯ୍ୟବେକ୍ଷକ ବି. ଶଙ୍କର ଜଇସ୍ୱାଲ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅତୁଲ ପାଣ୍ଡେ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ସମସ୍ତ ପ୍ରସ୍ତୁତି ଓ ପଦକ୍ଷେପ ସମ୍ବନ୍ଧରେ ଯଥା ଭୋଟିଂ ମେସିନ୍, ଭିଭିପାଟର ସ୍ଥିତି, ବୁଥମାନଙ୍କରେ ଉପଲବ୍ଧ ବିଜୁଳି ପାଣି ଶୌଚାଳୟ ସବୁର ସୁବିଧା, ସମସ୍ତ ବୁଥ୍‌ର ୱେବ କାଷ୍ଟିଂ, ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ର କାର୍ଯ୍ୟକାରିତା, ବିଭିନ୍ନ କମିଟିର କାର୍ଯ୍ୟ, ବିଭିନ୍ନ ବିଭାଗ ତରଫରୁ ହେଉଥିବା ତଲାସୀ ଅଭିଯାନ, ସମ୍ବେଦନଶୀଳ ବୁଥ ପରିଚାଳନା, ପୋଷ୍ଟାଲ୍ ବାଲଟ, ଭୋଟ ଗଣତି ଇତ୍ୟାଦି ସମସ୍ତ ବିଷୟରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଆଗୁଆ ପଦକ୍ଷେପ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବୈଠକକୁ ସବିଶେଷ ଅବଗତ କରିଥିଲେ।

Format C-1

(For candidate to publish in Newspapers, TV)

**Declaration about criminal cases**

*(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)*

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

I, **Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| **1** | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| **2** | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **3** | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| **4** | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**

# ଆସିବ 'ମୁନ୍ନା ଭାଇ ୩'

ସଞ୍ଜୟ ଦତ୍ତ ଓ ଅରଶଦ ୱାର୍ସିଙ୍କ ଫିଲ୍ମ 'ମୁନ୍ନାଭାଇ ଏମ୍‌ବିବିଏସ୍' ଫିଲ୍ମ ଆଜି ବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି। ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଛନ୍ତି। ଫିଲ୍ମରେ ସର୍କିଟ୍ ଓ ମୁନ୍ନାଭାଇଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ସର୍କିଟ୍ ଭୂମିକାରେ ଅଭିନୟ କରି ଅରଶଦ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ନିକଟରେ ଏକ ସାକ୍ଷାତକାରରେ ଅରଶଦ 'ମୁନ୍ନାଭାଇ ୩'କୁ ନେଇ ଖୁଲାସା କରିଛନ୍ତି। ଅରଶଦ କହିଥିଲେ, ' ସଞ୍ଜୁ (ସଞ୍ଜୟ ଦତ୍ତ) ଜଣେ ପ୍ରତିଭାଶାଳୀ ଅଭିନେତା। ତାଙ୍କ ସହ କାମ କରିବା ବେଶ୍ ମଜାଦାର ଥିଲା। ପୂରା ସ୍କ୍ରିପ୍ଟ ମନେ ରଖିବା ମୋ ପାଇଁ ଅସମ୍ଭବ ଥିଲା। ତାଙ୍କ ପାଇଁ ମୋତେ ପୂରା କାହାଣୀ ମନେ ରଖିବାକୁ ପଡ଼ୁଥିଲା। କାରଣ ସଞ୍ଜୁ ପ୍ରତ୍ୟେକ ଦିନ ସେଟ୍‌କୁ ଆସି ପଚାରୁଥିଲେ ଆଜି ଆମେ କ'ଣ କରିବା। ମୁଁ ତାଙ୍କୁ କ'ଣ ସୁଟିଂ କରିବାର ଅଛି ସେବିଷୟରେ କହୁଥିଲି। ' ସେ ଆହୁରି ମଧ କହିଥିଲେ, ସମୟ ଥିଲା 'ମୁନ୍ନ ଭାଇ ୩' ଆସିବା କଳ୍ପନା କରି ହେଉ ନ ଥିଲା। ଏବେ ରାଜୁ (ରାଜ କୁମାର ହିରାନୀ) ଏହା ଉପରେ କାମ ଆରମ୍ଭ କରି ଦେଇଛନ୍ତି। ଅରଶଦଙ୍କ ପୂର୍ବରୁ ବିଦୁ ବିନୋଦ ଚୋପ୍ରା 'ମୁନ୍ନାଭାଇ ୩' ଆସୁଛି ବୋଲି କହିଥିଲେ। ସେ କହିଥିଲେ, 'ମୁନ୍ନାଭାଇ ୩' ଏହି ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଠାରୁ ଆହୁରି ଭଲ ହେବାର ଆବଶ୍ୟକତା ରହିଛି। ମୋ ପାଖରେ ଏକ ଭଲ ଆଇଡିଆ ଅଛି। ମୁଁ ତାରି ଉପରେ କାମ କରୁଛି।'






# ବିଶ୍ୱ ମିତବ୍ୟୟତା ଦିବସ

ସଞ୍ଚୟ କରିବା ଏକ ଭଲ ଗୁଣ। ସମସ୍ତଙ୍କର ଭବିଷ୍ୟତ ଚିନ୍ତା ରହିବା ଜରୁରି। ବେଳେବେଳେ ମଣିଷକୁ ସଙ୍କଟଜନକ ଆର୍ଥିକ ସ୍ଥିତିର ମୁକାବିଲା କରିବାକୁ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ସଞ୍ଚୟ କରିବା ଆବଶ୍ୟକ। ସଞ୍ଚୟ ଅର୍ଥାତ୍ ମିତବ୍ୟୟତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସାରା ବିଶ୍ୱରେ ପ୍ରତିବର୍ଷ ଅକ୍ଟୋବର ୩୧ ତାରିଖକୁ ବିଶ୍ୱ ମିତବ୍ୟୟତା ଦିବସ ଭାବେ ପାଳନ କରାଯାଉଥିବାବେଳେ ଭାରତରେ ଏହା ପ୍ରତିବର୍ଷ ଅକ୍ଟୋବର ୩୦ରେ ପାଳନ କରାଯାଏ। କାରଣ ୩୧ ଅକ୍ଟୋବର, ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ହୋଇଥିବାରୁ ଏହା ଭାରତରେ ଅକ୍ଟୋବର ୩୦ ତାରିଖରେ ପାଳନ କରାଯାଉଛି। ମିତବ୍ୟୟୀ ହୋଇ ସଞ୍ଚୟ କରିବା ନିମନ୍ତେ ଆଜିର ଦିନ ବାର୍ତ୍ତା ଦିଏ। ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅର୍ଥ ସଞ୍ଚୟ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଜଣେ ଅର୍ଥ ସଞ୍ଚୟ କରି ନିଜ ପାଇଁ ରୋଜଗାରର ବ୍ୟବସ୍ଥା କରିପାରିବେ। କେବଳ ସେତିକି ନୁହେଁ, ସଞ୍ଚିତ ଅର୍ଥରେ ଜଣେ ଭଲ ଶିକ୍ଷା ପ୍ରାପ୍ତ କରିପାରିବେ। ଜଣେ ବ୍ୟକ୍ତି ରୋଗଗ୍ରସ୍ତ ହେଲେ ଚିକିତ୍ସା ପାଇଁ ମଧ ଟଙ୍କାର ଆବଶ୍ୟକତା ପଡ଼ିଥାଏ। ତେଣୁ ସୁସ୍ଥ ଜୀବନ ଜିଇଁବା ପାଇଁ ଓ ଦେଶର ଅର୍ଥ ବ୍ୟବସ୍ଥାକୁ ସୁରକ୍ଷିତ କରିବା ପାଇଁ ଟଙ୍କା ସଞ୍ଚୟର ଆବଶ୍ୟକତା ରହିଛି। ଏକଥାକୁ ହୃଦୟଙ୍ଗମ କରି ୧୯୨୪ ଅକ୍ଟୋବର ୩୦ରେ ଇଟାଲୀର ମିଲାନରେ ପ୍ରଥମ ଥର ପାଇଁ ଆୟୋଜିତ 'ଇଣ୍ଟରନ୍ୟାସନାଲ ଥ୍ରିଫ୍ଟ କଂଗ୍ରେସ'ରେ ୩୧ ଅକ୍ଟୋବରକୁ ବିଶ୍ୱ ମିତବ୍ୟୟତା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ସଞ୍ଚୟ କରିବା ନିହାତି ଜରୁରି। ସାରା ବିଶ୍ୱରେ ସଞ୍ଚୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଏହି ଦିନ ବ୍ୟାଙ୍କ ଓ ବିଭିନ୍ନ ଏନ୍‌ଜିଓଗୁଡ଼ିକ ତରଫରୁ ସଞ୍ଚୟ କରିବା ନିମନ୍ତେ ଲୋକଙ୍କୁ ପୋତ୍ସାହିତ କରାଯାଏ।

## ଆଜିର ଇତିହାସ

- ୧୮୮୩- ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦେହାନ୍ତ।
- ୧୯୨୫- ପ୍ରଥମ ଥର ପାଇଁ ଲଣ୍ଡନରେ ଟେଲିଭିଜନ୍ ପ୍ରସାରଣ ସେବା ଆରମ୍ଭ ହେଲା।
- ୧୯୫୬-ଦିଲ୍ଲୀରେ ଦେଶର ପ୍ରଥମ ପଞ୍ଚତାରକା ହୋଟେଲ 'ଅଶୋକ' ଖୋଲିଲା।
- ୧୯୬୦- ବ୍ରିଟେନରେ ପ୍ରଥମ ଥର ସଫଳତା ପୂର୍ବକ ବୃକକ୍ ପ୍ରତ୍ୟାରୋପଣ କରାଗଲା।
- ୨୦୦୩- ବ୍ରିଟେନର ଯୁବରାଜ ପ୍ରିନ୍ସ ଚାର୍ଲସ୍ ଭାରତ ଯାତ୍ରାରେ ଆସିଲେ।
- ୨୦୧୩- ତେଲଙ୍ଗାନାର ମେହେବୁବ ନଗରରେ ବସ୍‌ରେ ନିଆଁ ଲାଗିବାରୁ ପାଖାପାଖି ୪୪ ଜଣଙ୍କ ମୃତ୍ୟୁ।



# ଖାଦ୍ୟକୁ ୩୦-୪୦ ଥର ଚୋବାଇ ଖାଇବା ଭଲ

ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବାକୁ ପରାମର୍ଶ ଦିଆଯାଏ। ତେବେ ଖାଦ୍ୟକୁ ଠିକ୍ ଭାବେ ଚୋବାଇ ଖାଇବା ଦ୍ୱାରା ଭଲ ଭାବେ ହଜମ ହୋଇଥାଏ। କେବଳ ସେତିକି ନୁହେଁ, ଏହି ଛୋଟିଆ ଅଭ୍ୟାସ ଓଜନ ହ୍ରାସ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଉପଯୋଗୀ। ସେହିପରି ଖାଦ୍ୟକୁ କେତେ ସମୟ ଚୋବାଇ ଖାଇବା ଦରକାର, ତାହା ହୁଏତ ଅନେକେ ଜାଣି ନ ଥିବେ। ପ୍ରତ୍ୟେକ ଖାଦ୍ୟକୁ ୩୦-୪୦ ଥର ଚୋବାଇବା ଉଚିତ। ଏହାଦ୍ୱାରା ଖାଦ୍ୟ ଛୋଟ ଛୋଟ ଖଣ୍ଡରେ ପରିଣତ ହୁଏ। ଫଳରେ ଖାଦ୍ୟ ସହଜରେ ହଜମ ହୋଇଯାଏ। ଏହାସହ ଶରୀରର ପୋଷକ ତତ୍ତ୍ୱକୁ ଭଲ ଭାବେ ଅବଶୋଷିତ କରିବାରେ ସାହାଯ୍ୟ କରେ। ବେଳେବେଳେ ମଣିଷ ଆବଶ୍ୟକତାଠୁ ଅଧିକ ଖାଇ ଦିଏ। ଏହା ଯୋଗୁଁ ଓଜନ ବୃଦ୍ଧି ପାଏ। 'ଦ ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିସନ୍'ରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡ଼ିଥିଲା ଯେ, ଯେଉଁମାନେ ପ୍ରତ୍ୟେକ ଖାଦ୍ୟକୁ ୪୦ ଥର ଚୋବାଇ ଖାଆନ୍ତି, ସେମାନେ ୧୫ ଥର ଖାଦ୍ୟ ଚୋବାଇ ଖାଉଥିବା ଲୋକଙ୍କ ତୁଳନାରେ ପ୍ରାୟ ୧୨ ପ୍ରତିଶତ କମ୍ ଖାଆନ୍ତି। ଖାଦ୍ୟକୁ ଧୀରେ ଧୀରେ ଏବଂ ଭଲ ଭାବରେ ଚୋବାଇ ଖାଇବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ହ୍ରାସ ପାଏ ଏବଂ ଓଜନ ନିୟନ୍ତ୍ରଣରେ ରୁହେ। ଅପରପକ୍ଷରେ ଖାଦ୍ୟକୁ ଭଲଭାବେ ଚୋବାଇ ଖାଇବା ଦ୍ୱାରା ସ୍ୱାଦକୁ ଭଲଭାବେ ଜାଣି ହୋଇଥାଏ। ଖାଦ୍ୟକୁ ଅଧିକ ଚୋବାଇ ଖାଇବା ଦ୍ୱାରା ଶରୀରର ଭୋକ ଏବଂ ପେଟ ଭରିବାର ପ୍ରକ୍ରିୟାକୁ ମଧ ଭଲ ଭାବରେ ବୁଝି ହୁଏ। ଫଳରେ ସୁସ୍ଥ ଖାଦ୍ୟାଭ୍ୟାସର ଧାରା ବିକଶିତ ହୁଏ। ଚୋବାଇ ଖାଇବା ଦ୍ୱାରା ଏହାର ପ୍ରଭାବ କେବଳ ପାଚନ ଉପରେ ପଡ଼ି ନ ଥାଏ, ବରଂ ମେଟାବଲିଜିମ୍ ଉପରେ ବି ଭଲ ପ୍ରଭାବ ପଡ଼େ। ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବା ହେଉଛି ହଜମ ପ୍ରକ୍ରିୟାର ପ୍ରଥମ ସୋପାନ। ତା'ସହ ଭଲ ଭାବେ ଖାଦ୍ୟ ଚୋବାଇ ଖାଇଲେ, ଖାଇବା ପରେ ସନ୍ତୋଷ ପ୍ରାପ୍ତ ହୁଏ। ଏହାଦ୍ୱାରା ଖାଦ୍ୟର ମାତ୍ରାକୁ ନିୟନ୍ତ୍ରିତ କରିବା ଏବଂ କ୍ୟାଲୋରି କମ୍ କରିବାରେ ସାହାଯ୍ୟ ମିଳେ। ଖାଦ୍ୟ ଢୋକିବା ବା ଗିଳିବା ପୂର୍ବରୁ ଯେଉଁମାନେ ଏହାକୁ ଚୋବାଇ ବାରମ୍ବାର ଖାଆନ୍ତି, ସେମାନେ କମ୍ ଚୋବାଇ ଖାଉଥିବା ଲୋକଙ୍କ ତୁଳନାରେ କମ୍ କ୍ୟାଲୋରି ଗ୍ରହଣ କରନ୍ତି। ମାଂସ ଓ ପନିପରିବାକୁ ଭଲ ଭାବେ ଚୋବାଇ ଖାଇବା ଦରକାର। ଏପରିକି ୪୦-୪୫ ଥର ଚୋବାଇ ଖାଇଲେ ଭଲ। ଢୋକିବା ପୂର୍ବରୁ ଏହାକୁ ସେପର୍ଯ୍ୟନ୍ତ ଚୋବାଇବା ଦରକାର, ଯେଉଁଳି ଏହା ପାଟିରେ ନ ମିଶି ଯାଇଛି।

# ଦୀପାବଳିର ମାସେ ପରେ 'ବୁଢ଼ି ଦୀପାବଳି'

ହିନ୍ଦୁ ଧର୍ମରେ ଦୀପାବଳି ପର୍ବର ବିଶେଷ ମହତ୍ତ୍ୱ ରହିଛି। ଆଲୋକର ପର୍ବ ଦୀପାବଳିକୁ ସମସ୍ତେ ବେଶ୍ ଉତ୍ସାହର ସହ ପାଳନ କରନ୍ତି। ଦୀପ ଆଲୋକରେ ନିଜ ଘରଦ୍ୱାର ସଜାନ୍ତି। ହେଲେ ଆମ ଦେଶରେ ଏମିତି ଏକ ସ୍ଥାନ ଅଛି, ଯେଉଁଠି ଦୀପାବଳି ପାଳନର ମାସକ ପରେ ପୁଣି ଥରେ ଦୀପାବଳି ପାଳନ କରାଯାଏ। ଏହାକୁ 'ବୁଢ଼ି ଦୀପାବଳି' କୁହାଯାଏ। ହିମାଚଳ ପ୍ରଦେଶର ସିରମୌର, କୁଲ୍ଲୁ, ସିମଲା ଏବଂ ଲାହୌଲ-ସ୍ପିତି ଆଦି ଜିଲ୍ଲାରେ ଏହି ସ୍ୱତନ୍ତ୍ର ଦୀପାବଳି ପାଳନ କରାଯାଏ। ଧାର୍ମିକ ମାନ୍ୟତା ଅନୁସାରେ, ପ୍ରଭୁ ରାମଚନ୍ଦ୍ର ଅଯୋଧ୍ୟା ଫେରିବା ପରେ ଦୀପାବଳି ପାଳନ କରାଯିବାର ଖବର ମାସକ ପରେ ହିମାଳୟ ର ଉଚ୍ଚ ପାହାଡଗୁଡ଼ିକରେ ପହଞ୍ଚିଥିଲା। ଲୋକମାନେ ବିଳମ୍ବରେ ଖବର ପାଇ ବି ହାତରେ ମଶାଲ ଧରି ନାଚ ଗୀତ କରି ଖୁସିରେ ମିଠା ବାଣ୍ଟିଥିଲେ। ସେବେଠୁ ଏଠାକାର ଲୋକେ 'ବୁଢ଼ି ଦୀପାବଳି' ପାଳନ କରି ଆସୁଛନ୍ତି। ତେବେ ଏହା ମାର୍ଗଶୀର ମାସର ଅମାବାସ୍ୟା ଦିନ ପାଳନ କରାଯାଏ। ଏହାକୁ ଦୀପାବଳିର ବିଳମ୍ବିତ ଆନନ୍ଦର ପ୍ରତୀକ ଭାବେ ବିବେଚନା କରାଯାଏ। ଏହି ଦୀପାବଳିର ପ୍ରମୁଖ ପରମ୍ପରା ହେଉଛି ମଶାଲ ଯାତ୍ରା। ଏହି ଦିନ ଲୋକେ ହାତରେ ମଶାଲ ଜଳାଇ ଗାଁ' ଗାଁ ବୁଲନ୍ତି। ଯଦ୍ୱାରା ପୂରା ଘାଟି ଆଲୋକରେ ଝଲସିଉଠେ। ଏହି ସମୟରେ ଲୋକେ ଲୋକଗୀତ, ନାଟକ, ନୃତ୍ୟ ଆଦି ପ୍ରସ୍ତୁତ କରିଥାନ୍ତି। ଏଠାକାର ଲୋକେ ପରସ୍ପରକୁ ମୁଢ଼ି, ଚୁଡ଼ା, ପାମ୍ପଡ଼, ଅଖରୋଟ ଆଦି ପାରମ୍ପରିକ ଖାଦ୍ୟ ଜିନିଷ ବାଣ୍ଟି ଶୁଭେଚ୍ଛା ଜଣାନ୍ତି। ଏହି ପର୍ବ ପାଖାପାଖି ୪ଦିନ ଧରି ଚାଲେ। ବୁଢ଼ି ଦୀପାବଳିରେ ବାଣ ଫୁଟାଇବା ବଦଳରେ ପୂଜା, ଭକ୍ତି ଏବଂ ସାମୂହିକ ଉତ୍ସବକୁ ଗୁରୁତ୍ୱ ଦିଆଯାଏ।



# ଦାଢ଼ି ବଢ଼ାଇ ବିଶ୍ୱ ରେକର୍ଡ

ଆମେରିକାର ଆଲବାମାରେ ରହୁଥିବା ରୁଡୋଲଫ୍ ମାର୍ଟିନୋ ଲମ୍ବା ଦାଢ଼ି ରଖି ଗିନିଜ୍ ବିଶ୍ୱ ରେକର୍ଡରେ ସାମିଲ ହୋଇଛନ୍ତି। ଗିନିଜ୍ ରେକର୍ଡ ମୁତାବିକ, ତାଙ୍କ ଦାଢ଼ିର ଲମ୍ବ ୩ ଫୁଟ ୬ ଇଞ୍ଚ। ମାର୍ଟିନୋ କାର୍ଲିଫର୍ଣ୍ଣିଆର ବାସିନ୍ଦା। ୨୦୧୫ ମସିହାରେ ସେ ବର୍ମିଙ୍ଘମ ଚାଲି ଆସିଥିଲେ। ତେବେ ସେ ଦୀର୍ଘ ୧୦ ବର୍ଷ ହେଲାଣି ତାଙ୍କ ଦାଢ଼ି ବଢ଼ାଇ ଚାଲିଛନ୍ତି। ଏନେଇ ମାର୍ଟିନୋ କୁହନ୍ତି, ଏହା ଏକ ଆଧ୍ୟାତ୍ମିକ ଯାତ୍ରା। ଯେମିତି ଫୁଲ, ଫଳ, ପତ୍ର ଗୋଟିଏ ଗଛର ଶକ୍ତି , ଦାଢ଼ି ତାଙ୍କୁ ସେହିପରି ଅନୁଭବ ଦେଇଥାଏ ବୋଲି ମାର୍ଟିନୋ କହିଛନ୍ତି। ଭାରତର ସାଧୁସନ୍ଥଙ୍କଠାରୁ ପ୍ରେରିତ ହୋଇ ସେ ଏଭଳି ଦାଢ଼ି ରଖିଥିବା ମାର୍ଟିନୋ କହିଛନ୍ତି। ଗିନିଜ ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ପରେ ସେ ତାଙ୍କ ହେୟାର ଷ୍ଟାଇଲିଷ୍ଟ ସହ ଏହି ଖୁସିକୁ ପାଳନ କରିଥିଲେ। ଅନ୍ୟପଟେ ଏହି ରେକର୍ଡ ବନାଇବା ଆଦୌ ସହଜ ନ ଥିଲା ବୋଲି ମାର୍ଟିନୋ କୁହନ୍ତି । ପ୍ରତି ସପ୍ତାହରେ ତାଙ୍କୁ ଦାଢ଼ି ଧୋଇବାକୁ ପାଖାପାଖି ୩୦ ମିନିଟ୍ ସମୟ ଲାଗିଥାଏ। ସେହିଭଳି ଦାଢ଼ି ଶୁଖିବାକୁ ତାଙ୍କୁ ଦୁଇରୁ ତିନି ଦିନ ସମୟ ଲାଗିଯାଏ। ସେ ପ୍ରତିଦିନ ଦାଢ଼ିରେ ମଏଶ୍ଚରାଇଜର ଲଗାନ୍ତି। ସ୍ୱତନ୍ତ୍ର ପ୍ରକାର ସାମ୍ପୁ ଏବଂ କଣ୍ଡିସନର ଉପଯୋଗ କରନ୍ତି। ଅଧିକାଂଶ ସମୟରେ ସେ ଦାଢ଼ିକୁ ସାର୍ଟ ଭିତରେ ଲୁଚାଇ ଦିଅନ୍ତି। ଭବିଷ୍ୟତରେ ମଧ ସେ ନିଜର ଦାଢ଼ି କାଟିବେନି ବୋଲି କହିଛନ୍ତି।



# ଜନ୍ମଦିନ ପାଇଁ ୨ ଦିନ ଛୁଟି

ସମସ୍ତେ ନିଜର ଜନ୍ମଦିନକୁ ବେଶ୍ ଧୂମ୍‌ଧାମ୍‌ରେ ପରିବାର ସଦସ୍ୟଙ୍କ ଗହଣରେ ପାଳିବାକୁ ଇଚ୍ଛା କରିଥାନ୍ତି। କର୍ପୋରେଟ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ନିଜ ଜନ୍ମଦିନ ପାଳନ କରିବା ପାଇଁ ଛୁଟି ନେବା ସହଜ ହୋଇ ନ ଥାଏ। ତେବେ କର୍ମଚାରୀମାନଙ୍କର ଏଭଳି ଦୁଃଖକୁ ଦେଖି ଏକ କମ୍ପାନି ନିଆରା ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀର ପ୍ରତିଷ୍ଠାତା ଅଭିଜିତ୍ ଚକ୍ରବର୍ତ୍ତୀ କମ୍ପାନିର ଏହି ନୀତି ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି। 'ବାର୍ଥଡେ ପ୍ଲସ୍ ୱାନ୍' ନାମକ କମ୍ପାନିର ଏହି ନିୟମ ଅନୁଯାୟୀ, କର୍ମଚାରୀଙ୍କୁ ପ୍ରତିବର୍ଷ ଅନ୍ୟ ଛୁଟି ସହିତ ଦୁଇଟି ଅତିରିକ୍ତ ଛୁଟି ପ୍ରଦାନ କରାଯାଏ। କର୍ମଚାରୀ ନିଜର ତଥା ନିଜର କୌଣସି ଆତ୍ମୀୟ ସ୍ୱଜନଙ୍କ ଜନ୍ମଦିନରେ ଛୁଟି ନେଇପାରିବେ। ଏନେଇ ଅଭିଜିତ୍ ଲିଙ୍କଡିନ୍‌ରେ ଲେଖିଛନ୍ତି, 'ଆମେ 'ବାର୍ଥଡେ ପ୍ଲସ୍ ୱାନ୍' ଅବକାଶ ନୀତିର ଶୁଭାରମ୍ଭ କରିଛୁ। ନିୟମ ଅନୁଯାୟୀ, କର୍ମଚାରୀଙ୍କୁ ବର୍ଷକୁ ଦୁଇଟି ଅତିରିକ୍ତ ଛୁଟି ମିଳିବ। ଏଥିରେ କର୍ମଚାରୀ ନିଜ ଜନ୍ମଦିନ ସହ ପ୍ରିୟଜନଙ୍କ ଜନ୍ମଦିନ ପାଇଁ ଛୁଟି ନେଇ ପାରିବେ। ତେବେ ଏହା କର୍ମଚାରୀଙ୍କ ଅନ୍ୟ ଛୁଟି ଉପରେ ପ୍ରଭାବ ପକାଇବ ନାହିଁ।' ସେ ଏହା ମଧ କହିଛନ୍ତି ଯେ, 'କ୍ୟାରିୟର ଆରମ୍ଭରେ ଯେତେବେଳେ ତାଙ୍କ ବସ୍‌ଙ୍କୁ ଜନ୍ମଦିନରେ ଛୁଟି ନେବା ପାଇଁ କହୁଥିଲେ ସେ ତାଙ୍କୁ ଏକ ଅଲଗା ଅନ୍ଦାଜରେ ଦେଖୁଥିଲେ। ଯାହାକି ତାଙ୍କୁ ଆଦୌ ଭଲ ଲାଗୁ ନ ଥିଲା। ସେଥିପାଇଁ 'ବାର୍ଥଡେ ପ୍ଲସ୍ ୱାନ୍' ଛୁଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଦ୍ୱାରା ଜଣେ ନିଜ ପ୍ରିୟଜନଙ୍କ ଜନ୍ମଦିନ ପାଇଁ ପୂର୍ବରୁ କିଛି ଯୋଜନା କରିପାରିବେ। ଆଗାମୀ ଦିନରେ 'ବାର୍ଥଡେ ପ୍ଲସ୍ ଟୁ ' ଯୋଜନା କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି।' ଅଭିଜିତ୍ ସାମାଜିକ ଗଣମାଧ୍ୟମରେ ଏହି ଛୁଟି ବିଷୟରେ ଜଣାଇବା ପରେ ତାଙ୍କର ଏଭଳି ପଦକ୍ଷେପକୁ ଲୋକେ ପ୍ରଶଂସା କରିଛନ୍ତି। ନିଜର ତଥା ନିଜ ପ୍ରିୟଜନଙ୍କ ପାଇଁ ଛୁଟି ନେବା କିଛି ଭୁଲ୍ କଥା ନୁହେଁ ବୋଲି ଅନେକ ଲେଖିଛନ୍ତି। ଆଉ କେତେଜଣ ନିଜ ସହିତ ପ୍ରିୟଜନଙ୍କ ଜନ୍ମଦିନରେ ଛୁଟି ମିଳିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ସେହିପରି ଆଗାମୀ ଦିନରେ ଅଧିକାଂଶ କମ୍ପାନି ଏଭଳି ଛୁଟି ରଖିବେ ବୋଲି ଅନେକ ପ୍ରତିକ୍ରିୟା ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟି ଚିନ୍ତାଜନକ ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହେଲେ ବି ନୂତନ ଦାୟିତ୍ୱ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିବେଶ ଲାଗି ଅନୁକୂଳ ସମୟ।

**ବୃଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ମିଳିବ। ଭାବିଚିନ୍ତି କାମ କରିବେ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ନୂଆ ନିବେଶ କରିବେ। ଜମିବାଡ଼ି କାର୍ଯ୍ୟରେ ସମସ୍ୟା ଆସିବ। ପ୍ରେମ ଜୀବନରେ ବାଧା ଆସିପାରେ।

**କର୍କଟ:** ଘରେ ମାଙ୍ଗଳିକ କାର୍ଯ୍ୟ କରିବେ। ନୂତନ ଚାକିରି ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପରିବାର ସହିତ ସମୟ ଅତିବାହିତ କରିବେ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବେ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ବିଦେଶ ଭ୍ରମଣର ସୁଯୋଗ ମିଳିବ। ବନ୍ଧୁଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଆଇଟି କ୍ଷେତ୍ରରେ ନୂଆ ସୁଯୋଗ ମିଳିବ।

**କନ୍ୟା:** ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ପାରିବାରିକ ସମସ୍ୟା ଦୂର ହେବ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଦୂର ହେବ। ଅଫିସ୍‌ରେ ପଦୋନ୍ନତି ମିଳିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ତୁଟିବ। ପ୍ରେମ ଜୀବନରେ ତିକ୍ତତା ଆସିବ। ବ୍ୟବସାୟ ଲାଗି ନୂଆ ଯୋଜନା କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ।

**ବିଛା:** କୌଣସି ଖୁସି ଖବର ମିଳିବ। ପରିବାର ସହ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଭାବିଚିନ୍ତି ନିବେଶ କରିବେ।

**ଧନୁ:** ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମକର:** ଜମି କିଣାବିକାକୁ ନେଇ ସମସ୍ୟା ଦେଖା ଦେବ। ବନ୍ଧୁ ସମସ୍ୟାରେ ପକାଇ ପାରନ୍ତି। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କୁମ୍ଭ:** ଦିନଟି ଶୁଭଫଳ ପ୍ରଦାନ କରିବ। ପାରିବାରିକ ଜୀବନ ସୁଖମୟ ହେବ। ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ। ଚାକିରି ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ।

**ମୀନ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚାକିରିରୁ ନେଇ ଚିନ୍ତାରେ ରହିବେ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ।

**ମହିଳା ବିଶ୍ୱକପ୍** | ୱଲ୍‌ଭାର୍ଟଙ୍କ ଶତକ, କାପ୍‌ଙ୍କୁ ୫ ୱିକେଟ୍

# ଫାଇନାଲରେ ଦକ୍ଷିଣ ଆଫ୍ରିକା

ଗୌହାଟୀ, ୨୯।୧୦(ସମିସ):

ପ୍ଲେୟର ଅଫ୍ ଦି ମ୍ୟାଚ୍ ଲୌରା ୱଲଭାର୍ଟଙ୍କ ଦମ୍‌ଦାର ଶତକ ଓ ମାରିଜାନ କାପଙ୍କ ଅଲରାଉଣ୍ଡ ସଫଳତା ବଳରେ ଇଂଲଣ୍ଡକୁ ୧୨୫ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ପ୍ରଥମଥର ମହିଳା ବିଶ୍ୱକପ୍ କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ଗୁରୁବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଦକ୍ଷିଣ ଆଫ୍ରିକା ରବିବାର ଟାଇଟଲ ଲାଗି ଲଢ଼େଇ କରିବ। ଗୁଆହାଟୀର ବର୍ଷାପରା ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଧିନାୟିକା ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ଛକା ସହ ୧୬୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟରେ ୩୧୯ ରନ୍ କରିଥିଲା। ୩୨୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ମାରିଜାନ କାପଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ୪୨.୩ ଓଭରରେ ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। କାପ୍ ୨୦ରନ୍‌ରେ ୫ ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିବାବେଳେ ଦକ୍ଷିଣ ଆଫ୍ରିକାକୁ ଫାଇନାଲରେ ପ୍ରବେଶ କରାଇଥିଲେ। ୪୪ଜଣ ଖେଳାଳିଙ୍କୁ ଆଉଟ କରି କାପ୍ ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ ନେବାର ରେକର୍ଡ କରିଛନ୍ତି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ଅଧିନାୟିକା ନାତାଲି ସିଭର ବ୍ରଣ୍ଟ ସର୍ବାଧିକ ୬୪, ଆଲିସେ କାପ୍‌ସି ୫୦ ରନ୍ କରିଥିଲେ।



ଲୌରା ୱଲଭାର୍ଟ
ରନ୍- ୧୬୯
ବଲ୍-୧୪୩
ଚୌକା- ୨୦
ଛକା- ୪

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବା ପରେ ଅଧିନାୟିକା ୱଲଭାର୍ଟ ଓ ତାଜମିନ୍ ବ୍ରିଟସ ପ୍ରଥମ ୱିକେଟରୁ ୧୧୬ ରନ୍ ଉଠାଇ ଭଲ ଆରମ୍ଭ କରିଥିଲେ। ୪୫ ରନ୍‌ରେ ତାଜମିନ୍‌ଙ୍କ ଆଉଟ ସହ ଦକ୍ଷିଣ ଆଫ୍ରିକା ୩ ରନ୍‌ରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। କିନ୍ତୁ ଗୋଟିଏ ପଟେ ଦୃଢ଼ତାର ସହ ଖେଳୁଥିବା ୱଲଭାର୍ଟ ଚତୁର୍ଥ ୱିକେଟରେ କାପଙ୍କ ସହ ୭୨ ଏବଂ ୭ମ ୱିକେଟରେ ଚୋଲେ ଟ୍ରାୟନଙ୍କ ସହ ୮୯ ରନ୍ ଉଠାଇଥିଲେ। ଏହି ଭାଗୀଦାରି ଯୋଗୁଁ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ୩୧୯ ରନ୍ କରି ବିଶ୍ୱକପ୍ ନକ୍‌ଆଉଟରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ। ୱଲଭାର୍ଟ ୧୪୩ ବଲ୍‌ରୁ ୨୦ ଚୌକା ଓ ୪ ଛକା ସହ ୧୬୯ ରନ୍ କରି ୭ମ ଖେଳାଳି ଭାବେ ଆଉଟ ହୋଇଥିଲେ। ଇଂଲଣ୍ଡର ଇକ୍ଲେଷ୍ଟନଙ୍କୁ ସର୍ବାଧିକ ୪ଟି ଓ ଲୌରେନ ବେଲ୍‌ଙ୍କୁ ୨ଟି ୱିକେଟ ମିଳିଥିଲା। ଏହା ପୂର୍ବରୁ ଦକ୍ଷିଣ ଆଫ୍ରିକା ୨୦୦୦, ୨୦୧୭ ଓ ୨୦୨୨ରେ ସେମିଫାଇନାଲରୁ ବିଦା ହୋଇଥିଲା।

# ଭାରତ-ଅଷ୍ଟ୍ରେଲିଆ ଦ୍ୱିତୀୟ ସେମିଫାଇନାଲ୍ ଲଢ଼େଇ ଆଜି

**ନଭି ମୁମ୍ବାଇ,୨୯।୧୦(ଏଜେନ୍ସି):** ଭାରତରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ଆୟୋଜକ ଭାରତ ଓ ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ସହ ଏଠାରେ ଗୁରୁବାର ଖେଳାଯିବ। ଘରୋଇ ମାଟିରେ ଖେଳୁଥିବା ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ଭଲ ଆରମ୍ଭ କରିବା ପରେ ଆୟୋଜକ ଭାରତ ହ୍ୟାଟ୍ରିକ୍ ପରାଜୟବରଣ କରି ପ୍ରତିଯୋଗିତାରେ ନିଜର ଦୁର୍ବଳତା ପ୍ରକାଶ କରିଥିଲା। କେବଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବିଜୟୀ ହେବା ଓ ବର୍ଷା ସାହାଯ୍ୟରେ ଭାରତ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ଦଳର ମୁକାବିଲା ହେଉଛି ଅପରାଜେୟ ଅଷ୍ଟ୍ରେଲିଆ ସହ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଉ ଏକ ଟାଇଟଲ ଜିତିବା ଭଳି ଖେଳୁଛି। ବର୍ଷା ଯୋଗୁଁ ଗୋଟିଏ ବାତିଲ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ବିଜୟ ହାସଲ କରିଛି ଅଷ୍ଟ୍ରେଲିଆ। ରନ୍ ଚେଜ୍ ହେଉ କିମ୍ବା ଡିଫେଣ୍ଡ ସବୁଥିରେ ଅଷ୍ଟ୍ରେଲୀୟମାନେ କଳା କୌଶଳ ଦେଖାଇ ବିଜୟକୁ ଏକ ଧାରାରେ ପକାଇଦେଇଛନ୍ତି। ଆସନ୍ତାକାଲି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟୀ ହେଲେ କେହି ଆଶ୍ଚର୍ଯ୍ୟ ହେବେ ନାହିଁ, ବରଂ ଭାରତ ବିଜୟୀ ହେଲେ ଏହାକୁ ନେଇ ଢ଼େର ଚର୍ଚ୍ଚା ହେବ।

**ଆଜିର ମ୍ୟାଚ୍**
**ଭାରତ - ଅଷ୍ଟ୍ରେଲିଆ**
ଆରମ୍ଭ : ଅପରାହ୍ଣ ୩ଟା
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ଏହି ଚର୍ଚ୍ଚା କରିବାକୁ ହେଲେ ଶେଷ ବିଶ୍ୱକପ୍ ଖେଳୁଥିବା ହରମନପ୍ରୀତ୍ କୌରଙ୍କୁ ତାଙ୍କ ଖେଳରେ ଉନ୍ନତି ଆଣିବାକୁ ହେବ। ୨୦୧୭ ସେମିଫାଇନାଲରେ ହରମନପ୍ରୀତ୍‌ଙ୍କ ୧୭୧ ରନ୍ ଭାରତରେ ମହିଳା କ୍ରିକେଟର ଭାଗ୍ୟ ଖୋଲିଦେଇଥିଲା। ଏହି ଇନିଂସ ହିଁ ହରମନପ୍ରୀତ୍‌ଙ୍କୁ ଜଣେ ସାଧାରଣ ଖେଳାଳିରୁ ସୁପରଷ୍ଟାର ବନାଇଦେଇଥିଲା। ଏହା ପରେ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଖେଳାଯାଇଥିବା ମ୍ୟାଚ୍‌ରେ ହରମନପ୍ରୀତ୍‌ଙ୍କ ୱିକେଟ ହିଁ ଫଳାଫଳ ନିର୍ଣ୍ଣୟ କରିବାରେ ମୁଖ୍ୟ ଭୂମିକା ନେଇଆସିଛି। ଏହି ବିଶ୍ୱକପ୍‌ରେ ମଧ୍ୟ ହରମନପ୍ରୀତ୍‌ଙ୍କ ଇନିଂସ ଇଂଲଣ୍ଡ ବିପକ୍ଷରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣୟ କରିଥିଲା। ଏବେ ସେ ଫର୍ମରେ ନାହାନ୍ତି। କିନ୍ତୁ ତାଙ୍କ ଉପରେ ହିଁ ଭାରତର ଅଷ୍ଟ୍ରେଲିଆ ବିଜୟ ନିର୍ଭର କରୁଛି।



■ ୧୯ ବର୍ଷରୁ କମ୍ ମହିଳା ଟି-୨୦

# ତୃତୀୟ ମୁକାବିଲାରେ ଓଡ଼ିଶାର ପ୍ରଥମ ବିଜୟ

**ଭୁବନେଶ୍ୱର,୨୯।୧୦(ସମିସ):** ୧୯ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ବୁଧବାର ଖେଳାଯାଇଥିବା ତୃତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ପଡୋଶୀ ଝାଡଖଣ୍ଡକୁ ୧୮ ରନ୍‌ରେ ପରାସ୍ତ କରି କ୍ରମାଗତ ପରାଜୟ ଧାରାକୁ ଭାଙ୍ଗିବାରେ ସମର୍ଥ ହୋଇଛି। ପୂର୍ବରୁ ଖେଳାଯାଇଥିବା ଦୁଇଟି ଲିଗ୍ ମ୍ୟାଚ୍ ମଧ୍ୟରୁ ଓଡ଼ିଶା ପ୍ରଥମେ ସୌରାଷ୍ଟ୍ରଠାରୁ ୨ ୱିକେଟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତର ପ୍ରଦେଶଠାରୁ ୯ ୱିକେଟରେ ଦୟନୀୟ ଭାବେ ପରାଜିତ ହୋଇଥିଲା। କିନ୍ତୁ ତୃତୀୟ ମ୍ୟାଚ୍‌ରେ ଶ୍ରେୟା ପ୍ରିୟଦର୍ଶିନୀ ଓ ପ୍ରିୟଦର୍ଶିନୀ ପରମାଣିକଙ୍କ ସୁନ୍ଦର ବୋଲିଂ ସହାୟତାରେ ଓଡ଼ିଶା ପ୍ରଥମଥର ଏହି ଟୁର୍ଣ୍ଣାମେଣ୍ଟରେ ବିଜୟର ସ୍ୱାଦ ଚାଖିଛି।

ଭିଲାଇରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୧୯.୩ ଓଭରରେ ମାତ୍ର ୭୦ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆଞ୍ଜେଲ ରାଜ ୨୪ ଓ ଅନନ୍ୟା ରାଉତ ୧୪ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ନେହା କୁମାରୀ ଓ ବୃଷ୍ଟି କୁମାର ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଝାଡଖଣ୍ଡ ୧୬ ଓଭରରେ ମାତ୍ର ୫୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟା ପ୍ରିୟଦର୍ଶିନୀ ୧୭ ରନ୍‌ରେ ୪ଟି ଓ ପ୍ରିୟଦର୍ଶିନୀ ପରମାଣିକ ୧୨ ରନ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାକୁ ଏହି ଆବଶ୍ୟକ ବିଜୟ ଭେଟିଦେଇଥିଲେ।



ଶ୍ରେୟା ପ୍ରିୟଦର୍ଶିନୀ ଓ ପ୍ରିୟଦର୍ଶିନୀ ପରମାଣିକ

# ଚେସ୍ ବିଶ୍ୱକପ୍ କମିଟିର ସଦସ୍ୟ ହେଲେ ଦେବବ୍ରତ ଭଞ୍ଜ

**ଭୁବନେଶ୍ୱର,୨୯।୧୦(ସମିସ):** ଅଲ୍ ଓଡ଼ିଶା ଚେସ ସଂଘ (ଏଓସିଏ) ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଗୋଆରେ ଅକ୍ଟୋବର ୩୧ରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଚେସ ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଛି। ଏହି ବିଶ୍ୱକପ୍ ଆୟୋଜନ କମିଟିର ଅନ୍ୟତମ ସଦସ୍ୟଭାବେ ଏଓସିଏ ପକ୍ଷରୁ ସମ୍ପାଦକ ଭଞ୍ଜଙ୍କୁ ମନୋନୀତ କରାଯାଇଛି। ବିଶ୍ୱକପ୍ ପୂର୍ବରୁ ଏଆଇସିଏଫ୍‌ର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଭଞ୍ଜଙ୍କ ସହ ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ରୀତେଶ କୁମାର ରଥ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶ୍ୱକପ୍‌ରେ ଭାରତରୁ ଗ୍ରାଣ୍ଡମାଷ୍ଟର ଡି ଗୁକେଶ, ଆର୍ ପ୍ରଜ୍ଞାନନ୍ଦ, ମହିଳା ବିଭାଗରେ ଦିବ୍ୟା ଦେଶମୁଖ ପ୍ରମୁଖ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଚେସ ସମୁଦାୟ ଭାରତୀୟ ଖେଳାଳିଙ୍କ ସଫଳତା ଶୁଭକାମନା କରିଛନ୍ତି।



# ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ୍ ୩୧ରୁ

**ଭୁବନେଶ୍ୱର,୨୯।୧୦(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ସିନିୟର ମହିଳା ଫିଡେ ରେଟିଂ ଚେସ ପ୍ରତିଯୋଗିତା ଆୟୋଜନ କରିବ। ଏହି ପ୍ରତିଯୋଗିତା ଗରାପୁରସ୍ଥିତ ସ୍ୱୟଂସିଦ୍ଧା ଶୀତତାପ ନିୟନ୍ତ୍ରିତ ହୋଟେଲ ପରିସରରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ତାରିଖଯାଏ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୫୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ଚାମ୍ପିଅନ ଖେଳାଳିଙ୍କୁ ଟ୍ରଫି ସହ ନଗଦ ୧୫,୦୦୦, ପ୍ରଥମ ରନର୍ସ ଅପ୍‌ଙ୍କୁ ଟ୍ରଫି ସହ ୧୦,୦୦୦ ଓ ଦ୍ୱିତୀୟ ରନର୍ସଅପ୍‌ଙ୍କୁ ଟ୍ରଫି ସହ ନଗଦ ୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରଥମ ୧୫ ଜଣ ଖେଳାଳିଙ୍କୁ ମଧ୍ୟ ସମାନୁପାତରେ ଅର୍ଥରାଶି ପ୍ରଦାନ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସଭାପତି କିଶୋର ଚନ୍ଦ୍ର ପଣ୍ଡା ଜଣାଇଛନ୍ତି। ଏଥିରେ ଭାଗନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୫୦୦ ଟଙ୍କାର ଏଣ୍ଟ୍ରି ଫି ସହ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସଂଘ ସମ୍ପାଦକ ଭବେଶ ମହାନ୍ତି (ଫୋନ ନଂ- ୯୯୩୭୮୮୬୩୭୨) କିମ୍ବା କୋଷାଧକ୍ଷ ନାରାୟଣ ଦାସ (ମୋ-୯୯୩୭୪-୬୬୭୫୫)ଙ୍କୁ ଅକ୍ଟୋବର ୩୦ ତାରିଖ ସକାଳ ୧୦ଟା ସୁଦ୍ଧା ନାମ ପଞ୍ଜିକରଣ କରାଇନେବାକୁ ଅନୁରୋଧ କରାଯାଇଛି।

ସିକେ ନାଇଡୁ ଟ୍ରଫି | **ବର୍ଷାରେ ଓଡ଼ିଶା-ଆସାମ ମ୍ୟାଚ୍ ଡ୍ର**

**କଟକ,୨୯।୧୦(ସମିସ):** ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ସିକେ ନାଇଡୁ ଟ୍ରଫିର ଓଡ଼ିଶା ଏବଂ ଆସାମ ବିପକ୍ଷ ମ୍ୟାଚ୍‌ର ଅନ୍ତିମ ଦୁଇ ଦିନର ଖେଳ ବର୍ଷା ଧୋଇ ଦେଇଛି। ପ୍ରଥମପାଳି ଅସମାପ୍ତ ରହିବା ସତ୍ତ୍ୱେ ମ୍ୟାଚ୍‌କୁ ଡ୍ର ଘୋଷିତ କରାଯାଇଛି। ତେବେ ବୋଲିଂରେ ୪ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏହି ମ୍ୟାଚ୍‌ରୁ ମୋଟ ୬ ପଏଣ୍ଟ ହାସଲ କରିଛି। ଆସାମକୁ ୨ ପଏଣ୍ଟ ମିଳିଛି। ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରୁ ୧୭ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। କଟକ ଏମଜିଏମ ଗ୍ରାଉଣ୍ଡରେ ଆସନ୍ତା ୨ ତାରିଖରୁ ବିଦର୍ଭ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ପ୍ରକାଶଥାଉକି, କିଟ୍‌ରେ ଆସାମ ପ୍ରଥମେ ବ୍ୟାଟିଂ କରି ୨୧୬ରନ ସଂଗ୍ରହ କରିଥିଲା। ଓଡ଼ିଶା ପ୍ରଥମ ପାଳିରେ ୩ ୱିକେଟ ହରାଇ ୧୬୯ ରନ କରିଥିଲା।

**ସବଜୁନିୟର ବାଳକ ଜାତୀୟ ଫୁଟବଲ**

# ମଣିପୁରଠାରୁ ହାରିଲା ଓଡ଼ିଶା

**କଟକ,୨୯।୧୦(ସମିସ):** ପଞ୍ଜାବ ଅମୃତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ୦-୬ ଗୋଲରେ ମଣିପୁର ଠାରୁ ପରାସ୍ତ ହୋଇଛି। ବିଜୟୀ ଦଳର ମିଡଫିଲ୍ଡର ସେଖ୍ ସାହିଲ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଚାମ୍ପିଅନସିପ୍‌ରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚରେ ଦଳ ଶୋଚନୀୟ ଭାବେ ମିଜୋରାମ ଠାରୁ ହାରିଥିଲା। ୩୧ ତାରିଖରେ ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ବିହାରକୁ ଭେଟିବ।

# କାୟାକିଂ ଓ କାନୋଇଂ ମହିଳା ଲିଗ୍ ଉଦ୍‌ଯାପିତ





**କଟକ,୨୯।୧୦(ସମିସ):** ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଖେଲୋ ଇଣ୍ଡିଆ କାୟାକିଂ ଓ କାନୋଇଂ ମହିଳା ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବୟସ ବର୍ଗର ମୋଟ ୯୦ ପ୍ରତିଯୋଗୀ ଭାଗ ନେଇଥିଲେ। କଟକ ମହାନଗର ନିଗମ ଡେପୁଟି ମେୟର ଦମୟନ୍ତୀ ମାଝୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବରିଷ୍ଠ ସଚିବ ଦୀପଙ୍କର ମହାପାତ୍ର, ଉଚ୍ଚଶିକ୍ଷା ବିଭାଗର ଉପସଚିବ ସ୍ମିତା ପାଢ଼ୀ, ଜଗତପୁର ଜଳକ୍ରୀଡ଼ା କେନ୍ଦ୍ରର ଇନଚାର୍ଜ ତୈଲୋକ୍ୟ ସାହୁ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ବୟସ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଶିକ୍ଷକ ଜନସନ ସିଂହ, ରାଜକୁମାର ନିସାଦ, ନାଜିସ ମନୋସୋରୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

**କାନବେରାର ମାନୁକା ଓଭାଲରେ ପ୍ରବଳ ବର୍ଷା**

# ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି-୨୦ ବାତିଲ

କାନବେରା,୨୯।୧୦(ଏଜେନ୍ସି):

ଭ୍ରମଣକାରୀ ଭାରତ ଓ ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ବୁଧବାର ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଶୁବମନ ଗିଲଙ୍କ ବିସ୍ଫୋରକ ବ୍ୟାଟିଂ କରି ଫର୍ମକୁ ଫେରିବାକୁ ଉଦ୍ୟମ କରୁଥିବାବେଳେ ବର୍ଷା ପ୍ରତିବନ୍ଧକ ସାଜିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୯.୪ ଓଭରରେ ଅଭିଷେକ ଶର୍ମା (୧୪ବଲ୍‌ରେ ୧୯ରନ୍)ଙ୍କ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହି ସମୟରେ ସୂର୍ଯ୍ୟକୁମାର ଓ ଗିଲ ୩୫ ବଲ୍‌ରୁ ୬୨ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋର ଆଡକୁ ନେଇଯାଉଥିଲାବେଳେ ଅମ୍ପାୟାର ଏହି ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଯାହା ଫଳରେ ୨୦ ବଲ୍‌ରେ ୪ ଚୌକା ଓ ୧ ଛକା ସହ ୩୭ ଓ ୨୪ ବଲ୍‌ରେ ୩ ଚୌକା ଓ ୨ଛକା ସହ ୩୯ ରନ୍ କରି ଫର୍ମକୁ ଫେରିବାକୁ ଯେଉଁ ଚେଷ୍ଟା କରିଥିଲେ ତାହା ବର୍ଷା ଯୋଗୁ ଫସର ଫାଟିଯାଇଥିଲା। ଉଭୟ ଖେଳାଳି ସଟ୍ ପରେ ସଟ୍ ମାରି ଅଷ୍ଟ୍ରେଲିଆ ବୋଲରଙ୍କ ବିପକ୍ଷରେ ନୁହେଁ ବରଂ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଦେଖାଯାଇଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୩୧ ତାରିଖ ବା ଶୁକ୍ରବାର ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।



ଏହି ମ୍ୟାଚ୍ ପୂର୍ବରୁ ୨୦୨୫ରେ ଭାରତୀୟ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୧୦ରୁ କମ୍ ଷ୍ଟ୍ରାଇକ୍‌ରେଟ୍‌ରେ ୧୦୦ ରନ୍ କରିଥିଲେ। ଆଜି ଏଠାରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍‌ଙ୍କୁ ସ୍କୋୟାର ଲେଗ୍‌ରେ ଯେପରି ଛକା ମାରିଥିଲେ, ସେଥିରୁ ତାଙ୍କୁ କାହିଁକି ବିଶ୍ୱର ଶ୍ରେଷ୍ଠ ବ୍ୟାଟର ବୋଲି ଅଭିହିତ କରାଯାଉଛି ତାହାର ଝଲକ ଦେଖାଇଥିଲେ। ଏହି ସଟ୍‌ହିଁ ତାଙ୍କ ଆତ୍ମବିଶ୍ୱାସ ଫେରାଇଥିଲା ଓ ଏହା ପରେ ସେ ମାନୁକା ଓଭାଲର ବାଉନ୍ସି ପିଚ୍‌ରେ ଅତି ସହଜରେ ବଡ ସଟ ଏବଂ ବାଉଣ୍ଡାରୀ ମାରିବାକୁ ସାହସ କରିଥିଲେ। ୨୦ ରନ୍ ଯାଏ ତାଙ୍କ ବ୍ୟାଟ ଶାନ୍ତ ଥିଲା। କିନ୍ତୁ ନାଥାନ ଏଲିସ୍ ବୋଲିଂ କରିଥିବା ଇନିଂସର ୧୦ମ ଓଭରରେ ତାଙ୍କ ବ୍ୟାଟ କଥା କହିଥିଲା। ଏଲିସ୍‌ଙ୍କ ପ୍ରଥମ ବଲ୍‌କୁ ସ୍କୋୟାର କଟ୍, ଦ୍ୱିତୀୟ ବଲ୍‌କୁ ଅଫ-ଡ୍ରାଇଭ୍ ସଟ ମାରି ବାଉଣ୍ଡାରୀ ବାହାରକୁ ପଠାଇଥିଲେ। ୱାଇଡ ପରେ ତୃତୀୟ ବଲ୍‌କୁ ସେ ମିଡ୍ ୱିକେଟ ଅଞ୍ଚଳକୁ ପୁଲ କରି ଛକା ମାରିବା ପରେ ବର୍ଷା ପ୍ରବଳ ହୋଇଥିଲା। ଅନ୍ୟପଟେ ଗିଲ୍ ଉଭୟ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି କିଛି ଚମତ୍କାର ସଟ୍ ମାରିଥିଲେ। ବାମହାତୀ ସ୍ପିନର ମ୍ୟାଟ୍ କୁନେମାନଙ୍କୁ କାଓ କର୍ନରରେ ସ୍ୱିପ୍ କରି ଛକା ମାରିବା ପରେ ଭାରତର ରନ୍ ହାର ବୃଦ୍ଧି ପାଇଥିଲା।

ଭାରତ ଖେଳିଥିବା ୯.୪ ଓଭରରେ ଦୁଇଥର ବର୍ଷା ବାଧକ ସାଜିଥିଲା। ପ୍ରଥମଥର ଖେଳ ବାଧା ପାଇବା ପରେ ମ୍ୟାଚ୍‌ର ଓଭର ସଂଖ୍ୟା ୨୦ରୁ ୧୮କୁ କମାଇଦିଆଯାଇଥିଲା। ଏହା ପରେ ଖେଳାଯାଇଥିବା ୪.୪ ଓଭରରେ ଭାରତ ୫୪ ରନ୍ ଉଠାଇଥିଲା। ବର୍ଷା ହୋଇଥିବାରୁ ବଲ ମଧ୍ୟ ଓଦା ହୋଇଯାଇଥିଲା। ଏହା ଫଳରେ ବୋଲିଂ କରିବା ଓ ଫିଲ୍ଡିଂ କରିବା ମଧ୍ୟ ଅଷ୍ଟ୍ରେଲୀୟଙ୍କ ଲାଗି କଷ୍ଟକର ହୋଇଥିଲା। ପୂର୍ବରୁ ଭାରତୀୟ ଓପନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲେ। ଜାଭିୟର ବାର୍ଟଲେଟଙ୍କ ଗୋଟିଏ ଓଭରରେ ୩ଟି ବାଉଣ୍ଡାରୀ ମାରି ତାଙ୍କ ବ୍ୟାଟିଂ ଶୈଳୀ ଦେଖାଇଥିଲେ। କିନ୍ତୁ ଏହା ବେଶି ସମୟ ତିଷ୍ଠି ନ ଥିଲା। ଏହାର ପର ଓଭରରେ ଏଲିସ୍‌ଙ୍କ କ୍ରମାଗତ ଦ୍ୱିତୀୟ ସ୍ଲୋ ବଲ୍‌ରେ ଅଭିଷେକ ଫେଲ ମାରିଥିଲେ। ସେ ଖେଳିଥିବା ୧୪ତମ ବଲ୍‌କୁ ମିଡ୍ ଅଫ୍ ଦେଇ ବାହାରକୁ ମାରିବାକୁ ଯାଉଥିଲାବେଳେ ସେଠାରେ ଜଗିଥିବା ଫିଲ୍ଡର ଟିମ୍ ଡେଭିଡ୍‌ଙ୍କ ହାତକୁ କ୍ୟାଚ୍ ଚାଲିଯାଇଥିଲା। ୪ଟି ଚୌକା ସହ ସେ ୧୯ ରନ୍ କରିଥିଲେ। ଏହି ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ଟି-୨୦ରେ ଅଷ୍ଟ୍ରେଲୀୟ ବୋଲରଙ୍କୁ ଯେ ଭାରତୀୟ ବ୍ୟାଟର ବାଉନ୍ସି ପିଚ୍‌ରେ ଭୟ କରୁନାହାନ୍ତି, ତାହା ପ୍ରମାଣିତ କରିଥିଲେ।

## ପ୍ରଥମ ୩ଟି ମ୍ୟାଚ୍‌ରୁ ନୀତୀଶ ବାଦ୍

ବେକରେ ଯନ୍ତ୍ରଣା ହେବାରୁ ଭାରତୀୟ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୩ଟି ଟି-୨୦ ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଅଷ୍ଟ୍ରେଲିଆ ସହ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ତାଙ୍କ ବାମପଟ ଗୋଡ ଖଞ୍ଜାରେ ଆଘାତ ଲାଗିଥିଲା। ଏହି ଆଘାତ ସମସ୍ୟାରୁ ମୁକୁଳିବା ପରେ ଏବେ ବେକରେ ଯନ୍ତ୍ରଣା ହେବା ଯୋଗୁ ନେଟ୍ ପ୍ରାକ୍ଟିସ କରି ପାରି ନ ଥିଲେ। ଏହା ପରେ ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଏକ ସପ୍ତାହ ଲାଗି ବିଶ୍ରାମ ନେବାକୁ ପରାମର୍ଶ ଦେଇଛି। ଏହା ଫଳରେ ସେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ୩ଟି ଟି-୨୦ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ। ଚତୁର୍ଥ ଟି-୨୦ ନଭେମ୍ବର ୪ରେ ଖେଳାଯିବ। ଏହା ମଧ୍ୟରେ ସେ ସୁସ୍ଥ ହୋଇଯିବେ ବୋଲି ମେଡିକାଲ ଟିମ୍ ଆଶା ରଖିଛି। ସେ ଆହତ ହେବାରୁ ଶିବମ ଦୁବେଙ୍କୁ ଭାରତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ସାମିଲ କରିଥିଲା। ବ୍ୟାଟିଂରେ କିଛିଟା ପ୍ରଦର୍ଶନ କରୁଥିବା ହର୍ଷିତ ରାଣାଙ୍କୁ ପ୍ରମୁଖ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କ ସ୍ଥାନରେ ପ୍ରଥମ ମ୍ୟାଚ୍‌ରେ ସୁଯୋଗ ଦିଆଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS